R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୨୬
ତିଥି: ସପ୍ତମୀ
୦୮ ଫେବୃଆରୀ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 126
08 February 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟିକ ଚୁକ୍ତି ଚୂଡାନ୍ତ

## ୫ ବର୍ଷରେ ୫୦୦ ବିଲିୟନ୍ ଡଲାରର ବ୍ୟବସାୟ

ନୂଆଦିଲ୍ଲୀ, ୭ ।୨ : ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଲାଗି ଏକ ଅନ୍ତରୀଣ ଢାଞ୍ଚା ଚୂଡାନ୍ତ ହୋଇଛି । ଉଭୟ ଦେଶ ପକ୍ଷରୁ ମିଳିତ ବିବୃତି ପ୍ରକାଶ ପାଇଛି । ବିବୃତି ଅନୁଯାୟୀ ଭାରତରୁ ରପ୍ତାନୀ ହେଉଥିବା ସାମଗ୍ରୀ ଉପରେ ଆମେରିକା ୧୮ ପ୍ରତିଶତ ଶୁଳ୍କ ଲଗାଇବ । ଏହି ଡିଲ୍‌ରେ ଭାରତ ଅଧିକ ଲାଭବାନ ହେବ ବୋଲି ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି ।



ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଗୋୟଲ କହିଛନ୍ତି ଯେ ଆମେରିକା ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଲଗାଇଥିବା ୫୦ % ଶୁଳ୍କକୁ ହ୍ରାସ କରି ୧୮ % କରାଯାଇଛି । ଯାହା ଫେବୃଆରୀ ୭ ରୁ କାର୍ଯ୍ୟକାରୀ ହେବ । ଏକ ଅନ୍ତରୀଣ ବାଣିଜ୍ୟିକ ଚୁକ୍ତି ଦୁଇ ପକ୍ଷ ମଧ୍ୟରେ ସ୍ୱାକ୍ଷର ହୋଇଛି । ଏହାଦ୍ୱାରା ରପ୍ତାନୀ, ଚାକିରୀ ଓ ବଜାର ବେଶ୍ ଲାଭବାନ ହେବ । ମାର୍ଚ୍ଚ ମାସରେ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷର କରାଯିବ । ଭାରତ ଓ ଆମେରିକା ଉଭୟ ପକ୍ଷ ଅନ୍ତରୀଣ ବାଣିଜ୍ୟିକ ଚୁକ୍ତିରେ ସମାନୁପାତିକ ବ୍ୟବସ୍ଥା ଉପରେ ଫୋକସ କରିବା ସହ ପରସ୍ପର ସୁବିଧା ନେଇ କାର୍ଯ୍ୟ କରିବେ । ଏହି ଶୁଳ୍କ ହ୍ରାସ ଭାରତର ବୟନ ଓ ପୋଷାକ, ଚମଡା, ଜୋତା, ପ୍ଲାଷ୍ଟିକ, ରବର ସାମଗ୍ରୀ, ଅର୍ଗାନିକ, ରସାୟନ, ଘର ସଜ୍ଜା ଉପକରଣ, ହସ୍ତତନ୍ତ ଆଦି କ୍ଷେତ୍ର ବେଶ୍ ଲାଭବାନ ହେବ । ଅଳ୍ପ ଶୁଳ୍କ ଯୋଗୁଁ ବଜାରରେ ମୂଲ୍ୟ ପ୍ରତିଯୋଗିତାରେ ଉନ୍ନତି ଆସିବ । କେତେକ ଭାରତୀୟ ସାମଗ୍ରୀ ଉପରୁ ମଧ୍ୟ ଶୁଳ୍କ ହ୍ରାସ କରାଯାଇଛି । ସେଥିମଧ୍ୟରେ ଜେନେରିକ ଔଷଧ, ହୀରା ଓ ମୋତି କେତେକ ହସ୍ତତନ୍ତ ସାମଗ୍ରୀ ଅନ୍ତର୍ଭୁକ୍ତ । ଭାରତ ମଧ୍ୟ କେତେକ ସ୍ୱୟଂ ଚାଳିତ ସାମଗ୍ରୀ ଉପରେ ଶୁଳ୍କ ଲଗାଇପାରେ । ଆମେରିକୀୟ କୃଷି ଉତ୍ପାଦଗୁଡିକ (୯ ପୃଷ୍ଠାରେ)

- ରତ୍ନପଥର, ହୀରା, ଔଷଧ ଟିକସ ମୁକ୍ତ
- ବୟନ କ୍ଷେତ୍ରକୁ ମିଳିବ ଅଧିକ ଫାଇଦା
- କୃଷିଜାତ ସାମଗ୍ରୀ ଉପରେ ଟିକସ ନାହିଁ
- ଆଜିଠୁ ଲାଗୁ ହେବ ନୂଆ ଶୁଳ୍କ ୧୮ %

## ମାଲେସିଆରେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ, ୭ ।୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମାଲେସିଆ ଗସ୍ତରେ ଯାଇଛନ୍ତି । ମାଲେସିଆ ଗସ୍ତରେ ଯିବା ପୂର୍ବରୁ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମଙ୍କ ନିମନ୍ତ୍ରଣ କ୍ରମେ ସେ ଯାଉଛନ୍ତି । ଭାରତ ଏବଂ ମାଲେସିଆ ମଧ୍ୟରେ ଐତିହାସିକ ସମ୍ପର୍କ ଗତ କିଛି ବର୍ଷ ମଧ୍ୟରେ ଦୃଢ ପ୍ରଗତି ହାସଲ କରିଛି ।

ପ୍ରଧାନମନ୍ତ୍ରୀ ଇବ୍ରାହିମଙ୍କ ସହ ତାଙ୍କର ଆଲୋଚନା ଏବଂ ଆମର ବ୍ୟାପର ରଣନୀତିକ ସହଭାଗିତକୁ ଅଧିକ ବୃଦ୍ଧି କରିବାକୁ ଅପେକ୍ଷ କରିଛି । ମାଲେସିଆରେ ଥିବା ଭାରତୀୟ ସଂପ୍ରଦାୟଙ୍କୁ ଭେଟିବାକୁ ଆଗ୍ରହୀ । ପ୍ରାୟ ୩୦ ଲକ୍ଷ ସଂଖ୍ୟାରେ ବିଶ୍ୱର ସର୍ବବୃହତ ପ୍ରବାସୀ ସେଠାରେ ରହିଛନ୍ତି । ମାଲେସିଆରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ପୁଲ୍ଲା ଲୋଙ୍ଗପୁରରେ ରହୁଥିବା ଭାରତୀୟ ମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମାଲେସିଆ ପ୍ରଧାନମନ୍ତ୍ରୀ ବିମାନ ବନ୍ଦରକୁ ଆସି ତାଙ୍କୁ ସ୍ୱାଗତ କରିଥିଲେ । ଏହା ତାଙ୍କର ଭଲ ପାଇବା ଓ ଭାରତ ପ୍ରତି ସମ୍ମାନକୁ ପ୍ରତିଫଳିତ କରେ । ତେବେ ପ୍ରଧାନମନ୍ତ୍ରୀ ମାଲେସିଆରେ ପହଞ୍ଚିବା ପରେ ବିମାନ ବନ୍ଦରରେ ତାଙ୍କୁ ସ୍ୱାଗତ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ମୋଦୀ ଇବ୍ରାହିମଙ୍କୁ ଧନ୍ୟବାଦ ଦେଇଛନ୍ତି । ରବିବାର ଦ୍ୱିପାକ୍ଷିକ ଆଲୋଚନା ହେବ । ଦୁଇ ଦେଶ ସେମାନଙ୍କ ସମ୍ପର୍କକୁ ଅଧିକ ସୁଦୃଢ କରିବାକୁ ଅନେକ ବୁଝାମଣା କରିବାର ସମ୍ଭାବନା ରହିଛି । ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ଗଭୀର ପ୍ରତିରକ୍ଷା ସହଯୋଗ ଏବଂ ଦୃଢ ଆର୍ଥିକ ସମ୍ପର୍କ ପାଇଁ ଏକ ପ୍ରମୁଖ ପ୍ରୟାସ ଉପରେ ଧ୍ୟାନ ଦେବ । ଭାରତ ଏବଂ ମାଲେସିଆ ମଧ୍ୟରେ ଐତିହାସିକ ସମ୍ପର୍କ ଗତ କିଛି ବର୍ଷ ମଧ୍ୟରେ ଅଗ୍ରଗତି କରିଛି ବୋଲି ପ୍ରଧାନ ମନ୍ତ୍ରୀ ଉଲ୍ଲେଖ କରିଥିଲେ ।




### ଆଜି ଦ୍ୱିପାକ୍ଷିକ ଆଲୋଚନା

### ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ନିଖିଲର ଅପିଲ୍

## ମାଓମୁକ୍ତ ହେଲା ରାୟଗଡ଼ା

ଭୁବନେଶ୍ୱର, ୭ ।୨ (ସବ୍ୟୁ): କୁଖ୍ୟାତ ମାଓ ଦମ୍ପତ୍ତି ନିଖିଳ ଓ ଇନ୍ଦୁଙ୍କ ସହ ୧୫ ମାଓବାଦୀଙ୍କ ଆତ୍ମସମର୍ପଣ ପରେ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ଏଡିଜି ସଂଜୀବ କୁମାର ପଣ୍ଡା । ବାସଧାରା ଘୁମୁସର ନାଗାବଳି ଡିଭିଜନର ଦୁଇ କୁଖ୍ୟାତ ମାଓବାଦୀ ନିଖିଲ ଓ ଇନ୍ଦୁଙ୍କ ସହ ୧୩ ମାଓବାଦୀ । ମାଓ ଦମ୍ପତି ନିଖିଲ ଓ ଇନ୍ଦୁଙ୍କ ମୁଣ୍ଡରେ ଏକ କୋଟି ଦଶ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା । ଆତ୍ମସମର୍ପଣ କରିଥିବା ମାଓବାଦୀ ମାନେ ହିଂସା ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା କହିଛନ୍ତି । ଏହା ସହିତ ଜଙ୍ଗଲରେ ରହିଯାଇଥିବା ବାକି ମାଓବାଦୀ ମାନେ ମଧ୍ୟ ହିଂସାର ରାସ୍ତା ପରିହାର କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି ।

ଆତ୍ମସମର୍ପଣ (୯ ପୃଷ୍ଠାରେ)

**ସୁକମାରେ ୨୧ ମାଓବାଦୀଙ୍କ ଆତ୍ମସମର୍ପଣ**

### ଫଗୁଣରେ ଦ୍ୱିଗୁଣ ଶୀତ

## ଆଭ୍ୟନ୍ତରୀଣକୁ ଫେରିଲା ଜାଡ଼

ଭୁବନେଶ୍ୱର, ୭ ।୨(ସବ୍ୟୁ): ଚଳିତ ବର୍ଷ ଶୀତ ଏକ ପ୍ରକାର ଲୁଚକାଳି ଖେଳୁଛି । ମାଘ ମାସ ଶେଷ ହୋଇ ଫଗୁଣର ୬ ଦିନି ପ୍ରବେଶ କରିଛି । ବସନ୍ତ ଋତୁରେ ଶୀତରେ ଲୋକଙ୍କ ଜୀବନ ଅସ୍ତବ୍ୟସ୍ତ ହେଉଛି । ପୁଣି ଆଭ୍ୟନ୍ତରୀଣରେ ଶୀତ ଫେରିଛି । ଶନିବାର କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ସହରରେ ବିପରୀତ ପାଗ ଦେଖିବାକୁ ମିଳୁଛି ।

ଶୀତର ଉତ୍‌ଥାନ ପତନ ସହ ପାରଦ ଉପର ତଳ ଭିତରେ ଶୀତଋତୁର ଶେଷ ସମୟରେ ପୁଣି ପାରଦ ତଳମୁହାଁ ହୋଇଛି । କଥାରେ ଅଛି ମାଘରେ ବାଘ ପରି...ଫଗୁଣରେ ଦ୍ୱିଗୁଣ ଶୀତ । ଅର୍ଥାତ ଫଗୁଣ ମାସରେ ପୁଣି ଶୀତ ଫେରିଛି । ଆଭ୍ୟନ୍ତରୀଣ ଓ ପାହାଡ଼ିଆ ଅଞ୍ଚଳରେ ରାତିର ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ଠାରୁ ୫.୮ ଡିଗ୍ରୀ ସେଲସିୟସ ଯାଏଁ ଖସିଛି । ଶନିବାର ଭୋରରୁ ଜି. ଉଦୟଗିରିରେ ୫.୬ଡିଗ୍ରି ରେକର୍ଡ଼ ହୋଇଛି । ଗତକାଲି ସହରର ତାପମାତ୍ରା ୯ ଡିଗ୍ରୀ ରେକର୍ଡ଼ କରାଯାଇଥିବା ବେଳେ ଗୋଟିଏ ଦିନରେ ତାପମାତ୍ରା ହଠାତ ୩.୪ ଡିଗ୍ରୀ ତଳକୁ ଖସି ୫.୬ ଡିଗ୍ରୀରେ ପହଞ୍ଚିଛି ।

ଜାଡ଼ ସାଙ୍ଗକୁ ପ୍ରବଳ ଶୀତ ଅନୁଭୂତ ହୋଇଛି । ସୁଲୁସୁଲିଆ ଶୀତଳ ପବନ ବୋହିବା ଯୋଗୁଁ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି । ଦିନରେ ସୂର୍ଯ୍ୟଙ୍କ ପ୍ରକୋପ ସହ ତାତି ରହୁଥିବା ବେଳେ ସଞ୍ଜ ନଇଁଲେ ଥଣ୍ଡାର ପ୍ରକୋପ ବଢୁଛି । ରାତି ବଢ଼ିବା ସହ ଶୀତ ଅନୁଭୂତ ହେଉଛି । କିଛି ଦିନ ହେଲା ଶୀତ ଏକ ପ୍ରକାର ଉଭାନ ହୋଇଯାଇଥିବା ଯୋଗୁଁ ସାଧାରଣ ଲୋକ ନିଜ ଶୀତ ବସ୍ତ୍ର ପରିଧାନକୁ ଭୁଲି (୯ ପୃଷ୍ଠାରେ)

## ମହାନଦୀ ବିବାଦ, ମାର୍ଚ୍ଚ ୧୪ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର, ୭ ।୨ (ସବ୍ୟୁ) : ଛତିଶଗଡ ଓ ଓଡିଶା ମଧ୍ୟରେ ମହାନଦୀ ଜଳ ବିବାଦକୁ ନେଇ ଥିବା ମାମଲାର ଶୁଣାଣି ଆଜି ଟ୍ରିବ୍ୟୁନାଲରେ ହୋଇଛି । ଆସନ୍ତା ମାର୍ଚ୍ଚ ୧୪ ତାରିଖକୁ ଶୁଣାଣି ଘୁଞ୍ଚିଛି । ଫେବୃଆରୀ ଶେଷ ସପ୍ତାହରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ସ୍ପଟ୍ ପରିଦର୍ଶନକରାଯିବ । ସ୍ପଟ୍ ପରିଦର୍ଶନ ପରେ ମାର୍ଚ୍ଚ ୧୪ରେ ପରବର୍ତ୍ତୀ ଶୁଣାଣି କରାଯିବ । ତେବେ ଏପ୍ରିଲ ୧୩ରେ ଟ୍ରିବୁନାଲର ଅବଧି ଶେଷ ହେବାକୁ ଯାଉଛି । ଉଭୟ ଓଡିଶା ଓ ଛତିଶଗଡ ସରକାର ଟ୍ରିବୁନାଲ ଅବଧିକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ୨୦୨୭ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ବୃଦ୍ଧି ଲାଗି ଅନୁରୋଧ କରାଯାଇଛି । ଟ୍ରିବୁନାଲ ଅଧ୍ୟକ୍ଷ ପଦ ଖାଲି ଥିବାରୁ ୯ ମାସ ଲାଗି କାର୍ଯ୍ୟ ହୋଇନଥିଲା । ତେବେ ଆଜି ଶୁଣାଣି ସମୟରେ କୌଣସି ଉଚ୍ଚ ପଦସ୍ଥ ଅଧିକାରୀ ଓ ଓକିଲ ଉପସ୍ଥିତ ନଥିବା ସୂଚନା ମିଳିଛି । (୯ ପୃଷ୍ଠାରେ)

**ଏଜିଙ୍କ ଅନୁପସ୍ଥିତି ନେଇ ପ୍ରଶ୍ନ ଉଠାଇଲେ ନବୀନ ଜବାବ ରଖିଲେ ଆଡ୍‌ଭୋକେଟ୍ ଜେନେରାଲ**

### ବିସିପିପିଇଆର୍ ପାଇଁ ଅର୍ଥନୈତିକ ଯୋଜନା ଆରମ୍ଭ

## ୮୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ, ୩୦ ରୁ ଅଧିକ ପଲିସି ଇନିସେଟିଭ୍

ଭୁବନେଶ୍ୱର, ୭ ।୨ (ସବ୍ୟୁ) : ବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ପାଇଁ ଏକ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅର୍ଥନୈତିକ ଯୋଜନାକୁ ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ନୀତିଆୟୋଗର ସଦସ୍ୟ ରାଜୀବ ଗୌବା ଏବଂ ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମ ମଧ୍ୟ ଯୋଗଦେଇଛନ୍ତି ।

ଏହି ଅବସରରେ ଲୋକସେବା ଭବନ ସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଅର୍ଥନୈତିକ ଯୋଜନାକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିସିପିପିଇଆର୍ ଅଞ୍ଚଳକୁ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ ।



ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଭାରତର ଅଭିବୃଦ୍ଧିର ଆକାଶରେ ଏହା ଏକ ନୂତନ ତାରକା ଭଳି ଦୃଶ୍ୟମାନ ହେବ ।


ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ଅଞ୍ଚଳର ସବୁ ସହରର କିଛି ନା କିଛି ନିଜସ୍ୱ ସାମର୍ଥ୍ୟ ରହିଛି, ସ୍ୱତନ୍ତ୍ରତା ରହିଛି । ଯେପରିକି ଟେକ୍ନୋଲୋଜି କ୍ଷେତ୍ରରେ ଭୁବନେଶ୍ୱର, ବିଜନେସ୍ ପରମ୍ପରାରେ କଟକ, ସାଂସ୍କୃତିକ ଗରିମାରେ ପୁରୀ ଓ ବନ୍ଦର ଭିତ୍ତିକ ବିକାଶରେ ପାରାଦୀପ । ବର୍ତ୍ତମାନ ଆମର ପରିକଳ୍ପନା ହେଉଛି, ଏହି ଅଞ୍ଚଳ ଗୁଡିକୁ ଆଧୁନିକ ଭିତ୍ତିଭୂମି ସହିତ ଯୋଡାଯିବ ଏବଂ ପ୍ରତ୍ୟେକ ଅଞ୍ଚଳରେ ବିଭିନ୍ନ ପ୍ରକାର ପ୍ରକଳ୍ପ କରାଯିବ । ମେଟାଲ ଡାଉନଷ୍ଟ୍ରିମ୍, ବାୟୋଟେକ୍, ଟେକ୍ସଟାଇଲ୍, କେମିକାଲ୍‌ସ, ପର୍ଯ୍ୟଟନ, ଶିକ୍ଷା ଓ ଆଇ.ଟି ପରି ୮୦ରୁ ଅଧିକ ପ୍ରକଳ୍ପର ଯୋଜନା କରାଯାଇଛି । ଏହା ସହିତ ୩୦ରୁ ଅଧିକ ପଲିସି ଇନିସିଏଟିଭ୍ ନିଆଯାଇ ଏ ସମଗ୍ର ଅଞ୍ଚଳକୁ ବିକାଶ ଓ ସମୃଦ୍ଧିର ପ୍ରୟୋଗଶାଳା କରାଯିବ । (୯ ପୃଷ୍ଠାରେ)

### ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ କଂଗ୍ରେସର ସମାଲୋଚନା

## ଏହା ଚୁକ୍ତି ନୁହେଁ, ଆତ୍ମସମର୍ପଣ

ନୂଆଦିଲ୍ଲୀ, ୭ ।୨ : ଭାରତ ଓ ଆମେରିକା ବାଣିଜ୍ୟିକ ଚୁକ୍ତିକୁ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି । ଏହି ଚୁକ୍ତି ଏକ ଆତ୍ମସମର୍ପଣ ବୋଲି କଂଗ୍ରେସ ପକ୍ଷରୁ କୁହାଯିବା ସହ ଏହା ଭାରତ ଓ ଦେଶବାସୀଙ୍କ ପାଇଁ ଏକ ଧୋକା ବୋଲି କୁହାଯାଇଛି ।

ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ପବନ ଖେରା କହିଛନ୍ତି ଯେ ଖୁବ୍‌ଶୀଘ୍ର ଭାରତରେ ଆମେରିକୀୟ ସାମଗ୍ରୀ ବିପୁଳ ପରିମାଣରେ ଗଦା ହେବାକୁ ଯାଉଛି । ଏହା ଆମ ଚାଷୀ ଓ କ୍ଷୁଦ୍ର ମଧ୍ୟମ ବ୍ୟବସାୟୀଙ୍କ ସ୍ୱାର୍ଥକୁ କ୍ଷତିପହଞ୍ଚାଇବ । ଏହା ଏକ ଧୋକା ଚୁକ୍ତି । ୭୫ ବର୍ଷ ଧରି ଭାରତ ଯେଉଁ ନୀତିରେ ଠିଆ ହୋଇଥିଲା ତାହା ସହ ବୁଝାବଣା କରାଯାଇଛି । ଏହାକୁ ମୁଁ ଚୁକ୍ତି ବୋଲି କହିବି ନାହିଁ, ଏହା କେବଳ ଏକ ବୁଝାବଣା । ମୁଣ୍ଡରେ ବନ୍ଧୁକ ଲଗାଇ ଚୁକ୍ତି କରାଯାଏ ନାହିଁ । ଏହା ବ୍ଲାକମେଲ୍ । ବାଣିଜ୍ୟ ମନ୍ତ୍ରୀ କହିଛନ୍ତି ଯେ ଭାରତ ଦୁଗ୍ଧ ଜାତୀୟ ସାମଗ୍ରୀ ଉପରେ କୌଣସି ଶୁଳ୍କ ଦେବ ନାହିଁ । କୃଷି ଉତ୍ପାଦ ସାମଗ୍ରୀ ଉପରେ ମଧ୍ୟ ଶୁଳ୍କ ଦେବ ନାହିଁ । ଏହା କ'ଣ ସମାନୁପାତିକ ଶୁଳ୍କ ବ୍ୟବସ୍ଥାରେ ଆମେରିକୀୟ ସାମଗ୍ରୀ ପାଇଁ ଲାଗୁ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି । ଶ୍ରୀ ଖେରା କହିଛନ୍ତି ଯେ ଯେତେବେଳେ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷର ହୋଇଥିଲା ମନ୍ତ୍ରୀ ଶ୍ରୀ ଗୋୟଲ ବିଦେଶରେ ଥିଲେ । ସରକାର ଆମେରିକାର କଥା ଅନୁଯାୟୀ ପରିଚାଳିତ ହେଉଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଆମେ ସମସ୍ତେ ଜାଣିଛେ ଯେ ଟଙ୍କାର ସ୍ୱାସ୍ଥ୍ୟ କ'ଣ । ଆମେ ଟଙ୍କା କେଉଁଠୁ ପାଇବା ଓ ସାମଗ୍ରୀ କିପରି କିଣିବା । ଶ୍ରୀ ଗୋୟଲ ତାଲିକା ପଢିଛନ୍ତି, ମାତ୍ର ସେ ତାହା କିଣିବେ ନାହିଁ ବୋଲି କହିଛନ୍ତି ।





## ସୋସିଆଲ କୋଟ୍ସ



ମୋତେ ଅନେକ ଦିନରୁ ଅପେକ୍ଷାଥିଲା ବିଶାଲ ସାରଙ୍କ ସହିତ କାମ କରିବା ପାଇଁ । ତେଣୁ କାହାଣୀ ଶୁଣୁଶୁଣୁ ହଁ ଭରିଥିଲି । କାହାଣୀଟି ବେଶ ଭିନ୍ନ ଥିଲା, ଆଶା ଅଛି ଦର୍ଶକଙ୍କୁ ପସନ୍ଦ ଆସିବ ।

**ତ୍ରିପ୍ତି ଡିମ୍ରି, ଅଭିନେତ୍ରୀ**



ମୋର ଓ ବିଶାଲ ସାରଙ୍କ ସମ୍ପର୍କ ଖୁବ ପୁରୁଣା, ହେଲେ ୭ ରୁ ୮ ବର୍ଷ ପରେ ଆମେ ଏକାଠି କାମ କରୁଛୁ । ମୋ ପାଇଁ ଗୋଟିଏ ଫିଲ୍ମରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଚରିତ୍ରର ଗୁରୁତ୍ୱତା, ଯାହା ଏହି ଫିଲ୍ମରେ ଅଛି ।

**ସାହିଦ କପୁର, ଅଭିନେତା**



ମୁଁ ଚାହୁଁଛି ପାକିସ୍ତାନ ମ୍ୟାଚ ଖେଳିବା ପାଇଁ ଶ୍ରୀଲଙ୍କା ଆସୁ । ନ ଖେଳିଲେ କଣ ହେବ । ଭାରତ ଓ ପାକିସ୍ତାନ ମଧ୍ୟରେ ଜବରଦସ୍ତ ଶତ୍ରୁତା ରହିଛି ।

**ସୁନୀଲ ସେଟ୍ଟୀ, ଅଭିନେତା**



## ଫୁଡ୍ ନଏଜ୍

ଖାଦ୍ୟ ବିଷୟରେ କ୍ରମାଗତ ଚିନ୍ତାକୁ ଫୁଡ ନଏଜ କୁହାଯାଇଥାଏ । ଫୁଡ୍ ନଏଜ୍ କୌଣସି ଶାରୀରିକ ନୁହେଁ, ବରଂ ଏହା ମନର ଏକ ଅବସ୍ଥା । ଯେତେବେଳେ ଜଣେ ବ୍ୟକ୍ତିର ମନରେ ସବୁବେଳେ ଖାଦ୍ୟକୁ ନେଇ ଚିନ୍ତା ଚାଲିଥାଏ, ତାକୁ ଫୁଡ୍ ନଏଜ୍ କୁହାଯାଏ । ଏହି ବ୍ୟକ୍ତିମାନଙ୍କୁ ସବୁବେଳେ ପରବର୍ତ୍ତୀ ଖାଦ୍ୟର ଅପେକ୍ଷା ଥାଏ । ଆପଣ ଜଳଖିଆ ଖାଉଥିବା ସମୟରେ ମଧ୍ୟ ମନରେ ମଧ୍ୟାହ୍ନ ଭୋଜନରେ କ'ଣ ଖାଇବେ ସେହି ଚିନ୍ତା ରହିବାକୁ ହିଁ ଫୁଡ ନଏଜ କୁହାଯାଇଥାଏ । ଏଥିରେ ଅତ୍ୟଧିକ ଖାଦ୍ୟ ଆଗ୍ରହ ଦେଖିବାକୁ ମିଳିଥାଏ, ଯାହା ସାଧାରଣ ଭୋକଠାରୁ ଭିନ୍ନ । ଏଥିରେ ବ୍ୟକ୍ତି ନିଜକୁ ଖାଇବା ପ୍ରତି ଆକର୍ଷିତ ହେବାରୁ ରୋକିପାରେ ନାହିଁ।

### କାରଣ

**ହର୍ମୋନ୍‌ର ଅସନ୍ତୁଳନ-** ଶରୀରରେ 'ଘ୍ରେଲିନ୍' (ଭୋକ ବଢ଼ାଉଥିବା ହର୍ମୋନ୍) ଏବଂ 'ଲେପ୍ଟିନ୍' (ପେଟ ଭରିଥିବା ସଙ୍କେତ ଦେଉଥିବା ହର୍ମୋନ୍) ମଧ୍ୟରେ ସନ୍ତୁଳନ ବିଗିଡ଼ିଲେ ଫୁଡ୍ ନଏଜ୍ ସୃଷ୍ଟି ହୁଏ।

**ଡୋପାମାଇନ୍ ପ୍ରତିକ୍ରିୟା-** ମିଠା କିମ୍ବା ଜଙ୍କ୍ ଫୁଡ୍ ଖାଇଲେ ମସ୍ତିଷ୍କରେ ଡୋପାମାଇନ୍ ନାମକ ଏକ 'ଫିଲ୍ ଗୁଡ୍' କେମିକାଲ୍ ନିର୍ଗତ ହୁଏ । ମସ୍ତିଷ୍କ ସେହି ଖୁସି ପାଇଁ ବାରମ୍ବାର ଖାଇବାକୁ ସଙ୍କେତ ଦେଇଥାଏ, ତେଣୁ ଅଧିକ ଖାଇବାକୁ ଇଚ୍ଛା ହୋଇଥାଏ ।

**ମାନସିକ ଚାପ:** ଚିନ୍ତା ବା ଷ୍ଟ୍ରେସ୍ ଯୋଗୁଁ ଶରୀରରେ କୋର୍ଟିସୋଲ୍ ହର୍ମୋନ୍ ବଢ଼ିଥାଏ, ଯାହା ଖାଦ୍ୟ ଖାଇବା ପାଇଁ ତୀବ୍ର ଇଚ୍ଛା ଜାଗ୍ରତ କରେ । ଏହାକୁ ଷ୍ଟ୍ରେସ ଇଟିଂର ନାଁ ଦିଆଯାଇଥାଏ, ଏହା ମେଦବହୁଳତାର ମଧ୍ୟ କାରଣ ସାଜିଥାଏ ।

**ନିଦ୍ରା ଅଭାବ:** ଯଦି ଆପଣ ଠିକ୍ ଭାବେ ଶୋଉନାହାନ୍ତି, ତେବେ ମସ୍ତିଷ୍କର ନିୟନ୍ତ୍ରଣ ଶକ୍ତି କମିଯାଏ ଏବଂ ଖାଦ୍ୟ ପ୍ରତି ଅଧିକ ଆଗ୍ରହ ବଢ଼େ । ତେଣୁ ଲୋକମାନେ ଅସମୟରେ ବିଭିନ୍ନ ଖାଦ୍ୟ ଖାଇଥାଆନ୍ତି । ବିଶେଷଭାବେ ଜଙ୍କ ଫୁଡ ଖାଇବା ବଢିଥାଏ ।

### ସାବଧାନତା

ପର୍ଯ୍ୟାପ୍ତ ପ୍ରୋଟିନ୍ ଏବଂ ଫାଇବର୍ ଗ୍ରହଣ କରନ୍ତୁ । ନିଜ ଖାଦ୍ୟରେ ପ୍ରୋଟିନ୍ ଏବଂ ଫାଇବର୍‌ର ପରିମାଣ ବଢ଼ାନ୍ତୁ। ଏହା ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ଭର୍ତ୍ତି ରଖିଥାଏ ଏବଂ ବାରମ୍ବାର ଖାଇବା ଚିନ୍ତାକୁ କମ କରିଥାଏ। ସେହିଭଳି ଖାଇବା ସମୟରେ ମୋବାଇଲ୍ କିମ୍ବା ଟିଭି ଦେଖନ୍ତୁ ନାହିଁ। ଖାଦ୍ୟର ସ୍ୱାଦ ଏବଂ ଗନ୍ଧକୁ ଅନୁଭବ କରି ଧୀରେ ଧୀରେ ଖାଆନ୍ତୁ । ଏହା ମସ୍ତିଷ୍କକୁ ସନ୍ତୁଷ୍ଟ କରିଥାଏ । ଅନେକ ସମୟରେ ଶୋଷ ଲାଗିବାକୁ ଆମେ ଭୋକ ବୋଲି ଭାବି ଭୁଲ୍ କରୁ। ନିୟମିତ ପାଣି ପିଇବା ଦ୍ୱାରା ଅନାବଶ୍ୟକ ଖାଦ୍ୟ ଚିନ୍ତା କମିଥାଏ। ସେହିପରି ନିୟମିତ ବ୍ୟାୟାମ କଲେ ଶରୀରରେ ହର୍ମୋନ୍ ସନ୍ତୁଳିତ ରହେ ଏବଂ ମାନସିକ ଚାପ କମିଥାଏ, ଯାହା ଫୁଡ୍ ନଏଜ୍‌କୁ ନିୟନ୍ତ୍ରଣ କରେ । ପ୍ରତିଦିନ ୭ ରୁ ୮ ଘଣ୍ଟା ଶୋଇବା ଦ୍ୱାରା ଭୋକ ନିୟନ୍ତ୍ରଣ କରୁଥିବା ହର୍ମୋନ୍ ଗୁଡ଼ିକ ଠିକ୍ ଭାବେ କାମ କରନ୍ତି।

ତେବେ ଯଦି ଫୁଡ୍ ନଏଜ୍ ଯୋଗୁଁ ଆପଣଙ୍କ ଓଜନ ଅତ୍ୟଧିକ ବଢ଼ିଯାଉଛି କିମ୍ବା ଆପଣଙ୍କ ଦୈନନ୍ଦିନ ଜୀବନ ବାଧାପ୍ରାପ୍ତ ହେଉଛି, ତେବେ ଜଣେ ଡାକ୍ତର କିମ୍ବା ଡାଏଟିସିଆନ୍‌ଙ୍କ ସହ କଥା ହେବା ଉଚିତ ।



## ସ୍ୱାସ୍ଥ୍ୟ ପାଇଁ ଭଲ ମାଠିଆ ପାଣି

ଖରାଦିନେ ପାଣି ଥଣ୍ଡା ରଖିବା ପାଇଁ ସାଧାରଣତଃ ଫ୍ରିଜ ବ୍ୟବହାର କରାଯାଇଥାଏ । ହେଲେ ଫ୍ରିଜର ଥଣ୍ଡା ପାଣି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ତେଣୁ ସର୍ବଦା ପ୍ରାକୃତିକ ଥଣ୍ଡା ପାଣି ବ୍ୟବହାର ପାଇଁ ସମସ୍ତେ ଚେଷ୍ଟିତ ଥାଆନ୍ତି । ଯଦି ପ୍ରାକୃତିକ ଉପାୟରେ ପାଣିକୁ ଥଣ୍ଡା ରଖିବାକୁ ଚାହୁଁଛନ୍ତି, ତେବେ ମାଠିଆ ଏକ ଭଲ ବିକଳ୍ପ । ମାଠିଆ ପାଣିର ଅନେକ ଲାଭ ଥିବା ସହିତ ସ୍ୱାସ୍ଥ୍ୟକର ମଧ୍ୟ ହୋଇଥାଏ । ମାଠିଆରେ ପାଣି ରଖି ପିଇବା ଦ୍ୱାରା ଆମର ହଜମ ଶକ୍ତି ବଢିଥାଏ । ଶରୀର ହଜମ ଶକ୍ତିକୁ ପ୍ରାକୃତିକ ଉପାୟରେ ବଢାଇବା ପାଇଁ ଏହା ବିଶେଷ ଭାବେ ସହାୟକ ହୋଇଥାଏ । ସେହିଭଳି ମାଠିଆରେ ପାଣି ରହିଲେ ଏହା ପ୍ରାକୃତିକ ଉପାୟରେ ଥଣ୍ଡା ରହିଥାଏ । ଯାହାଫଳରେ ଏହାକୁ ପିଇବା ବେଳେ ଏହା ଆମ ତଣ୍ଟିର ମଧ୍ୟ କୌଣସି କ୍ଷତି କରି ନଥାଏ । ଏହାସହ ଖରା ଦିନେ ମାଠିଆ ପାଣି ପିଇଲେ ଅଂଶୁଘାତରୁ ମଧ୍ୟ ରକ୍ଷା ମିଳିଥାଏ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି । ତେଣୁ ଫ୍ରିଜର ଥଣ୍ଡା ପାଣି ବଦଳରେ ସର୍ବଦା ମାଠିଆର ପ୍ରାକୃତିକ ଥଣ୍ଡା ପାଣି ବ୍ୟବହାର କରନ୍ତୁ ।





### ଆଜି ଜନ୍ମଦିନ

## ପବିତ୍ର ମୋହନ ପ୍ରଧାନ

ପବିତ୍ର ମୋହନ ପ୍ରଧାନ ଓଡ଼ିଶା ଇତିହାସର ଏକ ଅନନ୍ୟ ବ୍ୟକ୍ତିତ୍ୱ, ଯିଏ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ଏବଂ ଓଡ଼ିଶାର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ଥିଲେ । ୧୯୦୮ ମସିହା ଫେବୃଆରୀ ୮ ତାରିଖରେ ଅନୁଗୁଳ ଜିଲ୍ଲା ପୋଇପାଳ ଗ୍ରାମର ଏକ ସାଧାରଣ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିବା ପବିତ୍ର ମୋହନ କଟକର ରେଭେନ୍ସା କଲେଜରୁ ଉଚ୍ଚଶିକ୍ଷା ଲାଭ କରିବା ପରେ ନିଜ ଜୀବନକୁ ଜନସେବାରେ ଉତ୍ସର୍ଗ କରିଥିଲେ। ତାଙ୍କ ଜୀବନର ସବୁଠାରୁ ବଡ଼ ସଂଘର୍ଷ ଥିଲା ତାଳଚେର ଗଡ଼ଜାତର ସ୍ୱେଚ୍ଛାଚାରୀ ରାଜାଙ୍କ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିବା, ଯେଉଁଥିପାଇଁ ତାଙ୍କୁ ଅନେକ ବାର ଜେଲ୍ ଯିବାକୁ ପଡ଼ିଥିଲା । ସ୍ୱାଧୀନତା ପରେ ସେ ସକ୍ରିୟ ରାଜନୀତିରେ ପ୍ରବେଶ କରି ୧୯୬୭ ମସିହାରେ ସ୍ୱତନ୍ତ୍ର ଓ ଜନକଂଗ୍ରେସର ମିଳିତ ମନ୍ତ୍ରିମଣ୍ଡଳରେ ଉପ-ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇବା ସହ ସମାଜର ନିଷ୍ପେଷିତ ବର୍ଗର ଉନ୍ନତି ପାଇଁ ଅହରହ କାର୍ଯ୍ୟ କରିଥିଲେ। ବ୍ୟକ୍ତିଗତ ଜୀବନରେ ଅତ୍ୟନ୍ତ ସରଳ, ନିରାଡ଼ମ୍ବର ଏବଂ ସଚ୍ଚୋଟ ପ୍ରକୃତିର ଏହି ମହାପୁରୁଷ ଜଣେ ସୁସାହିତ୍ୟିକ ମଧ୍ୟ ଥିଲେ, ଯାହାଙ୍କର ଆତ୍ମଜୀବନୀ 'ମୁକ୍ତି ପଥେ ସୈନିକ' ଓଡ଼ିଶାର ସଂଗ୍ରାମୀ ଇତିହାସର ଏକ ପ୍ରାମାଣିକ ଦଲିଲ୍ ଭାବେ ଗଣ୍ୟ ହୁଏ। ୧୯୮୮ ମସିହା ୨୮ ସେପ୍ଟେମ୍ବରରେ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ସେ ନିଜର ଆଦର୍ଶ ଓ ସ୍ୱାଭିମାନ ସହ ବଞ୍ଚି ରହିଥିଲେ, ଯାହାଙ୍କର ତ୍ୟାଗପୂତ ଜୀବନ ଆଜି ମଧ୍ୟ ସମସ୍ତଙ୍କ ପାଇଁ ଏକ ମାର୍ଗଦର୍ଶକ ହୋଇ ରହିଛି ।

## ଚାରମଗଜ ଚିକେନ



**ସାମଗ୍ରୀ** - ଚିକେନ୍, ପିଆଜ କଟା, ରସୁଣ, ଅଦା, କଞ୍ଚା ଲଙ୍କା, ଟମାଟୋ, ଚାର ମଗଜ, କାଜୁ, ମିଟ ମସଲା, ଧନିଆ ଗୁଣ୍ଡ, ଜିରା ଗୁଣ୍ଡ, ହଳଦୀ, ଲୁଣ, ଧନିଆ ପତ୍ର, ଗୋଟା ଗରମ ମସଲା।

**ପ୍ରଣାଳୀ** - ପ୍ରଥମେ ଚିକେନକୁ ଧୋଇ ଲୁଣ, ଦଳଦୀ ଓ ସୋରିଷ ତେଲ ଦେଇ ଗୋଳାଇ ରଖି ନିଅନ୍ତୁ। ଏହାପରେ ରସୁଣ, ଅଦା, କଞ୍ଚାଲଙ୍କା, ଚାରମଗଜ, କାଜୁ ଦେଇ ଏକ ବଟା ପ୍ରସ୍ତୁତ କରନ୍ତୁ। ପ୍ରଥମେ କରେଇରେ ତେଲ ଗରମ କରି ଏଥିରେ ଗୋଟା ଗରମ ମସଲା ପକାନ୍ତୁ। ଏହାପରେ ପିଆଜ ପକାଇ ଭାଜନ୍ତୁ। ପିଆଜ ଭାଜି ହେବା ପରେ ରସୁଣ ଓ ଚାର ମଗଜ ବଟାକୁ ପକାନ୍ତୁ । ଅଳ୍ପ ସମୟ କସିବା ପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ଓ ଟମାଟୋ କଟା ପକାନ୍ତୁ । ସବୁ ଜିନିଷକୁ ଭଲଭାବେ କସନ୍ତୁ। ଏହାପରେ ଏଥିରେ ଚିକେନ ପକାଇ ଚିକେନ ଅଧା ସିଝିବା ପର୍ଯ୍ୟନ୍ତ କସନ୍ତୁ। ଚିକେନ ଭଲକରି କସିହେବା ପରେ ଏଥିରେ ଗରମ ପାଣି ଦେଇ ପ୍ରସ୍ତୁତ କରନ୍ତୁ ଚାରମଗଜ ଚିକେନ। ଏହାକୁ ଚକୁଳି ସହିତ ଖାଆନ୍ତୁ ଖୁବ ସୁଆଦିଆ ଲାଗିବ ।

## ଇତିହାସ

୧୮୯୭- ଭାରତର ତୃତୀୟ ରାଷ୍ଟ୍ରପତି ଜାକିର ହୁସେନଙ୍କ ଜନ୍ମ ।

୧୯୦୯-ୟୁରୋପୀୟ ଦେଶ ଜର୍ମାନୀ ଓ ଫ୍ରାନ୍ସ ମଧ୍ୟରେ ମରକ୍କୋ ସନ୍ଧି ସ୍ୱାକ୍ଷରିତ ।

୧୯୪୩- ସ୍ୱତନ୍ତ୍ରତା ସେନାନୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜର୍ମାନୀରରୁ ଏକ ନୌକା ଜରିଆରେ ଜାପାନ ଯାତ୍ରାରେ ବାହାରିଲେ ।

୧୯୫୨- ମହାରାଣୀ ଏଲିଜାବେଥ୍ ବ୍ରିଟେନ୍‌ର ମହାରାଣୀ ଓ ରାଷ୍ଟ୍ରମଣ୍ଡଳ ଦେଶର ଅଧ୍ୟକ୍ଷ ହେଲେ ।

୧୯୭୧- ବିଶ୍ୱର ପ୍ରଥମ ଇଲେକେଟ୍ରୋନିକ୍ ସେୟାର ମାର୍କେଟ ନାସଡାକ୍‌ର ଶୁଭାରମ୍ଭ ହେଲା ।

୧୯୮୬- ଦିଲ୍ଲୀ ବିମାନବନ୍ଦରରେ ପ୍ରଥମ ଥର ପାଇଁ ପ୍ରିପେଡ୍ ଟ୍ୟାକ୍ସି ସେବା ଶୁଭାରମ୍ଭ ହେଲା ।

୧୯୯୪- କ୍ରିକେଟର କପିଲ ଦେବ ଟେଷ୍ଟ ମ୍ୟାଚ୍‌ରେ ୪୩୨ ୱିକେଟ୍ ନେଇ ରିଚାର୍ଡ ହାଡ଼ଲିଙ୍କ ରେକର୍ଡ଼କୁ ଭାଙ୍ଗିଲେ ।

୨୦୦୬- ସିଓଲ୍‌ରେ ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ତିନୋଟି ଚୁକ୍ତି ସ୍ୱାକ୍ଷର।

୨୦୦୭- ଭୁଟାନ ନରେଶ ପ୍ରଥମ ଥର ପାଇଁ ଭାରତ ଯାତ୍ରାରେ ଆସିଲେ ।



## ନାରୀଙ୍କ ସମ୍ମାନ ସର୍ବାଗ୍ରେ

ରାଣୀ ମୁଖାର୍ଜୀ ହିନ୍ଦୀ ସିନେମାର ସେହି ଅଳ୍ପ କିଛି ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ, ଯିଏ ନିଜର ତିନି ଦଶନ୍ଧି ଲମ୍ବା କ୍ୟାରିୟରରେ ଅଭିନୟକୁ କେବଳ ଏକ କଳା ନୁହେଁ, ବରଂ ଏକ ଦାୟିତ୍ୱ ଭାବେ ଗ୍ରହଣ କରିଛନ୍ତି । 'ମର୍ଦାନୀ ୩' ତାଙ୍କର ଏହି ଯାତ୍ରାର ସବୁଠାରୁ ଶକ୍ତିଶାଳୀ ଦିଗ ଭାବରେ ସାମ୍ନାକୁ ଆସିଛି । ରାଣୀ ବିଶ୍ୱାସ କରନ୍ତି ଯେ ଏହି ଚଳଚ୍ଚିତ୍ରଟି କେବଳ ଏକ କାହାଣୀ ନୁହେଁ, ବରଂ ମହିଳା, ଯୁବତୀ ଏବଂ ଶିଶୁକନ୍ୟାମାନଙ୍କ ସୁରକ୍ଷା ଓ ସମ୍ମାନର ଏକ ବାର୍ତ୍ତା । ରାଣୀଙ୍କ ପାଇଁ ସିନେମା ହେଉଛି ପରିବର୍ତ୍ତନର ସ୍ୱର, ଯେଉଁଠାରେ ନାରୀର ମର୍ଯ୍ୟାଦା ସବୁବେଳେ ଜଣେ ମହାରାଣୀଙ୍କ ଭଳି ହେବା ଉଚିତ । ନିକଟରେ ଏକ ସାକ୍ଷାତକାରରେ ଏନେଇ ମନଖୋଲି କଥା ହୋଇଛନ୍ତି ରାଣୀ ମୁଖାର୍ଜୀ । ରାଣୀଙ୍କ ମତରେ, ଜଣେ କଳାକାର ପାଇଁ ଅଭିନୟ କେବଳ କଳା ନୁହେଁ, ବରଂ ଏକ ସାମାଜିକ ଦାୟିତ୍ୱ । ସେ କହିଛନ୍ତି, "ମୋର ୩୦ ବର୍ଷର କ୍ୟାରିୟରରେ ଏହି ଚଳଚ୍ଚିତ୍ରଟି ଦେବୀ ମା'ଙ୍କ ଆଶୀର୍ବାଦ ସଦୃଶ । ଏଥିପାଇଁ ମୁଁ କୌଣସି ଯୋଜନା କରିନଥିଲି, କିନ୍ତୁ ଏହା ସଠିକ୍ ସମୟରେ ମୋ ପାଖକୁ ଆସିଛି ।" ଚଳଚ୍ଚିତ୍ରରେ ସେ ଜଣେ ସାହସୀ ପୋଲିସ ଅଧିକାରୀ ଶିବାନୀ ଶିବାଜୀ ରୟଙ୍କ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ଏହି ଚରିତ୍ର ମାଧ୍ୟମରେ ସେ ଦେଶର ସମସ୍ତ ମହିଳା ପୋଲିସ ଅଧିକାରୀଙ୍କ ସଂଘର୍ଷ ଓ ସାହସକୁ ସଲାମ କରିଛନ୍ତି । ବର୍ଦ୍ଦି ପିନ୍ଧି ଜଣେ ମହିଳା କିଭଳି ନିଜ ଜୀବନକୁ ବାଜି ଲଗାଇ ସମାଜକୁ ଅପରାଧମୁକ୍ତ କରିବାକୁ ଚେଷ୍ଟା କରନ୍ତି, ତାହା ଏହି ଫିଲ୍ମର ମୁଖ୍ୟ ଆଧାର । ରାଣୀ ମୁଖାର୍ଜୀ ନାରୀ ଶକ୍ତି ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ, ପ୍ରତ୍ୟେକ ଘରେ ମହିଳାଙ୍କ ସମ୍ମାନ ଜଣେ ରାଣୀଙ୍କ ଭଳି ହେବା ଉଚିତ । ସେ ମାଆ, ପତ୍ନୀ, ଭଉଣୀ କିମ୍ବା ଝିଅ ଯିଏ ବି ହୁଅନ୍ତୁ, ସମାଜରେ ତାଙ୍କର ସ୍ଥାନ ସର୍ବଦା ଉଚ୍ଚରେ ରହିବା ଆବଶ୍ୟକ । ରାଣୀ ମୁଖାର୍ଜୀଙ୍କ ଅଭିନୀତ ଚଳଚ୍ଚିତ୍ର 'ମର୍ଦାନୀ ୩' ଏବେ ପ୍ରେକ୍ଷାଳୟରେ ଧମାଲ କରୁଛି । ତେବେ ଏହି ଚଳଚ୍ଚିତ୍ରକୁ ନେଇ ସବୁଠାରୁ ଆଶ୍ଚର୍ଯ୍ୟଜନକ ଓ ସକାରାତ୍ମକ ଦିଗଟି ହେଉଛି ପୁଅମାନଙ୍କ ପ୍ରତିକ୍ରିୟା । ସାଧାରଣତଃ ଏଭଳି ମହିଳା-କୈନ୍ଦ୍ରିକ ଚଳଚ୍ଚିତ୍ରକୁ ନେଇ ପୁରୁଷ ଦର୍ଶକଙ୍କ ମଧ୍ୟରେ ଯେତିକି ଆଗ୍ରହ ଥାଏ, 'ମର୍ଦାନୀ ୩' କ୍ଷେତ୍ରରେ ତାହା ସମସ୍ତ ପୁରୁଣା ରେକର୍ଡ ଭାଙ୍ଗିଥିବା ଜଣାପଡ଼ିଛି ।

## ହାଃହାଃ

ଶିକ୍ଷକ : ପୁଅ କହିଲୁ, "ପାଣିକୁ ଗରମ କଲେ କ'ଣ ହୁଏ?"

ଛାତ୍ର: ଆଜ୍ଞା, ପାଣିକୁ ବେଶୀ ଗରମ କଲେ ତାହା ବାଷ୍ପ ହୋଇ ଉଡ଼ିଯାଏ।

ଶିକ୍ଷକ: ଆହିରୁ ବେଶୀ ଗରମ କଲେ?

ଛାତ୍ର: ଗ୍ୟାସ୍ ସରିଯାଏ ଆଉ ମା' ପାଖରୁ ମାଡ଼ ପଡ଼େ!





**ମେଷ:** ପ୍ରୀତି ଲାଭ, କାର୍ଯ୍ୟ ସଫଳ, ସମ୍ମାନ ଲାଭ, ଆଶା ସଫଳ, ଗୃହେ ଉତ୍ସବ, ଦୂରଯାତ୍ରା, ଶାରୀରିକ ସୁସ୍ଥତା, ଶତ୍ରୁ ପରାଜିତ, ଧନଲାଭ । ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ ।

**ବୃଷ:** ସୁସମ୍ବାଦ, ବ୍ୟବସାୟରେ ସ୍ୱଳ୍ପ ଲାଭ, କର୍ମେ ଶାନ୍ତି, ଶତ୍ରୁ ପରାଜିତ, ମାନସିକ ଶାନ୍ତି, ଅର୍ଥ ସମସ୍ୟା, ବିଦ୍ୟା ଲାଭ, ଦୂର ଯାତ୍ରାରେ ଖୁସି, ଶରୀର ସୁସ୍ଥ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୬, ଆରାଧନା- ପ୍ରଭୁ ଜଗନ୍ନାଥ ।

**ମିଥୁନ:** ଶାରୀରିକ ଅସୁସ୍ଥ, ସମ୍ପତ୍ତି ବିପଦ, ଦାମ୍ପତ୍ୟ ସୁଖ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବାଣିଜ୍ୟ ଲାଭ, ଶତ୍ରୁ ସମସ୍ୟା, କର୍ମେ ନିରାଶ, ଗୃହେ ଅଶାନ୍ତି । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ୍, ସଂଖ୍ୟା-୫, ଆରାଧନା- ପ୍ରଭୁ ଜଗନ୍ନାଥ ।

**କର୍କଟ:** କାର୍ଯ୍ୟରେ ଅସଫଳ, ଅର୍ଥ ସମସ୍ୟା, ବ୍ୟବସାୟରେ ଶତ୍ରୁତା, ଗୃହେ ଉତ୍ସବ, ଦୂର ଯାତ୍ରା, ସମସ୍ୟା ସମାଧାନ, ଶାରୀରିକ ସୁସ୍ଥ, ଦାମ୍ପତ୍ୟ ସୁଖ । ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଫି, ସଂଖ୍ୟା-୪, ଆରାଧନା- ମା' ଛିନ୍ନମସ୍ତା ।

**ସିଂହ:** ଖୁସି ଦିନ, ଲୋକସମ୍ପର୍କ ବୃଦ୍ଧି, ବିବାଦ ସମାଧାନ, ଆଶା ସଫଳ, ନୂତନ କାର୍ଯ୍ୟାରମ୍ଭ, ଶାରୀରିକ ସୁସ୍ଥ, ବିଦ୍ୟାଲାଭ, ସମ୍ପତ୍ତି ଲାଭ, ବନ୍ଧୁ ସହଯୋଗ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ମା' କନକଲକ୍ଷ୍ମୀ ।

**କନ୍ୟା:** ଶତ୍ରୁ କଷ୍ଟ, କାର୍ଯ୍ୟ ସଫଳ, ସମ୍ମାନ ବାଧା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦୂର ଯାତ୍ରା, ବ୍ୟକ୍ତିଙ୍କ ସହାୟତା, ବନ୍ଧୁ ଲାଭ, ସମସ୍ୟା ସମାଧାନ, ସୁସମ୍ପର୍କ । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୩, ଆରାଧନା- ଗ୍ରାମଦେବତୀ ।

**ତୁଳା:** ସମ୍ପତ୍ତି ଲାଭ, ବନ୍ଧୁ ଲାଭ, ଗୃହେ ଉତ୍ସବ, ସୁସମାଚାର, ଅର୍ଥପ୍ରାପ୍ତି, ଦେବକାର୍ଯ୍ୟରେ ଆନନ୍ଦ, ଶତ୍ରୁ ନାଶ, ଅତିଥି ଚର୍ଚ୍ଚା, ମାନସମ୍ମାନ ପ୍ରାପ୍ତି, ଦୂର ଯାତ୍ରା । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୨, ଆରାଧନା- ଉମା ମହେଶ୍ୱର ।

**ବିଛା:** କର୍ମେ ଅଶାନ୍ତି, ମାମଲା ସମାଧାନ, ଆଶା ସଫଳ, ଦୂର ଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ସମ୍ମାନ ହାନି, ଦେବକାର୍ଯ୍ୟରେ ଖୁସି, ଗାଡ଼ି ଚାଳନାରେ ସାବଧାନ । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୮, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ଦୂର ଯାତ୍ରା, ଅର୍ଥ ଲାଭ ,ଗୃହେ ସମସ୍ୟା, ଦେବକାର୍ଯ୍ୟ ସଫଳ, ଦ୍ରବ୍ୟ ପ୍ରାପ୍ତି ସମ୍ପର୍କ ହାନି, ଭ୍ରାତୃ କଳହ, କର୍ମକ୍ଷେତ୍ରରେ ଲାଭ, ସମ୍ପତ୍ତି ଲାଭ, ଶତ୍ରୁଙ୍କୁ ସାବଧାନ । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ମା' ଭଗବତୀ ।

**ମକର:** ଆୟ ବୃଦ୍ଧି, ସୁସମ୍ପର୍କ, ନୂତନ କାର୍ଯ୍ୟ ଆରମ୍ଭ, ସମ୍ମାନ ଲାଭ, ଶତ୍ରୁ ପରାଜିତ, ଦୂର ଯାତ୍ରା, ଉତ୍ସବ ପ୍ରତି ଆଗ୍ରହ, ସମ୍ପତ୍ତି ବିବାଦ, ଗୃହେ ସମସ୍ୟା । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା- ହନୁମାନ ।

**କୁମ୍ଭ:** ଗୃହେ ଉତ୍ସବ, ଶତ୍ରୁ ସମସ୍ୟା, ବ୍ୟବସାୟ କଷ୍ଟ, ଅର୍ଥ ସମସ୍ୟା, ଶାରୀରିକ ସୁସ୍ଥତା, କର୍ମେ ଶାନ୍ତି, ବନ୍ଧୁ ଲାଭ, ବିଦ୍ୟା ସଫଳ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୭, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ମୀନ:** ମାନସିକ ଅଶାନ୍ତି, କର୍ମକ୍ଷେତ୍ରରେ ସମସ୍ୟା, ଦୂର ଯାତ୍ରାରେ ସତର୍କ, ଜମିଜମା ଗଣ୍ଡଗୋଳ, ବନ୍ଧୁ ସହଯୋଗ, ଦାମ୍ପତ୍ୟ ସୁଖ, ଉତ୍ସବ ପ୍ରତି ଆଗ୍ରହ, ସୁମିଷ୍ଟ ଭୋଜନ ପ୍ରାପ୍ତି । ପୂର୍ବାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୨, ଆରାଧନା- ମା' ବଗଳାମୁଖୀ ।

**ଫାଲଗୁନ କୃଷ୍ଣପକ୍ଷ ସପ୍ତମୀ**
**୮.୨.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮










ରାଷ୍ଟ୍ରପତିଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ବିଦାୟ ସମ୍ବର୍ଦ୍ଧନା ଜଣାଉଛନ୍ତି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାକ୍ ବଜେଟ ପ୍ରସ୍ତୁତି ସଂପର୍କରେ ଆଲୋଚନା କରୁଛନ୍ତି

## ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ଲିଖିତ

# "ଏ ମାଟି କଥା କହେ, ବକ୍ସି ଜଗବନ୍ଧୁ : ଦ ଗ୍ରେଟ୍ କମାଣ୍ଡରʼ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ) : ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ, ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ରଚିତ ଓଡ଼ିଆ ପୁସ୍ତକ "ଏ ମାଟି କଥା କହେʼ ଏବଂ ଇଂରାଜୀ ପୁସ୍ତକ "ବକ୍ସି ଜଗବନ୍ଧୁ: ଦ ଗ୍ରେଟ୍ କମାଣ୍ଡରʼର ଉନ୍ମୋଚନ କରିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

କୃଷି ଶିକ୍ଷା ସଦନ ଅଡିଟୋରିମ୍‌ରେ ଆୟୋଜିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ରାଜ୍ୟପାଳ ଶ୍ରୀ କମ୍ଭମପାଟି ଉଦଘାଟକ ଭାବେ ଯୋଗ ଦେଇ ଶ୍ରୀ ହରିଚନ୍ଦନଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଭଲପାଇବାକୁ ପ୍ରଶଂସା କରିଥିଲେ । ଏଭଳି ସାହିତ୍ୟ ପ୍ରିତି ସହିତ ଲେଖା ଜାରି ରହୁ ବୋଲି ଶୁଭକାମନା ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଥିଲେ, ଶନିବାର ଉନ୍ମୋଚିତ ହେଉଥିବା ଏହି ଦୁଇଟି ପୁସ୍ତକ ଆମ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ, ତାʼଠୁ ଅଧିକ ମହତ୍ୱପୂର୍ଣ୍ଣ ହେଉଛନ୍ତି ଏହାର ରଚୟିତା । ତାଙ୍କର ନୀତି, ଆଦର୍ଶ, ରାଜନୈତିକ ପରିଚୟ ଏବଂ ରାଜ୍ୟ ଓ ଦେଶ ପାଇଁ ଦୀର୍ଘବର୍ଷ ଧରି ରହିଥିବା ଅମୂଲ୍ୟ ସେବା ତାଙ୍କୁ ଓଡ଼ିଶା ତଥା ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି ।

ତାଙ୍କ ଦ୍ୱାରା ରଚିତ ପୁସ୍ତକ "ବକ୍ସି ଜଗବନ୍ଧୁ: ଦି ଗ୍ରେଟ୍ କମାଣ୍ଡରʼ ଓଡ଼ିଶାର ପାଇକ ବୀର ବକ୍ସି ଜଗବନ୍ଧୁଙ୍କ ବୀରତ୍ୱ ଓ ସଂଘର୍ଷର ଗାଥାକୁ ସାରା ଦେଶବାସୀଙ୍କ ନିକଟରେ ପହଞ୍ଚାଇବ । ଏହି ପୁସ୍ତକ ଇତିହାସର ଅନାଲୋଚିତ ପ୍ରସଙ୍ଗଗୁଡ଼ିକୁ ଲୋକଲୋଚନକୁ ଆଣି ନୂତନ ଗବେଷଣାର ଦ୍ୱାର ଖୋଲିବ । ଆମେ ସମସ୍ତେ ଜାଣିଛୁ ଯେ ୧୮୫୭ ମସିହାର ସିପାହୀ ବିଦ୍ରୋହକୁ ଭାରତର



ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଅଭିହିତ କରାଯାଏ । କିନ୍ତୁ, ସିପାହୀ ବିଦ୍ରୋହର ୪୦ ବର୍ଷ ପୂର୍ବରୁ ଏହି ଖୋର୍ଦ୍ଧା ମାଟିରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ସଶସ୍ତ୍ର ପାଇକ ବିଦ୍ରୋହ, ଯାହା ବୋଧହୁଏ ସାରା ଦେଶରେ ଏପରି ଏକ ସଶସ୍ତ୍ର ସଂଗ୍ରାମ ଏତେ ବ୍ୟାପକ ଭାବେ ପ୍ରଥମ ଥର ପାଇଁ ହୋଇଥିଲା । ଶ୍ରୀ ହରିଚନ୍ଦନଙ୍କ ଦ୍ୱାରା ରଚିତ ଏହି ପୁସ୍ତକ ପାଇକ ବିଦ୍ରୋହ ବିଷୟରେ ଜାତୀୟ ସ୍ତରରେ ଅଧିକ ଆଲୋକପାତ କରିବା ସହ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପ୍ରୟାସକୁ ଆହୁରି ମଜବୁତ କରିବ ।

ସେହିପରି "ଏ ମାଟି କଥା କହେʼ ପୁସ୍ତକରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ଗଣତନ୍ତ୍ର, ଗଣମାଧ୍ୟମ, ଓଡ଼ିଆ ଜାତିର ଅସ୍ମିତା, ବିଶ୍ୱ ଶାନ୍ତି ଓ ଶ୍ରୀଜଗନ୍ନାଥଙ୍କ ନବକଳେବର ଯାତ୍ରା ଉପରେ ଆଧାରିତ ୩୦ଟି ଗଭୀର ଚିନ୍ତନାତ୍ମକ ବିଷୟ ସାମିଲ ହୋଇଛି, ଯାହା ସମସ୍ତ ବର୍ଗର ପାଠକଙ୍କୁ ନିଶ୍ଚୟ ଆକର୍ଷିତ କରିବ । ମୁଁ ଆଶା କରୁଛି ଏହି ପୁସ୍ତକର ଇଂରାଜୀ ଅନୁବାଦ ମଧ ଆଗାମୀ ଦିନରେ ଉପଲବ୍ଧ ହେବ । ତାʼହେଲେ ଏହି ସବୁ ବିଷୟରେ ସାରା ଦେଶର ପାଠକ ଜାଣିବାକୁ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବାଦ ଗ୍ରୁପର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକ ବିଜୟାନନ୍ଦ ସିଂହ ଓ ପ୍ରଫେସର ଭଗବାନ ଜୟସିଂହ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ହରିଚନ୍ଦନଙ୍କ ଲେଖନୀ ଆଗାମୀ ପିଢିକୁ ଦେଶପ୍ରେମ, ମୂଲ୍ୟବୋଧ ଓ ଗଣତନ୍ତ୍ରର ଶିକ୍ଷା ଦେଇ ଚାଲିଥାଉ ବୋଲି ମତପୋଷଣ କରିଥିଲେ ।

## ସ୍ଥାୟୀ ବିକାଶରେ ସମସ୍ୟା ଏବଂ ଆହ୍ୱାନʼ ସମ୍ବନ୍ଧରେ ଆଲୋଚନାଚକ୍ର

କଟକ, (ସବ୍ୟୁ): ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ଏକ ବାର୍ଷିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସ୍ଥାୟୀ ବିକାଶରେ ଥିବା ସମସ୍ୟା ଏବଂ ଆହ୍ୱାନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଅଧକ୍ଷା ଡ.ରୀନା ଘଡେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ.ମନୋଜ କୁମାର ଦାସ ଯୋଗଦେଇ ସ୍ଥାୟୀ ବିକାଶର ଆବଶ୍ୟକତା ଏବଂ ଥିବା ବିଭିନ୍ନ ବାଧକ ବିଷୟରେ ଆଲୋଚନା କରିଥିଲେ ।

## ଚୋରା ବାଇକ ର୍ୟାକେଟ୍‌ର ପର୍ଦ୍ଦାଫାସ

# ୧୫ ଚୋରା ବାଇକ ଉଦ୍ଧାର୍ : ୫ ଗିରଫ, ୫ ମୋବାଇଲ ଜବତ

ଖୋର୍ଦ୍ଧା, (ସବ୍ୟୁ): ନିରାକାରପୁର ଥାନା ପୁଲିସ କୁ ମିଳିଛି ବଡ ସଫଳତା । ପୁଲିସ ବାଇକ ଚୋରି ର୍ୟାକେଟ ର କରିଛି ପର୍ଦ୍ଦାଫାସ । ବାଇକ୍ ଚୋରି ର ମୁଖ୍ୟ ଅଭିଯୁକ୍ତ, ୨ଜଣ କ୍ରେତା ଏବଂ ଜଣେ ସ୍କ୍ରାପ୍ ଡିଲର ସମେତ ୫ଜଣଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ୫ ଜଣ ହେଲେ ଜଙ୍କିଆ ଥାନା ସିକୋ ଗ୍ରାମର ମୁଖ୍ୟ ଅଭିଯୁକ୍ତ ସନାତନ ପ୍ରଧାନ (୨୦), ଚୋରା ଗାଡି ରଖିଥିବା ଗୌଡ଼ିଆପଡ଼ା ଗ୍ରାମର ଶୁଭମ ସାମନ୍ତରାୟ, ଖଡ଼ିପଦର ସୁକାନ୍ତ ରାଉତରାୟ (୨୩), କବାଡିଆ ଜିନିଷ ବିକ୍ରେତା ନୟାଗଡ ଜିଲ୍ଲା ଇଟାମାଟି ଥାନା ଅଙ୍କୁଲାପାଟଣା ଗ୍ରାମର ଦିଲୀପ କୁମାର ସାହୁ ( ୩୪) । ଏଥିସହିତ ବାଇକ ରଖିଥିବା ଜାଲଭାର ଗ୍ରାମର ଜଣେ ୧୬ ବର୍ଷ ର ନାବାଳକ ପୁଲିସ ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି । ସେମାନଙ୍କ ଠାରୁ ୧୫ଟି ଚୋରା ମୋଟରସାଇକେଲ ଓ ଭାଙ୍ଗିଯାଇଥିବା ମୋଟରସାଇକେଲ ପାର୍ଟସ, ୫ଟି ମୋବାଇଲ୍ ଫୋନକୁ ପୁଲିସ ଜବତ କରିଛି । ଗତ ୬ତାରିଖ ସନ୍ଧ୍ୟାରେ ନିରକରପୁର କଲେଜ ଛକ ନିକଟରେ ଗାଡି ମୋଟର ଯାଂଚବେଳେ ଜଣେ ସନ୍ଦିଗ୍ଧ ମୋଟରସାଇକେଲ ଆରୋହୀଙ୍କୁ ଅଟକାଇଲା ଯିଏ ଖସିଯିବାକୁ ଚେଷ୍ଟା କରିଥିଲା । ନିରାକାରପୁର ପୋଲିସ ଷ୍ଟେସନ ସମ୍ମୁଖରେ ତାଙ୍କୁ ପିଛା କରି ଗିରଫ କରାଯାଇଥିଲା । ଆରୋହୀ ମୋଟରସାଇକେଲର ବୈଧ ମାଲିକାନା କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିବାରୁ ଯାହା ଚୋରି ହୋଇଥିବା ପୁଲିସ ସନ୍ଦେହ କରିଥିଲା । ତଦନ୍ତ ସମୟରେ ଜଣାପଡିଥିଲା ଯେ ସେ ତାଙ୍କ ସହଯୋଗୀମାନଙ୍କ ସହିତ ଜଟଣୀ, ଖୋର୍ଦ୍ଧା ସହର, ପୁରୀ ଅଂଚଳ ଏବଂ ସଂଲଗ୍ନ ଜିଲ୍ଲାରୁ ଅନେକ ମୋଟରସାଇକେଲ ଚୋରି କରିଥିଲେ । ବେଆଇନ ଲାଭ ପାଇଁ ସେଗୁଡ଼ିକୁ କମ୍ ମୂଲ୍ୟରେ ବିକ୍ରି କରିଥିଲେ ।

10001/19/2526

OIPR-10001/10003/2/25-26/0011


# ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ

୩୦ ଜାନୁଆରୀ - ୧୩ ଫେବୃଆରୀ ୨୦୨୬

'ଭେଦଭାବ ସମାପ୍ତ କରି ସମ୍ମାନର ସହ ବଞ୍ଚିବା'

- ଏହି ଅଭିଯାନରେ ଆଶା ଓ ସ୍ୱାସ୍ଥ୍ୟକର୍ମୀ ନିଜ ନିଜ ଅଞ୍ଚଳରେ କୁଷ୍ଠରୋଗ ବିଷୟରେ ସଚେତନ କରିବେ
- ବଧିରା/ତମ୍ବାଳିଆ ଛଉ, ତେଲିଆ/ ଚିକ୍କଣ/ପାଉଁସିଆ ଚର୍ମ, ହାତ/ ପାଦ ବଧିରା କିମ୍ବା ଦୁର୍ବଳ ହେବା, ମୁହଁ ଏବଂ କାନରେ ଗୁଳି ବାହାରିବା ଆଦି କୁଷ୍ଠର ଲକ୍ଷଣ ହୋଇପାରେ
- କୁଷ୍ଠରୋଗର ଚିହ୍ନଟ, ଚିକିତ୍ସା ଏବଂ ପୁନଃକ୍ଷମ ଅସ୍ତ୍ରୋପଚାର ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ
- ପୁନଃକ୍ଷମ ଅସ୍ତ୍ରୋପଚାର କରାଯାଇଥିବା ରୋଗୀଙ୍କୁ ସରକାରଙ୍କ ତରଫରୁ ୧୨,୦୦୦ ଟଙ୍କା ପାରିଶ୍ରମିକ ଭରଣା ତଥା ଗସ୍ତ ଖର୍ଚ୍ଚ ବାବଦକୁ ୧,୫୦୦ଟଙ୍କା ଦିଆଯାଉଛି

## କୁଷ୍ଠ ରୋଗର ଲକ୍ଷଣ




କୁଷ୍ଠରୋଗର ଲକ୍ଷଣ ଥିଲେ ତୁରନ୍ତ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

# ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଶା ଗସ୍ତରେ ଥିବା ତାମିଲନାଡୁ ଗଣମାଧ୍ୟମ ପ୍ରତିନିଧି ଦଳ

ଭୁବନେଶ୍ୱର, (ସବ୍ୟୁ): ଚେନ୍ନାଇର ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଏକ ୧୫ ଜଣିଆ ତାମିଲ ଗଣମାଧ୍ୟମ ପ୍ରତିନିଧି ଦଳ ୩ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଅଛନ୍ତି । ଗସ୍ତ ଅବସରରେ ଶନିବାର ଏହି ପ୍ରତିନିଧି ଦଳ ଭୁବନେଶ୍ୱର ଲୋକଭବନ ଠାରେ ରାଜ୍ୟପାଳ ଡକ୍ଟର ହରିବାବୁ



କମ୍ଭମପାଟିଙ୍କୁ ଭେଟିଛନ୍ତି । ଆଲୋଚନା ସମୟରେ, ମହାମହିମ ଓଡ଼ିଶାର ଦୃଢ଼ ଆର୍ଥିକ ସ୍ଥିରତା ଉପରେ ଆଲୋକପାତ କରିଥିଲେ । ରାଜ୍ୟକୁ ପ୍ରଚୁର ଖଣିଜ ସମ୍ପଦ, ବିଶେଷକରି ଲୁହାପଥର ଏବଂ ବକ୍ସାଇଟ୍ ରେ ପରିପୂର୍ଣ୍ଣ କ୍ଷେତ୍ର ଭାବେ ସେ ବର୍ଣ୍ଣନା କରିଥିଲେ । ରାଜ୍ୟପାଳ କହିଥିଲେ ଖଣିଜ ସମୃଦ୍ଧି ରାଜ୍ୟର ଦ୍ରୁତ ଶିଳ୍ପ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି । ରାଜ୍ୟପାଳ ଓଡ଼ିଶାର ବକ୍ସାଇଟ୍ ସମ୍ପଦକୁ ଉପଯୋଗ କରିବା ଏବଂ ଶିଳ୍ପ ଅଭିବୃଦ୍ଧିକୁ ଗତିଶୀଳ କରିବାରେ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ) ଦ୍ୱାରା ନିର୍ବାହ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ମଧ ଉଲ୍ଲେଖ କରିଥିଲେ । ରାଜ୍ୟପାଳ କହିଥିଲେ, ଖଣିଜ ନୀତିରେ ପରିବର୍ତ୍ତନ କରାଯାଇ ରୟାଲ୍ଟି ବଦଳରେ ଖଣି ଗୁଡ଼ିକର ନିଲାମ ଆରମ୍ଭ କରାଯାଇଛି । ଏହାଫଳରେ ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ ଭାବରେ ଉଭା ହୋଇଛି, । ଏହି ନୀତି ପରିବର୍ତ୍ତନ ରାଜ୍ୟ ରାଜକୋଷକୁ ମିଳୁଥିବା ରାଜସ୍ୱ ପ୍ରାୟ ୧୨ ହଜାର କୋଟିରୁ ୫୦ ହଜାର କୋଟିକୁ ବୃଦ୍ଧି ପାଇଛି ।

ଭିତ୍ତିଭୂମି ବିକାଶ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ, ଭାରତୀୟ ରେଳବାଇ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାକୁ ରେଳ ଲାଇନ ମାଧ୍ୟମରେ ସଂଯୋଗ କରିବାକୁ ଲକ୍ଷ୍ୟ ରଖିଛି । ସେହିପରି ଆଞ୍ଚଳିକ ସଂଯୋଗୀକରଣ ଏବଂ ଆର୍ଥିକ ସମନ୍ୱୟରେ ଉନ୍ନତି ଲାଗି ମହତ୍ୱାକାଂକ୍ଷୀ ଯୋଜନା ବିଷୟରେ ସେ କହିଥିଲେ । ସ୍ୱର୍ଣ୍ଣ ଚତୁର୍ଭୁଜ ସମେତ ରାଜ୍ୟ ଦେଇ ଯାଇଥିବା ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପ ଓଡ଼ିଶାର ସଡ଼କ ନେଟୱାର୍କ ଏବଂ ଲଜିଷ୍ଟିକ୍ସ ଇକୋସିଷ୍ଟମକୁ ସୁଦୃଢ଼ କରିଛି ବୋଲି ମଧ ରାଜ୍ୟପାଳ ଉଲ୍ଲେଖ କରିଥିଲେ । ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ ଭୁବନେଶ୍ୱରରେ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ବିଷୟରେ ଉଲ୍ଲେଖ କରିଥିଲେ । ସେ କହିଥିଲେ, ଏହି କେନ୍ଦ୍ର ଶିଳ୍ପ ଆବଶ୍ୟକତା ସହିତ ବିଶ୍ୱସ୍ତରୀୟ ବୃତ୍ତିଗତ ତାଲିମ ପ୍ରଦାନ କରି ଓଡ଼ିଶାର ଯୁବପିଢ଼ିଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।

ରାଜ୍ୟପାଳ ଓଡ଼ିଶାର ଜୀବନ୍ତ ସାଂସ୍କୃତିକ ଐତିହ୍ୟ ବିଷୟରେ ମଧ ସୂଚନା ଦେଇଥିଲେ । ଏହାବ୍ୟତୀତ, ସେ ପ୍ରତିନିଧି ଦଳକୁ ଓଡ଼ିଶାର ସାମୁଦ୍ରିକ ଭିତ୍ତିଭୂମି ବିଷୟରେ ସୂଚନା ଦେଇ କହିଥିଲେ, ରାଜ୍ୟରେ ବର୍ତ୍ତମାନ ତିନୋଟି ବନ୍ଦର କାର୍ଯ୍ୟକ୍ଷମ ଅଛି ଯାହା ଏହାର ବାଣିଜ୍ୟ ଏବଂ ମାଲ ପରିବହନ କ୍ଷମତାକୁ ସୁଦୃଢ଼ କରୁଛି । ଏହି ଗସ୍ତ ଅବସରରେ ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ, ବରିଷ୍ଠ ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଗଣମାଧ୍ୟମ ପ୍ରତିନିଧି ଦଳର ପରିଦର୍ଶନର ଉଦ୍ଦେଶ୍ୟ ହେଉଛି କେନ୍ଦ୍ର ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ, ଭିତ୍ତିଭୂମି ବିକାଶ, ଶିଳ୍ପ ଅଭିବୃଦ୍ଧି, ପ୍ରଯୁକ୍ତିବିଦ୍ୟା ଉନ୍ନତି ଏବଂ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ବିଷୟରେ ତାମିଲ ଗଣମାଧ୍ୟମକୁ ପରିଚିତ କରାଇବା । ଏହି ଗସ୍ତ ଦ୍ୱାରା ଓଡ଼ିଶାର ବିକାଶ ଯାତ୍ରା, ଶିଳ୍ପ ସମ୍ଭାବନା, ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ସାଂସ୍କୃତିକ ଐତିହ୍ୟ ବିଷୟରେ ତାମିଲ ଗଣମାଧ୍ୟମ ପ୍ରତିନିଧି ଅବଗତ ହୋଇପାରିବେ । ଏହା ସଚେତନତାକୁ ସୁଦୃଢ଼ କରିବା ସହିତ ଆନ୍ତଃରାଜ୍ୟ ବୁଝାମଣା ଏବଂ ଗଣମାଧ୍ୟମ ସମ୍ପର୍କ ବୃଦ୍ଧି କରିବ । କେନ୍ଦ୍ର ସରକାରଙ୍କ ପ୍ରମୁଖ ପଦକ୍ଷେପ ଏବଂ ଆଞ୍ଚଳିକ ବିକାଶ ସମ୍ପର୍କରେ ସାମ୍ବାଦିକମାନଙ୍କୁ କ୍ଷେତ୍ରୀୟ ଅଭିଜ୍ଞତା ପ୍ରଦାନ କରିବା ଲାଗି ଏହି ଗସ୍ତ ସହାୟକ ହେବ ।

# ବଜେଟ୍ ଓଡ଼ିଶା ପାଇଁ ବିକାଶର ନୂତନ ଦ୍ୱାର ଖୋଲିବ : ଧର୍ମେନ୍ଦ୍ର

## ବଜେଟ୍ ୨୦୨୬-୨୭ ଉପରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଠାରେ ଶନିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭କୁ 'ବିକଶିତ ଭାରତ' ଗଠନର ଏକ ବଳିଷ୍ଠ ଆଧାର ବୋଲି ଅଭିହିତ କରିଛନ୍ତି । ଏହି ବଜେଟ୍, ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣ କରିବା ସହ ଶିକ୍ଷା, କୃଷି ଓ ପର୍ଯ୍ୟଟନ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଓଡ଼ିଶା ପାଇଁ ବିକାଶର ନୂତନ ଦ୍ୱାର ଖୋଲିବା ନେଇ ସେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି । ଏହି ସମ୍ମିଳନୀରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଉପସ୍ଥିତ ଥିଲେ ।ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ବର୍ତ୍ତମାନ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଥିବା ବେଳେ ଏହି ବଜେଟ୍ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୬.୮% ରୁ ୭.୨% ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି । ଏହା ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣ କରିବା ସହ ଏକ ସମାବେଶୀ ଅଭିବୃଦ୍ଧିକୁ ସୁନିଶ୍ଚିତ କରୁଛି । ୨୦୧୩-୧୪ରେ ଦେଶର ରପ୍ତାନୀ ପରିମାଣ ୪୬୬.୨୨ ବିଲିୟନ ଆମେରିକୀୟ ଡଲାର ଥିବା ବେଳେ ଆଜି ମୋଦୀ ସରକାରରେ ତାହା ୭୭ ପ୍ରତିଶତ ବଢ଼ି ୮୨୪.୯ ବିଲିୟନ ଆମେରିକୀୟ ଡଲାର ହୋଇଛି । ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବା ଏଫଡିଆଇ ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା । ଏହି ସଂଖ୍ୟା ଦୁଇ ଗୁଣା ହୋଇ ୮୧.୦୪ ବିଲିୟନ ଆମେରିକୀୟ ଡଲାର ହୋଇଛି । ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ତିନିଗୁଣା ବଢ଼ି ୩୩୧.୦୩



କୋଟି ହୋଇଛି । ଆମ ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାର (ଫରେକ୍ସ ରିଜର୍ଭ) ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢ଼ିଛି । ମୁଦ୍ରା ସ୍ଫିତି ନିୟନ୍ତ୍ରଣ ହୋଇଛି । ୨୦୨୦ରେ ଜିଏସଟି କଲେକ୍ସନ ୧୧ ଲକ୍ଷ କୋଟି ହୋଇଥିବା ବେଳେ ଏବେ ତାହା ବଢ଼ି ୨୨ ଲକ୍ଷ କୋଟି ହୋଇଛି । ଭାରତର ଷ୍ଟାର୍ଟଅପ ଇକୋସିଷ୍ଟମ ବିଶ୍ୱରେ ତୃତୀୟ ହୋଇଛି । ମୋଦୀ ସରକାରରେ ଲୋକଙ୍କ ଜନଜୀବନ ସହଜ ହୋଇଛି । ୨୦୩୫ ସୁଦ୍ଧା ଏଆଇ ୧.୭ ଟ୍ରିଲିୟନ ଡଲାର ଯୋଗଦାନ କରିବାର ଲକ୍ଷ୍ୟ ରଖାଯାଇଛି ।

ଚଳିତ ବଜେଟରେ ଆଗାମୀ ୫ ବର୍ଷ ପାଇଁ ୧୦,୦୦୦ କୋଟି ଟଙ୍କାର ବ୍ୟୟବରାଦ ସହ 'ବାୟୋଫାର୍ମା ଶକ୍ତି' ଏବଂ ୪୦,୦୦୦ କୋଟି ଟଙ୍କାର 'ଇଣ୍ଡିଆସେମିକଣ୍ଡକ୍ଟର୨.୦' ମିଶନର ଶୁଭାରମ୍ଭ କରାଯାଇଛି । ଶ୍ରମ-ଭିତ୍ତିକ ବୟନ ଶିଳ୍ପ ଏବଂ ଖଦି-ହସ୍ତଶିଳ୍ପର ବିକାଶ ପାଇଁ 'ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ' ଅଭିଯାନ ଘୋଷଣା କରାଯାଇଛି । ଏମଏସଏମଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ୧୦,୦୦୦ କୋଟି ଟଙ୍କାର ଗ୍ରୋଥ୍ ଫଣ୍ଡ ଗଠନ କରାଯାଇଛି । ଯୁବପିଢ଼ିଙ୍କୁ ନିଯୁକ୍ତିକ୍ଷମ କରିବା ପାଇଁ 'ଇଟୁଇ' (ଶିକ୍ଷାରୁ ନିଯୁକ୍ତି ଓ ଉଦ୍ୟୋଗ) ମାନକ କମିଟି ଗଠନର ପ୍ରସ୍ତାବ ଦିଆଯାଇଛି । ଦେଶର ୧୫,୦୦୦ ମାଧ୍ୟମିକ ବିଦ୍ୟାଳୟ ଓ ୫୦୦ କଲେଜରେ 'ଏଭିଜିସି' (ଆନିମେସନ୍, ଗେମିଂ) ଲ୍ୟାବ୍ ପ୍ରତିଷ୍ଠା ହେବ । ସ୍ୱାସ୍ଥ୍ୟ କ୍ଷେତ୍ରରେ ତିନୋଟି ନୂତନ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ (ଏଆଇଆଇଏ) ସ୍ଥାପନ ହେବ। ଏହି ବଜେଟ୍ ସାମଗ୍ରିକ ଭାବେ ଏକ ସମୃଦ୍ଧ ଓ ସଶକ୍ତ ଭାରତ ଗଠନରେ ସହାୟକ ହେବ । ଏହି ବଜେଟରେ କୃଷି, ଶିକ୍ଷା ଏବଂ ପର୍ଯ୍ୟଟନ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଓଡ଼ିଶା ବ୍ୟାପକ ଭାବେ ଉପକୃତ ହେବ । ରାଜ୍ୟର କୃଷି ଭିତ୍ତିଭୂମିର ସୁଦୃଢ଼ୀକରଣ, ଶିକ୍ଷା କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ଏବଂ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିଶ୍ୱସ୍ତରୀୟ ବିକାଶ ପାଇଁ ଏଥିରେ ବିଶେଷ ପ୍ରାଥମିକତା ଦିଆଯାଇଛି । 'ପୂର୍ବୋଦୟ' ଯୋଜନା ମାଧ୍ୟମରେ ଓଡ଼ିଶାକୁ ଦେଶର ବିକାଶର ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ ଭାବେ ଗଢ଼ିତୋଳିବାକୁ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶା ପାଇଁ ରେକର୍ଡ ସଂଖ୍ୟକ ୧୦,୯୨୮ କୋଟି ଟଙ୍କାର ରେଳ ବଜେଟ୍ ଅନୁଦାନ ପ୍ରଦାନ କରାଯାଇଛି, ଯାହା ୨୦୦୯-୧୪ ର ହାରାହାରି ଅନୁଦାନ ତୁଳନାରେ ପ୍ରାୟ ୧୩ ଗୁଣ ଅଧିକ । ଅପରପକ୍ଷରେ ବ୍ରାହ୍ମଣୀ ଓ ମହାନଦୀ ଦେଇ ତାଳଚେର-ଅନୁଗୋଳ ଠାରୁ ପାରାଦୀପ-ଧାମରା ପର୍ଯ୍ୟନ୍ତ ୫ ନମ୍ବର ଜାତୀୟ ଜଳପଥର ବିକାଶ ଏବଂ ରାଜ୍ୟରେ ନୂତନ 'ରେୟାର ଆର୍ଥ କରିଡର'ର ପ୍ରତିଷ୍ଠା ଓଡ଼ିଶାର ଶିଳ୍ପ ଓ ଖଣିଜ ଭିତ୍ତିଭୂମିକୁ ଏକ ନୂତନ ସ୍ତରକୁ ନେଇଯିବ । ଏହି ବଜେଟରେ 'ବ୍ଲୁ ଏକ୍ ଇକୋନୋମି' ବା ନୂତନ ଯୁଗର ଅର୍ଥନୀତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ନୂତନ ଜ୍ଞାନକୌଶଳ ଓ ଖଣିଜ ସମ୍ପଦର ସଦୁପଯୋଗ ଦ୍ୱାରା ରାଜ୍ୟର ଯୁବପିଢ଼ିଙ୍କ ପାଇଁ ନିଯୁକ୍ତିର ଅନେକ ନୂଆ ସୁଯୋଗ ସୃଷ୍ଟି ହେବ ।

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମତ୍ସ୍ୟଜୀବୀ ସଂଗଠନଗୁଡ଼ିକୁ ଷ୍ଟାର୍ଟଅପ୍ ମାଧ୍ୟମରେ ବଜାର ସହ ଯୋଡିବା ସହିତ ଉପକୂଳବର୍ତ୍ତୀ ଅଞ୍ଚଳରେ ମତ୍ସ୍ୟ ଚାଷକୁ ସୁଦୃଢ଼ କରାଯିବ । ଏହି ପଦକ୍ଷେପ ଆମର ମତ୍ସ୍ୟଜୀବୀ ଭାଇଭଉଣୀମାନଙ୍କ ଆୟ ବୃଦ୍ଧି କରିବା ସହ ବ୍ଲୁ ଇକୋନୋମୀକୁ ଅଧିକ ସୁଦୃଢ଼ କରିବ । ଓଡ଼ିଶାର ଉପକୂଳ ଅଞ୍ଚଳରେ ଏହା ରୋଜଗାରର ନୂଆ ସୁଯୋଗ ସୃଷ୍ଟି କରିବ । ଓଡ଼ିଶାର ସମୁଦ୍ର କୂଳରେ ଗହିରମଥା ପରି ସ୍ଥାନଗୁଡ଼ିକରେ 'ଟର୍ଟଲ ଟ୍ରେଲ୍ସ' ଭଳି ପ୍ରକଳ୍ପ ରାଜ୍ୟ ପର୍ଯ୍ୟଟନ ଶିଳ୍ପକୁ ଏକ ନୂତନ ପରିଚୟ ଦେବା ସହ ଅର୍ଥନୀତିକୁ ମଜଭୁତ କରିବ । ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବା ପାଇଁ ମୋଦୀ ସରକାର ଏହି ବଜେଟରେ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଛନ୍ତି ।

### ବିଜେପିରେ ସାମିଲ ହେଲେ ଖୋର୍ଦ୍ଧା ଜିଲ୍ଲା

## ବୋଲଗଡ ବ୍ଲକର ନିର୍ବାଚିତ ଜନପ୍ରତିନିଧି, ଯୁବନେତା ଓ କର୍ମୀ



ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ଅନ୍ତର୍ଗତ ବାଙ୍କୋଇ ଗ୍ରାମ ପଂଚାୟତର ସରପଂଚ ଶ୍ରୀମତୀ ରଶ୍ମିତା ରାଉତରାୟ, ତାଙ୍କ ପ୍ରତିନିଧି ଭାସ୍କର ରାଉତରାୟ, କଲାଙ୍ଗ ଗ୍ରାମ ପଂଚାୟତର ଯୁବ ନେତା ଚିନ୍ମୟ ହୋତା, ଡାବରଧୁଆ ଗ୍ରାମ ପଂଚାୟତର ଯୁବ ନେତା ପାପୁନ ରାଉତ ବିଜୁ ଜନତା ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତିଙ୍କ ଉପସ୍ଥିତିରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ ।

### କଂଗ୍ରେସ ପାଇଁ କଟକ ଗୁରୁତ୍ୱପୂର୍ଣ୍ଣ : ଭକ୍ତ

## ବିଶ୍ୱଜିତ ମହାନ୍ତିଙ୍କ କଂଗ୍ରେସରେ ଯୋଗଦାନ

ଭୁବନେଶ୍ୱର,(ସବ୍ୟୁ): କଂଗ୍ରେସ ଭବନଠାରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ କଟକର ବିଶିଷ୍ଟ ବିଜେଡି ନେତା ବିଶ୍ୱଜିତ ମହାନ୍ତି ନିଜ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗଦାନ କରିଛନ୍ତି । ଶ୍ରୀ ମହାନ୍ତିଙ୍କୁ କଂଗ୍ରେସରେ ସ୍ୱାଗତ କରି ସଭାପତି ଶ୍ରୀ ଦାସ କହିଲେ, ବିଶ୍ୱଜିତ ବାବୁଙ୍କ ପିତା ବାରିଷ୍ଟର ରଣଜିତ ମହାନ୍ତି ମୋର ଜଣେ ମାର୍ଗଦର୍ଶକ ଥିଲେ । ବିଶ୍ୱଜିତ ବାବୁଙ୍କ କଂଗ୍ରେସରେ ଯୋଗଦାନ ଦଳକୁ ଅଧିକ କ୍ରିୟାଶୀଳ ଏବଂ ଶକ୍ତ କରିବ । କଟକ ଏକ ବୈଚାରିକ ସହର । କଂଗ୍ରେସ ପ୍ରତି ଅନେକ ବିଚାରନ୍ତ ମହାନୁଭବଙ୍କ ଦାନ ଅତୁଳନୀୟ । ତେଣୁ ଐତିହାସିକ ଏବଂ ମର୍ଯ୍ୟାଦା ଦୃଷ୍ଟିରୁ କଟକ କଂଗ୍ରେସ ପାଇଁ ମହତ୍ୱପୂର୍ଣ୍ଣ । ଏହି ମିଶ୍ରଣ ପର୍ବକୁ ମିଡ଼ିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ପରିଚାଳନା କରୁଥିବାବେଳେ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ, ପିସିସି କୋଷାଧକ୍ଷ ସିଦ୍ଧାର୍ଥ ଦାଶ, କଟକ ସିଟି ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ, ଶାନ୍ତାୟନ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ଶ୍ରୀ ମହାନ୍ତିଙ୍କ ସହ ଲେଖିକା ଦିଶା ବରାଳ, ବିଜେଡି ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ, ପୂର୍ବତନ କର୍ପୋରେଟର ପ୍ରବୀଣ ରାଉଳ ଗାନ୍ଧୀବାଦୀ ବୟୋଜ୍ୟେଷ୍ଠ ବିଶ୍ୱ ଦାସ, ଯୁବ ବିଜେଡି ସମ୍ପାଦକ ଏସ କେ ଅସଲାମ ତଥା ଶତାଧିକ କର୍ମୀ ଅନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗଦାନ କରିଥିଲେ ।



### ଚତୁର୍ଥ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

## ଆମ ହସ୍ତତନ୍ତ ସ୍ୱଦେଶୀ, ସଂସ୍କୃତି ଓ ସମୃଦ୍ଧିର ପ୍ରତୀକ: ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି । ଏହି ମେଳାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଉଦ୍‌ଘାଟନ କରି କହିଛନ୍ତି, "ହସ୍ତତନ୍ତ ଆମ ଗୌରବମୟ ଐତିହ୍ୟର ନିଦର୍ଶନ । ଏହା ସ୍ୱଦେଶୀ, ସଂସ୍କୃତି ଓ ସମୃଦ୍ଧିର ପ୍ରତୀକ । ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ସହ ବୁଣାକାର ବନ୍ଧୁମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ନିଜ ପ୍ରତିକ୍ରିୟାରେ କହିଛନ୍ତି, "ରାଜ୍ୟ ତଥା ଦେଶର ସମସ୍ତ ବୟନ କଳାକୁ ପ୍ରଦର୍ଶିତ କରିବା ସହ ବିକ୍ରୟ ପାଇଁ ଏହି ପ୍ରଦର୍ଶନୀ ଏକ ପ୍ରକୃଷ୍ଟ ମଂଚ । ଉତ୍କୃଷ୍ଟ ବୟନ କଳାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ପ୍ରଦର୍ଶନୀ ମାଧ୍ୟମରେ ବିପଣନ ସହ ଯୁବପିଢିଙ୍କୁ ଆକୃଷ୍ଟ କରିବା ଭଳି ନୂଆ ଡିଜାଇନ୍ ଓ ଡିଜିଟାଲ୍ ମାର୍କେଟିଂକୁ ମଧ୍ୟ ଆମେ ଉତ୍ସାହିତ କରୁଛୁ ।

ଗୋଟିଏ ସ୍ଥାନରେ ବୟନକଳାକୁ



ପ୍ରଦର୍ଶିତ କରିବା ସହ ବୁଣାକାରମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ହେଉଛି ଏହି ଆୟୋଜନର ମୂଳଲକ୍ଷ୍ୟ । ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଏହାର ପ୍ରାୟୋଜକ ଥିବା ବେଳେ ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିମିଟେଡ୍ (ବୟନିକା) ହେଉଛି ଏହାର ଆୟୋଜକ । ଏହି ମେଳା ୨୨ ଫେବୃଆରୀ ପର୍ଯ୍ୟନ୍ତ ଚାଲୁ ରହିବ । ପ୍ରତ୍ୟେକ ଦିନ ଦିବା ୧୧ ଘଟିକାରୁ ୯.୩୦ ମିନିଟ୍ ମଧ୍ୟରେ ଲୋକମାନେ ବିଶେଷ ରିହାତି ଦରରେ ମନପସନ୍ଦର ହାତତିଆରି ବସ୍ତ୍ର କିଣିପାରିବେ । ଚଳିତଥର ମୋଟ୍ ୮୦ ଟି ଷ୍ଟଲ୍ ଖୋଲାଯାଇଛି । ବୁଣାକାରଙ୍କ ହିତକୁ ପ୍ରାଥମିକତା ଦେବାକୁ ଯାଇ ପ୍ରଥମଥର ପାଇଁ ସମସ୍ତ ଷ୍ଟଲ୍ ବିନା ମୂଲ୍ୟରେ ବଣ୍ଟନ କରାଯାଇଛି । ଓଡ଼ିଶାର ୫୦ଟି ପ୍ରାଥମିକ ବୁଣାକାର ସମବାୟ ସମିତି, ଗୋପାଳପୁର ଟାଟା ଅନ୍ତରନ ସମେତ ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ରେଶମ ଓଡ଼ିଶା ଏଥିରେ ଅଂଶଗ୍ରହଣ କରୁଛନ୍ତି । ଏହା ବ୍ୟତୀତ ରାଜ୍ୟ ବାହାରୁ ୨୦ ଜଣ ଅଂଶଗ୍ରହଣକାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି । ଉତ୍ତରପ୍ରଦେଶ, ଜମ୍ମୁ-କାଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ହରିୟାଣା, ତାମିଲନାଡୁ, ତେଲେଙ୍ଗାନା, ଦିଲ୍ଲୀ, ବିହାର, ଉତ୍ତରାଖଣ୍ଡ, ପଞ୍ଜାବ, ଗୁଜରାଟର ବୁଣାକାର ଏଥିରେ ଅଂଶଗ୍ରହଣ କରିଛନ୍ତି । ଏହି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିମ୍ ପାଭିଲିୟନ, ଯାହା ଧଉଳି ଶାନ୍ତିସ୍ତୁପ ଥିମ୍ ଉପରେ ନିର୍ମାଣ କରାଯାଇଛି ।

### ୪୪ମଣ୍ଡଳ ରାଜଦୋଳ ସମିତିର ପ୍ରସ୍ତୁତି ବୈଠକ

ଚୌଦ୍ୱାର,(ସ.ବ୍ୟୁ.) : ୪୪ମଣ୍ଡଳ ରାଜଦୋଳ ସମିତି ପକ୍ଷରୁ ଚଳିତ ବର୍ଷର ଦୋଳଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ଦୀପକ କୁମାର ମଙ୍ଗରାଜଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠରେ ସମସ୍ତ ଠାକୁରମାନଙ୍କର ମାର୍ଫତ୍‌ଦାର ଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ୫ଦିନ ବ୍ୟାପୀ ଏହି ଯାତ୍ରା ୨୭ରେ ଆଗ୍ରାହାଟ, ୨୮ରେ ଜଗତ୍‌ପୁର, ମାର୍ଚ୍ଚ ୧ରେ ଗୋଡ଼ିପାଟଣା, ୨ରେ ବିଶ୍ରାମ ଦିବସ, ୩ ରେ ଦୋଳ ପୂର୍ଣ୍ଣିମାରେ ଚୌଦ୍ୱାର ମେଳର ଓ ୪ ରେ ଫକୀରପୁର ଠାରେ ଏହି ମେଳଣ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ୪୪ମଣ୍ଡଳର ଉପସଭାପତି ହରିହର ପଣ୍ଡା, ସମ୍ପାଦକ ନବ ସାହୁ, ଶିବଶଙ୍କର ସାହୁ, ଭାବଗ୍ରାହୀ ପଣ୍ଡା, ଚନ୍ଦ୍ରମୋହନ ଚୌଧୁରୀ, ରବୀନ୍ ଚନ୍ଦ୍ର ସୁବୁଦ୍ଧିରାୟ, ଭାଗିରଥି ବେଉରା ଓ ହେମନ୍ତ ବିଶ୍ୱାଳଙ୍କ ସମେତ ସମସ୍ତ ମାର୍ଫତ୍‌ଦାର ଭାଇମାନେ ଉପସ୍ଥିତ ଥିଲେ ।

## ହିଣ୍ଡାଲକୋ ଓ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ହୀରାକୁଦରେ ୱାର୍ଡ ସ୍ତରୀୟ କିଶୋରୀ ମେଳା

ଭୁବନେଶ୍ୱର (ସବ୍ୟୁ): ହୀରାକୁଦ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ହୀରାକୁଦ ର ପାରିପାର୍ଶିକ ଉନ୍ନୟନ ବିଭାଗ ଓ ସମନ୍‌ବିତ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ଏହି ସାମାଜିକ ସଚେତନତା କାର୍ଯ୍ୟକ୍ରମ "କିଶୋରୀ ମେଳା-୨୦୨୬ " ଅନୁଷ୍ଠିତ ହୋଇ ଯାଇଅଛି ଓ ଏହି ଅବସରରେ ସ୍ଥାନୀୟ "ପାୱାର କଲୋନୀ କମୁନିଟି ସେଣ୍ଟର" ଠାରେ ହୀରାକୁଦ ୱାର୍ଡ ନମ୍ବର ୦୮, ୦୯,୧୦,୧୧ ଓ ୧୨ ର ସମସ୍ତ ଅଙ୍ଗନବାଡି କର୍ମୀ ଓ କିଶୋରୀ ମାନଙ୍କୁ ନେଇ "କିଶୋରୀ ମେଳା" ଆୟୋଜନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ଉଉଚଙ୍ଗ ଶ୍ରୀମତୀ ଆରତୀ ସିଂ, ଶ୍ରୀମତୀ ରୁଦ୍ରାଣୀ ମହାପାତ୍ର, ଶ୍ରୀମତୀବିଲାସିନୀ ନାଥଶର୍ମା, ଅକ୍ଷୟ ସୁନା ଏବଂ ପାରିପାର୍ଶିକ ଉନ୍ନୟନ ବିଭାଗର ଶ୍ରୀମତୀ ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ ମିଳିତ ଭାବରେ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ଆରତୀ ସିଂ କିଶୋରୀ ମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ସରକାରଙ୍କର "କନ୍ୟା ବିବାହ



ଯୋଜନା" ଉପରେ ଆଲୋକପାତ କରିଥିଲେ ଏବଂ ହିଣ୍ଡାଲକୋ ହୀରାକୁଦ ଏହି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣରୂପେ ସହଯୋଗ କରିଥିବାରୁ ହିଣ୍ଡାଲକୋକୁ ସାଧୁବାଦ ଦେଇଥିଲେ ଓ ଏହି ମେଳାରେ କିଶୋରୀ ମାନଙ୍କର ମଧ୍ୟରେ ପତ୍ରଲିଖନ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ ବିଜେତା କିଶୋରୀ ମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ହୀରାକୁଦ ଅଞ୍ଚଳର ଅଙ୍ଗନବାଡି କର୍ମୀ ମାନେ ପୁଷ୍ଟିକର ଖାଦ୍ୟ ସମୂହର ପ୍ରଦର୍ଶନ କରିଥିଲେ । ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ସନ୍ତୋଷ କୁମାର ତ୍ରିପାଠୀ ଏବଂ ମିଲନ କୁମାର ସାହୁ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ଦୀର୍ଘ ବର୍ଷ ଚାକିରି ପରେ ଜଣେ ପେନସନରୁ ବଞ୍ଚିତ ହେବନି:ହାଇକୋର୍ଟ

କଟକ,(ସବ୍ୟୁ): ଦୀର୍ଘ ଦଶନ୍ଧି ଧରି ସେବା ଯୋଗାଇବା ପରେ କୌଣସି ବୈଷୟିକ କାରଣ ଦର୍ଶାଇ ଜଣେ କର୍ମଚାରୀଙ୍କୁ ତାଙ୍କର ପ୍ରାପ୍ୟ ପେନ୍‌ସନ୍ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ହିମାଦ୍ରି ଶେଖର ମହାନ୍ତିଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ ଶିବ ଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ଆବେଦନକାରୀଙ୍କୁ ସମସ୍ତ ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ୧୯୮୬ ମସିହାରେ ବାଲେଶ୍ୱର ଜିଲା ଜଜ୍‌ଙ୍କ କାର୍ଯ୍ୟାଳୟରେ କନିଷ୍ଠ କିରାଣି ଭାବେ ନିଯୁକ୍ତି ପାଇଥିଲେ । ପରବର୍ତ୍ତୀ ସମୟରେ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଦର୍ଶାଇ ତାଙ୍କୁ ଚାକିରିରୁ ବାହାର କରିଦିଆଯାଇଥିଲା । କିନ୍ତୁ କୋର୍ଟଙ୍କ ହସ୍ତକ୍ଷେପ ଓ ସରକାରୀ ନୀତି ଅନୁଯାୟୀ ୧୯୯୫ରେ ସେ ପୁନଃ ନିଯୁକ୍ତି ପାଇଥିଲେ । ୨୦୨୩ରେ ସେ ଅବସର ଗ୍ରହଣ କରିବା ପରେ ତାଙ୍କର ପ୍ରାରମ୍ଭିକ ନିଯୁକ୍ତି ସମୟରେ 'ନିଯୁକ୍ତି ପରୀକ୍ଷା' ଉତ୍ତୀର୍ଣ୍ଣ ହୋଇନଥିବା ଦର୍ଶାଇ ତାଙ୍କୁ ପେନ୍‌ସନ୍ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଇ ନ ଥିଲା । ଫଳରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।



ରବୀନ୍ଦ୍ର ମଣ୍ଡପ ଠାରେ ସିନେକ୍ରିଟିକ୍ ଆସୋସିଏସନ ତରଫରୁ ଆୟୋଜିତ ଲତା ନାଇଟ-୨୦୨୬ କାର୍ଯ୍ୟକ୍ରମରେ ପ୍ରତିଭା ପ୍ରଧାନ ଓ ରୁଦ୍ରାଂଶୁ ସଙ୍ଗୀତ ପରିବେଷଣ କରିଥିଲେ ।

### ଭୁବନେଶ୍ୱର,କଟକ,ପୁରୀ ଓ ପାରାଦ୍ୱୀପକୁ ନେଇ ହେବ ଅର୍ଥନୈତିକ କରିଡ଼ର: ଉପମୁଖ୍ୟମନ୍ତ୍ରୀ

ପୁରୀ, (ସବ୍ୟୁ) : ଭୁବନେଶ୍ୱର ,କଟକ ,ପୁରୀ ଓ ପାରାଦ୍ୱୀପକୁ ନେଇ ଅର୍ଥନୈତିକ କରିଡ଼ର ହେବ ବୋଲି କହିଛନ୍ତି ରାଜ୍ୟ ଉପ ଉପମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା। ଏହି ଅର୍ଥନୈତିକ ଯୋଜନାର ଶନିବାର ଶୁଭାରମ୍ଭ ହୋଇଛି। ଏ ନେଇ ପ୍ରତିକ୍ରିୟା ରଖିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଅର୍ଥନୈତିକ କରିଡ଼ରରେ କୋଷ୍ଟାଲ ହାଇୱେ ହେବ। ଅନେକ ଟୁରିଜିମ୍ ଭିତ୍ତିକ ଇକୋନୋମି ହେବ। ଏହା ଦ୍ୱାରା ,ଆୟ ୪ ଗୁଣ,ବ୍ୟବସ୍ଥା ୧୦ ଗୁଣ ଆଉ ସମୃଦ୍ଧି ୧୦୦ ଗୁଣ ବୃଦ୍ଧି ପାଇବ। ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଏହି ଅର୍ଥନୈତିକ କରିଡ଼ରରେ ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ, ବୌଦ୍ଧ ପରିକ୍ରମା ସହିତ ସଂଯୋଗୀକରଣ ,ହସ୍ତକଳା ପର୍ଯ୍ୟଟନ ଏବଂ ବେଦ ସଂଗ୍ରହାଳୟ, କ୍ରୁଜ ଟର୍ମିନାଲ ସି-ୱାରଲଡ଼ ଏବଂ ଯାତ୍ରୀ ଧାରଣ କ୍ଷମତା ଅନୁସାରେ ଜୋନିଂ ନିୟମାବଳି ଇତ୍ୟାଦି ରହିଛି।

## କଳାହାଣ୍ଡି ଲୋକଙ୍କ ସହ ସଂପର୍କର ସେତୁ ପାଲଟିଛି ବେଦାନ୍ତ ଆଲୁମିନିୟମର 'ମିଳାପ' ପ୍ରକଳ୍ପ

ଭୁବନେଶ୍ୱର (ସବ୍ୟୁ): କଳାହାଣ୍ଡି ଜିଲ୍ଲାରେ ଲୋକଙ୍କ ସହ ସମ୍ପର୍କ ବଢାଇବାର ସେତୁ ପାଲଟିଛି ବେଦାନ୍ତ ଆଲୁମିନିୟମର 'ମିଳାପ' ପ୍ରକଳ୍ପ । ବେଦାନ୍ତ ଆଲୁମିନିୟମର ଲାଞ୍ଜିଗଡ ପ୍ରକଳ୍ପ ଅଞ୍ଚଳରେ ଏହା କାର୍ଯ୍ୟକାରୀ ଏହି ଗୋଷ୍ଠି ସମ୍ପର୍କ ଅଭିଯାନ ଜରିଆରେ ଲୋକଙ୍କ ଭିତରେ ସ୍ଥିରତା, ବିଶ୍ୱାସ ଏବଂ ବିଶ୍ୱସନୀୟତା ବୃଦ୍ଧି ପାଇବାରେ ଲାଗିଛି । ଡିସେମ୍ବର ୨୦୨୩ ରେ ଆରମ୍ଭ ହୋଇଥିବା ମିଳାପ ହେଉଛି ଲୋକମାନଙ୍କ ସହିତ ଯୋଡି ହେବାପାଇଁ କମ୍ପାନୀର ଏଭଳି ଏକ ପଦକ୍ଷେପ ଯାହା ମାଧ୍ୟମରେ ଅଧିକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ପାଇଁ ଏକ ଢାଞ୍ଚା ପ୍ରସ୍ତୁତ କରାଯାଇଛି। ଆନୁଷ୍ଠାନିକ ବୈଠକ କିମ୍ବା ଏକକାଳୀନ କାର୍ଯ୍ୟକ୍ରମ ଉପରେ ନିର୍ଭର କରିବା ପରିବର୍ତ୍ତେ, ମିଳାପ ଏକ ସରଳ ମଡେଲ ଭାବେ କାର୍ଯ୍ୟ କରୁଛି । ବେଦାନ୍ତ କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ କ୍ଷେତ୍ର କର୍ମଚାରୀମାନେ ପ୍ରତି ମାସରେ ଆଖପାଖର ଗାଁକୁ ଯାଆନ୍ତି, ଲୋକଙ୍କ ସହ ବସିଥାନ୍ତି, ସେମାନଙ୍କ କଥା ଶୁଣନ୍ତି ଏବଂ ତଦନୁଯାୟୀ ପଦକ୍ଷେପ ଗ୍ରହଣ କରନ୍ତି ।

ସମୟ ସହିତ, ଏହି ପଦକ୍ଷେପ ସମ୍ପର୍କର ସ୍ୱରୂପକୁ ବଦଳାଇ



ଦେଇଛି ।

କଳାହାଣ୍ଡିର ବିକାଶର ଇତିହାସ ଦର୍ଶାଉଛି ଯେ ଏଠାରେ ଫଳାଫଳ ନିବେଶ ଉପରେ ଯେତିକି ନିର୍ଭର କରେ, ବିଶ୍ୱାସ ଉପରେ ତାହାଠାରୁ ଅଧିକ ନିର୍ଭର କରେ। ତେଣୁ ମିଳାପ ଏକ ପ୍ରକଳ୍ପ ପରିବର୍ତ୍ତେ ଏକ ସମ୍ପର୍କର ସେତୁ ଭାବରେ କାର୍ଯ୍ୟକାରୀ ହୋଇଥିଲା । ପ୍ରତ୍ୟେକ ଥରର ଗସ୍ତ ପୂର୍ବ ଗସ୍ତ ଉପରେ ଆଧାରିତ, ଯାହା ଲୋକଙ୍କ ସହିତ ଆଲୋଚନାକୁ ଗଭୀର କରିବାକୁ, ଚିନ୍ତାଧାରାକୁ ସ୍ୱାଭାବିକ ଭାବରେ ପ୍ରକାଶ କରିବାକୁ ଏବଂ ପ୍ରସଙ୍ଗ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣକୁ ସହଜ କରିଥାଏ । ବରିଷ୍ଠ ଅଧିକାରୀମାନେ କାରଖାନା ପରିସରରୁ ବାହାରି ଆସି ଆସି ଗାଁର ପ୍ରାଙ୍ଗଣ, ବିଦ୍ୟାଳୟ ଏବଂ ସାଧାରଣ ସ୍ଥାନରେ ଲୋକମାନଙ୍କୁ ଭେଟିଥାନ୍ତି। ଆଲୋଚନାରେ କୃଷି ଏବଂ ଜୀବିକାଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଦୈନନ୍ଦିନ ଭିତ୍ତିଭୂମିରେ ଥିବା ଆବଶ୍ୟକତା ପର୍ଯ୍ୟନ୍ତ ହୋଇଥାଏ । କୌଣସି ଘୋଷଣା ପରିବର୍ତ୍ତେ ଏଠାରେ ଲୋକଙ୍କ କଥାକୁ ଶୁଣିବା, ତାହାକୁ ଲିପିବଦ୍ଧ କରିବା ଏବଂ ପରବର୍ତ୍ତୀ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଏ ।ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋପାତ କରି ବେଦାନ୍ତ ଆଲୁମିନା ବିଜିନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ଯେତେବେଳେ ଆମେ ମିଳାପ ଆରମ୍ଭ କରିଥିଲୁ, ସେତେବେଳେ ମୋର ଏକ ସରଳ ବିଶ୍ୱାସ ଥିଲା, ଯେ ପ୍ରକୃତ ନେତୃତ୍ୱ କେବଳ ଆମ କାରଖାନାର ମଧ୍ୟରେ ସୀମିତ ହେଇନାହିଁ। ଗତ ଏକ ବର୍ଷ ମଧ୍ୟରେ, ମିଳାପ ଆମର ଅଧିକାରୀ ଏବଂ କର୍ମଚାରୀଙ୍କୁ ସିଧାସଳଖ ସେହି ଗୋଷ୍ଠି ସହିତ ଯୋଡ଼ିବାରେ ସକ୍ଷମ କରିଛି, ଯେଉଁମାନେ ଆମର ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛନ୍ତି। ଏହି ମାସିକ ଆଲୋଚନା ଅନେକ ଆଗକୁ ବଢ଼ିଛି, ଅର୍ଥପୂର୍ଣ୍ଣ ଆଲୋଚନାକୁ ପ୍ରୋତ୍ସାହିତ କରୁଛି ।

## ଗଜପତି ପୋଲିସକୁ ବଡ଼ ସଫଳତା

# ୪୫ ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାର ଉଦ୍ଧାର, ୩ ଗିରଫ



ପାରଳାଖେମୁଣ୍ଡି, (ସବ୍ୟୁ) ଗଜପତି ଜିଲ୍ଲା ପୋଲିସକୁ ମିଳିଛି ବଡ଼ ସଫଳତା। ୪୫ ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାର ଉଦ୍ଧାର ସହ ୩ଜଣିଆ ଚୋର ଗ୍ୟାଙ୍ଗକୁ ଧରିବାରେ ସକ୍ଷମ ହୋଇଛି ଗଜପତି ପୋଲିସ. ସେମାନଙ୍କ ନିକଟରୁ ୩ଶହ ଗ୍ରାମ ଚୋରି ସୁନା ଅଳଙ୍କାର ସହ ୮୦ ଗ୍ରାମର ରୂପା ଅଳଙ୍କାରକୁ ମଧ୍ୟ ପୋଲିସ ଜବତ କରିଛି। ଗିରଫ ୩ଜଣ ହେଲେ ଗଜପତି ଜିଲ୍ଲା ସେରଙ୍ଗ ଥାନା ଅନ୍ତର୍ଗତ ମାରିଗୁଡା ଗାଁର ମରାଠି ଗିରି ବାବୁ, ଅରୁଣ କୁମାର ପ୍ରଧାନ ଏବଂ ପରିଡା ଗାଁର ମୂରଲୀ ନାୟକ । ଚୋରି ହୋଇଥିବା ଦୁଇ ଲକ୍ଷ ଟଙ୍କା ଜବତ ହୋଇନଥିବା ବେଳେ ତାହାକୁ ଜବତ ପାଇଁ ଏବଂ ଏହି ଗ୍ୟାଙ୍ଗ ଅନ୍ୟ କୌଣସି ଚୋରି ଘଟଣାରେ ସମ୍ପୃକ୍ତ କି ନୁହେଁ ତାହା ଜାଣିବାକୁ ଆବଶ୍ୟକ ହେଲେ ଏମାନଙ୍କୁ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିବେ ବୋଲି ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଜପତି ଏସପି ଯତୀନ୍ଦ୍ରନାଥ ପଣ୍ଡା ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ, ଗତ ଜାନୁଆରୀ ୨୫ ତାରିଖ ଦିନ ମାରିଗୁଡା ଗାଁର ଆର.ଲକ୍ଷ୍ମୀ କଲ୍ୟାଣୀ ତାଙ୍କ ପରିବାର ସହ ଶ୍ରୀକାକୁଲମ ସୂର୍ଯ୍ୟମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ସେମାନେ ସେହିଦିନ ରାତିରେ ଘରକୁ ଫେରି ଦେଖିଲା ବେଳକୁ ଘରର ଆଲମାରୀ ଭାଙ୍ଗି ସେଥିରେ ଥିବା ୩ ଶହ ଗ୍ରାମ ସୁନା ଅଳଙ୍କାର, ୮୦ ଗ୍ରାମ ରୂପା ଅଳଙ୍କାର ଏବଂ ପ୍ରାୟ ୨ଲକ୍ଷ ଟଙ୍କା ଚୋରି ହୋଇଥିବା ସେରଙ୍ଗ ପୋଲିସ ଥାନାରେ ଅଭିଯୋଗ ହୋଇଥିଲା। ସେରଙ୍ଗ ଥାନା ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଆଜି ଚୋର ଧରାପଡ଼ିବା ସହ ସେମାନେ ଚୋରି କରିଥିବା ସୁନା ଓ ରୂପା ଅଳଙ୍କାରକୁ ନିକଟସ୍ଥ ଜଙ୍ଗଲରେ ମାଟି ତଳେ ପୋତି ରଖିଥିଲେ। ଯାହାକୁ ପୋଲିସ ଉଦ୍ଧାର କରି ଜବତ କରିଥିଲେ ବୋଲି ଗଜପତି ଏସପି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

# ଶିମିଳିପାଳ ଅଞ୍ଚଳରେ ବିଏସଏନଏଲ ଫୋର୍-ଜି ସେବାର ଉଦ୍‌ଘାଟନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ଯଶିପୁର ବ୍ଲକ ଅନ୍ତର୍ଗତ ସିମିଳିପାଳ ଅଞ୍ଚଳର ଗୁଡୁଗୁଡିଆ, ବରସିଆ ଓ ଅସ୍ତକୁଁଅର ଗ୍ରାମରେ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସଏନଏଲ) ପକ୍ଷରୁ ଫୋର୍-ଜି ମୋବାଇଲ ସେବାର ଉଦ୍ଘାଟନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏହି ଉତ୍ସବରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଓ ଅନ୍ୟ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।ଏହି ଫୋର୍-ଜିମୋବାଇଲ ଟାୱାରଗୁଡ଼ିକ ଭାରତ ସରକାରଙ୍କ ଡିଜିଟାଲ ଭାରତ ନିଧି (ଡିବିଏନ) ଅଧୀନରେ ଚାଲିଥିବାଫୋର୍-ଜି ସାଚୁରେସନ ପ୍ରକଳ୍ପ ଅନ୍ତର୍ଗତ ସ୍ଥାପିତ ହୋଇଛି । ଯାହାର ଲକ୍ଷ୍ୟ ଦେଶର ଅପହଞ୍ଚ ଓ ଦୁର୍ଗମ ଅଞ୍ଚଳକୁ ହାଇସ୍ପିଡ ମୋବାଇଲ ସଂଯୋଗ ପ୍ରଦାନ କରି ଡିଜିଟାଲ ତାରତମ୍ୟକୁ କମେଇବା। ଓଡ଼ିଶା ରାଜ୍ୟରେ ବିଏସଏନଏଲ ପକ୍ଷରୁ ଡିବିଏନ ଅର୍ଥାୟନରେ ମୋଟ ୧୬୬୪ଟି ନୂତନ ଟାୱାର ଏବଂ ୨୫୬ଟି ବିଟିଏସ ଉନ୍ନତିକରଣ କାର୍ଯ୍ୟ ରୂପାୟନ ହେଉଛି ।




ମୟୂରଭଞ୍ଜ ଜିଲ୍ଲାରେ ମୋଟ ୭୮ଟି ନୂତନ ଫୋର୍-ଜି ଟାୱାର ସ୍ଥାପନର ଯୋଜନା ରହିଥିବାବେଳେ, ଏପର୍ଯ୍ୟନ୍ତ ୬୫ଟି ବିଟିଏସକାର୍ଯ୍ୟକ୍ଷମ ହୋଇ ୧୩୧ଟି ପୂର୍ବରୁ ମୋବାଇଲ ସେବା ବଞ୍ଚିତ ଗ୍ରାମକୁ ସଂଯୋଗ ପ୍ରଦାନ କରୁଛି।ଶିମିଳିପାଳ ଜଙ୍ଗଲ ଅଞ୍ଚଳରେ ଅନୁମୋଦିତ ୧୪ଟି ଟାୱାର ମଧ୍ୟରୁ ୧୦ଟି ଟାୱାର କାର୍ଯ୍ୟରତ ହୋଇ ୧୯ଟି ଦୁର୍ଗମ ଗ୍ରାମକୁ ମୋବାଇଲ ସେବା ମିଳୁଛି। ଆଜି ଉଦ୍ଘାଟିତ ତିନୋଟି ଫୋର୍-ଜି ଟାୱାର ମାଧ୍ୟମରେ ୪୫୦୦ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୯ଟି ଅପହଞ୍ଚ ଗ୍ରାମ ସିଧାସଳଖ ଭାବେ ଲାଭାନ୍ୱିତ ହେବେ।ଏହି ଫୋର୍-ଜି ସେବା ଛାତ୍ରଛାତ୍ରୀଙ୍କ ଅନଲାଇନଶିକ୍ଷା, ଗ୍ରାମବାସୀଙ୍କ ଅନଲାଇନ ବ୍ୟାଙ୍କିଂ, ଡିଜିଟାଲ ପେମେଣ୍ଟ, ଟେଲିମେଡିସିନ, ସ୍ୱାସ୍ଥ୍ୟସେବା ଓ ବିଭିନ୍ନ ଇ-ଗଭର୍ନାନ୍ସ ସେବାକୁ ସୁଗମ କରିବା ସହ ଗ୍ରାମୀଣ ଅର୍ଥନୀତି ଓ ସାମାଜିକ ବିକାଶକୁ ନୂତନ ଗତି ଦେବ।ଏହି ପଦକ୍ଷେପ ଡିଜିଟାଲ ସଂଯୋଗୀକରଣ ମାଧ୍ୟମରେ ସମାବେଶୀ ଓ ସନ୍ତୁଳିତ ବିକାଶ ପ୍ରତି ସରକାରଙ୍କ ଅତୁଟ ପ୍ରତିବଦ୍ଧତାର ଏକ ସ୍ପଷ୍ଟ ପ୍ରମାଣ ଭାବେ ଦେଖାଯାଉଛି। ଏହି ଅବସରରେ ବିଏସଏନଏଲ ଓଡ଼ିଶାର ମୁଖ୍ୟ ମହାପ୍ରବନ୍ଧକ(ସିଜିଏମ) ଦୁଷ୍ମନ୍ତ କୁମାର ବେହେରା ଓଡ଼ିଶାର ସମସ୍ତ ନାଗରିକଙ୍କୁ ସୁଲଭ, ସୁରକ୍ଷିତ ଏବଂ ଉଚ୍ଚଗୁଣସ୍ତରୀୟ ଡିଜିଟାଲ ସେବା ପ୍ରଦାନ କରିବା ପ୍ରତି ବିଏସଏନଏଲର ଦୃଢ଼ ପ୍ରତିବଦ୍ଧତାକୁ ଉଲ୍ଲେଖ କରିଥିଲେ। ସେ ଦୁର୍ଗମ ଅଞ୍ଚଳଗୁଡ଼ିକୁ ମଧ୍ୟ ସଂଯୋଗ କରିବାରେ ବିଏସଏନଏଲର ଭରସା ଯୋଗ୍ୟ ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ।

## ଏସଆଇ ପରୀକ୍ଷା ଜାଲିଆତି ମାମଲା

# ଗଞ୍ଜାମରୁ ଆଉ ଜଣକୁ ଉଠାଇଲା ସିବିଆଇ

ବ୍ରହ୍ମପୁର,(ସବ୍ୟୁ): ଏସଆଇ ପରୀକ୍ଷା ଜାଲିଆତି ମାମଲାରେ ସଂପୃକ୍ତି ଅଭିଯୋଗରେ ଗଞ୍ଜାମ ଜିଲାରୁ ଆଉ ଜଣଙ୍କୁ ଉଠାଇ ନେଇଛି ସିବିଆଇ । ସେ ହେଲେ ବ୍ରହ୍ମପୁର ନିକଟ କୁକୁଡାଖଣ୍ଡି ଶାନ୍ତିନଗରର ଇ. ସୀତାରାମ । ସିବିଆଇ ଟିମ ତାଙ୍କୁ ସଦର ଥାନାରୁ ଭୁବନେଶ୍ୱର ଅଭିମୁଖେ ନେଇଥିବା କୁହାଯାଉଛି । ଏ ବିଷୟରେ ସିବିଆଇ ପକ୍ଷରୁ କୌଣସି ପ୍ରକାର ସୂଚନା ଦିଆଯାଇନାହିଁ । ଏହି ଜାଲିଆତି ମାମଲାରେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଅଞ୍ଚଳର ଶଙ୍କର ପୃଷ୍ଟି ମାଷ୍ଟର ମାଇଣ୍ଡ ହୋଇଥିବା ବେଳେ ତାଙ୍କ ସହ ଜିଲାର କିଛି ଜଣ ଲିଙ୍କରେ ଥିଲେ । ଆଜି ସୁଧା ୧୨୩ ଜଣ ଗିରଫ ହୋଇ ସାରିଥିବା ବେଳେ ସେଥିରୁ ୧୧୪ ଜଣ ପରୀକ୍ଷାର୍ଥୀ ସର୍ତ୍ତମୂଳକ ଜାମିନରେ ମୁକୁଳି ବାହାରେ ଅଛନ୍ତି । ଏହି ଜାଲିଆତିର ଲିଙ୍କ ବିହାର, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ଯାଏଁ ଲମ୍ବିଛି । ଆବଶ୍ୟକସ୍ଥଳେ ସିବିଆଇ ପରୀକ୍ଷାର୍ଥୀଙ୍କୁ ଡାକି ଜେରା କରୁଛି । ତେବେ ତଦନ୍ତ ସମୟରେ ଗଞ୍ଜାମ ଜିଲା କୁକୁଡାଖଣ୍ଡିର ସୀତାରାମଙ୍କ ଲିଙ୍କ ଆସିବା ପରେ ସିବିଆଇ ପକ୍ଷରୁ ବ୍ରହ୍ମପୁର ପୁଲିସର ସହାୟତା ନିଆଯାଇଥିଲା । ସଦର ଥାନା ଅଞ୍ଚଳରେ ରହୁଥିବା ସୀତାରାମଙ୍କୁ ଡାକି ଥାନାରେ ଅଟକ ରଖାଯାଇଥିଲା । ସିବିଆଇ ଟିମ ବ୍ରହ୍ମପୁରରେ ପହଞ୍ଚି ସୀତାରାମଙ୍କୁ ନେଇଥିଲେ । ଏହି ଜାଲିଆତିରେ ସୀତାରାମ ଜଣେ ଦଲାଲ ଭାବେ କାର୍ଯ୍ୟ କରୁଥିଲେ ବୋଲି ଆଲୋଚନା ହେଉଛି । ଏହା ପୂର୍ବରୁ ସିବିଆଇ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରୁ ଏକାଧିକ ଯୁବକଙ୍କୁ ଉଠାଇ ନେଇ ପଚରାଉଚରା କରିସାରିଛି ।

## ଆମ୍ ଆଦମୀ ପାର୍ଟିର ଯୁବ ସମ୍ମିଳନୀ କାର୍ଯ୍ୟକ୍ରମ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବାଙ୍ଗିରିପୋଷି କଲ୍ୟାଣୀ ମଣ୍ଡପ ଠାରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ଏକ ଯୁବ ସମ୍ମିଳନୀ ଆୟୋଜନ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଆମ୍ ଆଦମୀ ପାର୍ଟି ରାଜ୍ୟ ସଂଗଠନ ସମ୍ପାଦକ ସନ୍ଦୀପ୍ତ ଦାସ , ସମ୍ମାନିତ ଅତିଥି ଭାବେ ଆମ୍ ଆଦମୀ ପାର୍ଟି ରାଜ୍ୟ ଯୁବ ସଭାପତି ରୁଚିର ରୁଦ୍ର ରଥ, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଜିଲ୍ଲା ସଭାପତି ଜୟସୂର୍ଯ୍ୟ କାନୁନଗୋ ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ମୂଖ୍ୟପ୍ରବକ୍ତା ଲଳିତ ମୋହନ ଦାସ ଅଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଜିତେନ୍ଦ୍ର ପଟ୍ଟନାୟକ, ରାଜ୍ୟଗଣମାଧ୍ୟମ ସଂଯୋଜକ ଅମୀୟ ଶର୍ମା, ରାଜ୍ୟ ଯୁବ ସମ୍ପାଦକ ରାକେଶ ରାଉତ ଯୋଗଦେଇ ଥିଲେ। ମୟୂରଭଞ୍ଜ ଜିଲ୍ଲା ସଭାପତି ଶଙ୍କର୍ଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମହିଳା ସଭାନେତ୍ରୀ ମୌସୁମୀ ସିଂ ଏବଂ ହରେକୃଷ୍ଣ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ନିମନ୍ତେ ଦଳୀୟ ସଂଗଠନକୁ ସୁଦୃଢ କରିବା ସମ୍ପର୍କରେ ମତ ପ୍ରଦାନ କରିଥିଲେ।

## ମାମୁଁଙ୍କୁ ବ୍ଲେଡରେ ଆକ୍ରମଣ : ଭଣଜା ଗିରଫ

ବ୍ରହ୍ମପୁର,(ସବ୍ୟୁ): ନିଜ ମାମୁଁଙ୍କୁ ବ୍ଲେଡରେ ଆକ୍ରମଣ କରିବା ଅଭିଯୋଗରେ ସଦର ଥାନା ପୁଲିସ ସଂପୃକ୍ତ ଭଣଜାଙ୍କୁ ଗିରଫ କରିଛି । ସେ ହେଲେ ସୁକୁଣ୍ଡା କୁମ୍ଭାର ସାହିର ମନୋଜ ବେହେରା(୨୫) । ପୁଲିସ ଅଭିଯୁକ୍ତ ମନୋଜ ନିକଟରୁ ଆକ୍ରମଣରେ ବ୍ୟବହୃତ ବ୍ଲେଡ ଜବତ କରିଛି । ଲାଠି ଗ୍ରାମର ଗୌର ବେହେରା ଏବଂ ଅଭିଯୁକ୍ତ ମନୋଜଙ୍କ ମାଆ ସମ୍ପର୍କରେ ଭାଇଭଉଣୀ ଅଟନ୍ତି । ଆଜକୁ କିଛି ବର୍ଷ ତଳେ ଗୌର ନିଜ ଭଉଣୀ ନିକଟରୁ କିଛି ସୁନା ବନ୍ଧକ ରଖି ୫୦ ହଜାର ଟଙ୍କା ଧାର ନେଇଥିଲେ । ପର୍ଯ୍ୟାୟକ୍ରମରେ ସେ ନିଜ ଭଉଣୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୫୦ ହଜାର ଜମା କରି ଦେଇଥିଲେ । ଟଙ୍କା ସୁଝିବା ପରେ ଶୁକ୍ରବାର ଦିନ ଗୌର ନିଜ ଭଉଣୀ ଘରକୁ ଯାଇ ସୁନା ଅଳଙ୍କାର ଫେରାଇ ଦେବାକୁ କହିଥିଲେ । ହେଲେ ତାଙ୍କ ଭଉଣୀ ଟଙ୍କା ପାଇନଥିବା ଜଣାଇଥିଲେ । ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଗୌରଙ୍କ ଭଉଣୀର ପୁଅ ତଥା ଅଭିଯୁକ୍ତ ମନୋଜ ଏକ ବ୍ଲେଡରେ ଗୌରଙ୍କୁ ଆକ୍ରମଣ କରିଥିଲେ । ଗୌରଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା । ସେ ଚିକିତ୍ସିତ ହୋଇ ଫେରିବା ପରେ ଘଟଣାକୁ ନେଇ ସଦର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ମନୋଜଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରିଛି ।

## ସିପିଆଇର ବିକ୍ଷୋଭ

ଛତ୍ରପୁର, (ସବ୍ୟୁ): ୧୨ ଦଫା ଦାବି ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ପକ୍ଷରୁ ଛତ୍ରପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟ ରେ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ବିଶେଷ କରି ଟୋକେନ ଲାପସ ହେବା ପୂର୍ବରୁ ସଠିକ ସମୟରେ ମଣ୍ଡିରୁ ଧାନ କିଣିବା, ରାସନ କାର୍ଡରେ ନାମ ସଂଯୋଗୀକରଣ ପ୍ରକ୍ରିୟା ତ୍ବରନ୍ତ କରିବା, ଆବାସ ଯୋଜନାରେ ଘର ଯୋଗାଇ ଦେବା, ମାଗଣା ବିଦ୍ୟୁତ ଯୋଗାଇଦେବା ବଦଳରେ ସ୍ମାର୍ଟ ମିଟର ମାଧ୍ୟମରେ କରାଯାଉଥିବା ଶୋଷଣ କୁ ବନ୍ଦ କରିବା, ଛତ୍ରପୁର ବ୍ଲକରେ ଚାଲିଥିବା ପିସି କାରାବାରକୁ ବନ୍ଦ କରିବା ଆଦି ବିରୁଦ୍ଧରେ ସେମାନେ ପ୍ରତିବାଦ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ଜିଲ୍ଲା ସହ- ସମ୍ପାଦକ ନୀଳ କଣ୍ଠ ଦାଶ, ଉତ୍କଳ ମହିଳା ସମିତି ର ରାଜ୍ୟ ଉପସଭାନେତ୍ରୀ ଏନ. ଭାନୁ ମତୀ ରେଡ୍ଡୀ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ସିଏଚ. ଜନାର୍ଦନ ରେଡ୍ଡୀ, ଛତ୍ରପୁର ଜୋନାଲ ସମ୍ପାଦକ ଡି. ଆଦିନାରାୟଣ ରେଡ୍ଡୀ, ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ. ଗିରିଜା ପ୍ରସାଦ ରେଡ୍ଡୀ, ରାଜେନ୍ଦ୍ର ନାହାକ, ପୂର୍ବତନ ସରପଞ୍ଚ ସିମାଞ୍ଚଳ ସାହୁ, ଏନ. ମୁନାପାତ୍ର, ଏନ. ସୁକାନ୍ତ ଆଚାରୀ, ଏସ. ତ୍ରିନାଥ ରେଡ୍ଡୀ, ପ୍ରଫୁଲ୍ଲ ପାଣିଗ୍ରାହୀ,ନବୀନ ଗୌଡ଼ ଙ୍କ ସମେତ ବହୁ ମହିଳା ଓ ପୁରୁଷ ମାନେ ସାମିଲ ହୋଇଥିଲେ ।

# ମିଳିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାରିପଦା, (ସବ୍ୟୁ): : ବାରିପଦା ସହରର ଉପକଣ୍ଠରେ ଅବସ୍ଥିତ ଉତ୍ତର ଓଡିଶାର ଅଗ୍ରଣୀ ବୈଷୟିକ ଶିକ୍ଷା ଅନୁଷ୍ଠାନ ଡିଭାଇନ୍ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନସରେ, ଶନିବାର ଦିନ ଭୁବନେଶ୍ୱରସ୍ଥିତ ସମ ଅଲଟିମେଟ୍ ମେଡିକେୟାର ଓ ଡିଭାଇନ୍ ଗ୍ରୁପର ମିଳିତ ଉଦ୍ୟମରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ ଅଲଟିମେଟ୍ରୁ ଆସିଥିବା ବରିଷ୍ଠ ଅସ୍ଥିଶଲ୍ୟ ଚିକିତ୍ସକ ଡାଃ ବୁଦ୍ଧେଶ୍ୱର ମାଝୀ ଓ ବରିଷ୍ଠ ଭେଷଜ ଚିକିତ୍ସକ ଡାଃ ପ୍ରମୋଦ କୁମାର ଟୁଡୁ ଉପସ୍ଥିତ ରହି ଡିଭାଇନ୍ ଗ୍ରୁପର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟ ମାନଙ୍କର ରକ୍ତ ପରୀକ୍ଷା ଇସିଜି, ବୋନ ଡେନସିଟି ଟେଷ୍ଟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ସହ ଉଚିତ୍ ପରାମର୍ଶ ପ୍ରଦାନ କରଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ୨୩୩ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରଯାଇଥିଲା। ଏହି ପ୍ରସଙ୍ଗରେ ଡିଭାଇନ ର ନିର୍ଦ୍ଦେଶକ ତଥା ଟ୍ରଷ୍ଟି ଇଂ ବିପ୍ଳବ ଭଞ୍ଜନ ବୁଗୁଡାଇ ସାଧୁବାଦ ଜଣାଇବା ସହ ସେଇ ଅନୁଷ୍ଠାନକୁ କୃତଜ୍ଞତା ଜ୍ଞାପନ କରିଥିଲେ। ତତ୍ ସହିତ ନିର୍ଦ୍ଦେଶକ ଇଂ ଗୌରବ ବୁଗୁଡାଇ ମୟୂରଭଞ୍ଜରେ ଏହି ପରି ସ୍ୱାସ୍ଥ୍ୟ ଶିବିରର ଆବଶ୍ୟକତା ସମ୍ପର୍କରେ ନିଜର ଅଭିମତ ପ୍ରଦାନ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରକୁ ସଫଳ ପରିଚାଳନା କରିବାରେ ଡିଭାଇନ୍ ଗ୍ରୁପର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସର ବିଏସ୍‌ସି (ନର୍ସିଂ) ଓ

## ୯ ରେ ବାରିପଦା ଆସୁଛନ୍ତି ସ୍ୱାମୀ ମୁକୁନ୍ଦାନନ୍ଦ ମହାରାଜଜୀ

ବାରିପଦା, (ସବ୍ୟୁ) : ଆଧ୍ୟାତ୍ମିକ ତଥା ବିଶ୍ୱ ଯୋଗଗୁରୁ ମୁକୁନ୍ଦାନନ୍ଦ ମହାରାଜ ବାରିପଦା ସହରକୁ ଆସନ୍ତା ୯ ଓ ୧୦ ତାରିଖ ଦୁଇଦିନିଆ ରାଧାଗୋବିନ୍ଦଧାମ ପରିଦର୍ଶନରେ ଆସୁଛନ୍ତି । ଏଥିପାଇଁ ବାରିପଦା ଥତା ଆଖପାଖ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଅତ୍ୟନ୍ତ ଉତ୍ସାହ ପରିଲକ୍ଷିତ ହେଉଛି । ରାଧାଗୋବିନ୍ଦ ଧାମ ଏହି ଅବସରରେ



ମୟୂରଭଞ୍ଜବାସୀଙ୍କ ନିମନ୍ତେ ଏକ ଜୀବନ ପରିବର୍ତ୍ତନକାରୀ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର (ଲାଇଫ୍ ଟ୍ରାନ୍ସଫର୍ମର ପ୍ରୋଗ୍ରାମ) ର ବ୍ୟବସ୍ଥା କରିଛନ୍ତି । ଏହି କାର୍ଯ୍ୟକ୍ରମ ବାରିପଦା ସହିଦ୍ ସ୍ମୃତି ଭବନ ଠାରେ ସନ୍ଧ୍ୟା ସାଢ଼େ୫ଟାରୁ ରାତ୍ର ୮ଟାପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପୂଜ୍ୟସ୍ୱାମିଜୀ ଆଧୁନିକ ମାନବଜୀବନ ସମ୍ମୁଖୀନ ହେଉଥିବା ଚାପ, ଚିନ୍ତା, ଭୟ, ଅସ୍ଥିରତା ପ୍ରଭୃତି ମାନସିକ ଦ୍ୱନ୍ଦ୍ୱରୁ ମୁକ୍ତ ହେବା ପାଇଁ ମାର୍ଗ ପରିଦର୍ଶନ କରିବେ । ସ୍ୱାମୀଜୀଙ୍କ ପ୍ରବଚରଣ ଶ୍ରୀମଦ୍ ଭାଗବତ ଗୀତା । ବାରିପଦା ରାଧା ଗୋବିନ୍ଦ ଧାମର ସମସ୍ତ କାର୍ଯ୍ୟକର୍ତ୍ତା। ସହରବାସୀଙ୍କୁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ କରାଯାଇଛି ।

## ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ନୂତନ କର୍ମକର୍ତ୍ତା ନିଯୁକ୍ତ

ଭୁବନଶ୍ୱର,(ସବ୍ୟୁ): ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜାତୀୟ ସଭାପତି ସୁନୀଲ ପନୱାରଙ୍କ ଅନୁମୋଦନ କ୍ରମେ ଆରଜିପିଏସ ଓଡ଼ିଶାରେ ନୂତନ କର୍ମକର୍ତ୍ତା ନିଯୁକ୍ତ ହୋଇଛନ୍ତି। ଏହି କ୍ରମରେ, ନିରୁପମା ପାତ୍ର ଓ ଡଃ ମନୀଷା ଦାସ ପଟ୍ଟନାୟକ ସହ-ଅଧ୍ୟକ୍ଷ, ସ୍ୱାଗତିକା ପଟ୍ଟନାୟକ ବରିଷ୍ଠ ଉପ ସଭାପତି, ବଳରାମ ବଗର୍ତ୍ତୀ, ତପନ ଚକ୍ରବର୍ତ୍ତୀ,ଅଖିଳ ଭତ୍ରା, ସୁବ୍ରତ ପ୍ରଧାନ, ଗୌରୀ ନାୟକ ସାଧାରଣ ସମ୍ପାଦକ ରୂପେ ନିଯୁକ୍ତ ହୋଇଛନ୍ତି।ଏହା ସହିତ ଆବାହକ ଏବଂ ସହ ଆବାହକ ପାଇଁ ବିଭିନ୍ନ ଜିଲ୍ଲାରେ ନିଯୁକ୍ତ କରାଯାଇଛି। କେନ୍ଦ୍ରାପଡ଼ା ପାଇଁ ରାକେଶ କୁମାର ରାଉତ ଆବାହକ ଓ ବିଜୟଲକ୍ଷ୍ମୀ ସାହୁ ସହ ଆବାହକ, ମୟୂରଭଞ୍ଜ (ପଶ୍ଚିମ) ଧରଣୀ ମହନ୍ତ ଓ ଗୋଲାପ ସୋରେନ, ମୟୁରଭଞ୍ଜ (ପୂର୍ବ) ବାଦଲ ହେମ୍ବ୍ରମ ଓ ସୁଜାତା ସିଂ, ବାଲେଶ୍ୱର ଆଶିଷ ପଟ୍ଟନାୟକ ଓ ଝୁନା ମୂଖୀ, ଯାଜପୁର ମନୋରଞ୍ଜନ ଦାସ ଓ ସୁଲୋଚନା ଦାସଙ୍କୁ ଆବାହକ ଏବଂ ସହ ଆବାହକ ଦାୟିତ୍ୱ ମିଳିଥିବାବେଳେ ବିନାୟକ ଗୌଡ଼ଙ୍କୁ ଗଞ୍ଜାମ (ପଶ୍ଚିମ), ଆଲୋକ କୁମାର ପ୍ରଧାନ ନୟାଗଡ, ପ୍ରହଲ୍ଲାଦ ଖମାରୀ ଝାରସୁଗୁଡା, ଦିଲ୍ଲୀପ ଦାସ ବରଗଡ଼ ଓ ବନମାଳୀ ପୋଢ଼ଙ୍କୁ ସୋନପୁରର ଆବାହକ ରୂପେ ଦାୟିତ୍ୱ ବଣ୍ଟନ ହୋଇଛି ବୋଲି ରାଜ୍ୟ ଆରଜିପିଏସ ଅଧ୍ୟକ୍ଷ ସୁଦର୍ଶନ ଦାସ ପ୍ରକାଶ କରିଛନ୍ତି ।

## ଡଙ୍ଗା ଓଲଟି ମତ୍ସ୍ୟଜୀବୀ ମୃତ୍ୟୁ

ଗୋପାଳପୁର, (ସବ୍ୟୁ) : ଗୋପାଳପୁର ଥାନା ଅନ୍ତର୍ଗତ ଭେଙ୍କରାୟପୁର ଗ୍ରାମର ଜଣେ ମତ୍ସ୍ୟଜୀବୀ ମାଛ ଧରିବାକୁ ସମୁଦ୍ରକୁ ଯାଉଥିବା ବେଳେ ଜୁଆର ମାଡ଼ରେ ଏସ.ରୁଦ୍ରେୟା ( ୬୭) ଙ୍କର ମୃତ୍ୟୁ ହୋଇଛି । ଶନିବାର ଅପରାହ୍ଣ ୪ ଟାରେ ଭେଙ୍କଟରାୟପୁର ଗ୍ରାମର ବୁଗୁରୁ କ୍ରିଷ୍ଣାଙ୍କ ଡଙ୍ଗାରେ କ୍ରିଷ୍ଣାଙ୍କ ସମେତ ଏସ.ରୁଦ୍ରେୟା,ଲେଙ୍କା ସୋମେୟା,ବୁଗୁରୁ ଗୁରାୟା ମାଛ ଧରିବାକୁ ଡଙ୍ଗା ଧରି ସମୁଦ୍ରକୁ ବାହାରିଥିଲେ। ସମୁଦ୍ରର ପ୍ରାୟ ୫୦ ମିଟର ଭିତରେ ଉଚ୍ଚ ଜୁଆର ମାଡ଼ରେ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସମସ୍ତେ କୂଳକୁ ପହଁରୀ ପହଁରୀ କୂଳକୁ ଆସି ଦେଖିବା ବେଳେ ରୁଦ୍ରେୟା । କିଛି ସମୟ ପରେ ପାଣିରେ ଭାସୁଥିବା ଦେଖି ତାକୁ କୂଳକୁ ଆଣି ବ୍ରହ୍ମପୁର ମେଡିକାଲ ନେଇଥିଲେ । ସେଠାରେ ମୃତ ଘୋଷଣା କରାଯାଇଥିଲା।

## ସରକାରୀ ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗ ପାଠଚକ୍ର

ବାରିପଦା, (ସବ୍ୟୁ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଇତିହାସ ବିଭାଗର ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଇତିହାସରେ ପୁରାଣ ଓ କିମ୍ବଦନ୍ତୀ ସହ ଭାରତୀୟ ଜ୍ଞାନ ପରମ୍ପରା ଶୀର୍ଷକରେ ଆୟୋଜିତ ଏହି ପାଠଚକ୍ରରେ ସ୍ଥାନୀୟ ଶ୍ରୀ ମା'ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ସେବା ନିବୃତ୍ତ ଅଧ୍ୟାପକ ଡଃ ନରସିଂହ ବାରିକ ଯୋଗ ଦେଇ ପୁରାଣ ଓ କିମ୍ବଦନ୍ତୀ ଆଧାରରେ ଇତିହାସ, ପୁଣି ପୁରାଣ ଓ କିମ୍ବଦନ୍ତୀକୁ ଆଶ୍ରୟକରି ଅତୀତର ସତ୍ୟ କିପରି ଉଦ୍ଘାଟନ ହୋଇଛି, ସେ ସମ୍ପର୍କରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସାଗରିକା ସିଂହ ଉକ୍ତ




ପାଠଚକ୍ରରେ ସଭାପତିତ୍ୱ କରି କହିଥିଲେ ଯେ, ଆମ ପୁରାଣ ଓ କିମ୍ବଦନ୍ତୀ ଅନେକ କ୍ଷେତ୍ରରେ ଇତିହାସ ସହ ଜଡିତ । ପୁରାଣ ଓ କିମ୍ବଦନ୍ତୀର ଗଭୀର ଅନୁଧ୍ୟାନ ଓ ଅନୁଶୀଳନ ଫଳରେ ବହୁ ସତ୍ୟ ଉଦଘାଟନ ହୋଇପାରିଛି । ଇତିହାସ ବିଭାଗ ମୁଖ୍ୟ ଲକ୍ଷ୍ମଣ ମୁର୍ମୁ ଅତିଥି ପରିଚୟ ସହ ପାଠଚକ୍ରର ଅଭିମୁଖ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ସମ୍ପ୍ରିତା ରୂପ ସଭାପରିଚାଳନା କରିଥିଲେ । ପରିଶେଷରେ ଅଧ୍ୟାପିକା ସୁଶ୍ରୀ ଦେବକୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ହରିହାଟ ମେଳା-୨୦୨୬, ବଡଯୋଡ ଉଦ୍‌ଯାପିତ

ବାରିପଦା, (ସବ୍ୟୁ): ୧୫୮ତମ ହରିହାଟ ମେଳା ୨୦୨୬, ବଡଯୋଡ ଉଦ୍‌ଯାପିତ ହୋଇଯାଇଛି । ମାଘ ମାସ ୧୬ଦିନ ଅନ୍ନି ଉତ୍ସବ ପୂର୍ଣ୍ଣିମା ତିଥିଠାରୁ ଏହି ମେଳା ଆରମ୍ଭ ହୋଇଥିଲା । ଦୀର୍ଘ ୫ଦିନ ଧରି ବଡଯୋଡ ଗ୍ରାମ ଠାରେ ହରିହାଟ ମେଳାକୁ ଅଞ୍ଚଳବାସୀମାନେ ନିରାମିଷାସୀ ଭାବେ ନିଷ୍ଠାର ସହିତ ପାଳନ କରିଥିଲେ । ମେଳାରେ ନିଶାଦ୍ରବ୍ୟ ବିକ୍ରି ବ୍ୟବସ୍ଥା ତଥା ଯୁଆଖେଳ ଭଳି ବେଆଇନ୍ କାମ କମିଟି ନିଷିଦ୍ଧ କରିଥିଲେ । ଉଦଯାପନୀ ଦିବସରେ ନିମନ୍ତ୍ରିତ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ନବାରିପଦା ବିଧାୟକ ପ୍ରକାଶ ସୋରେନ୍ ମେଳାରେ ଯୋଗଦେଇ ମହାପ୍ରଭୁ ହରିବାବାଙ୍କୁ ପୂଜାଅର୍ଚ୍ଚନା କରିଥିଲେ । ୧୫୫ତମ ହରିହାଟ ମେଳା ୨୦୨୬, ବଡଯୋଡର ସାଂସ୍କୃତିକ କାଯ୍ୟକ୍ରମ ଆରମ୍ଭ କରିଥିଲେ । ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ ସାଇ ହସ୍ପିଟାଲ ମାଲିକ ଡାଃ ଲକ୍ଷ୍ମୀକାନ୍ତ ପତି ଯୋଗଦେଇ ଥିଲେ । ଶିମିଳିପାଳ ମଧ୍ୟରେ ଅବସ୍ଥିତ ବାଥୁଡି ସମାଜର ରାଷ୍ଟ୍ର ଦେବତା ୧୮ ଦେଉଳକୁ ଯାଇଥିଲେ ବୋଲି ପରିପ୍ରକାଶ କରିଥିଲେ । ସମ୍ମାନୀୟ ଅତିଥି, ସାଇ ହସ୍ପିଟାଲର ମାଲିକ ଡାଃ ଲକ୍ଷ୍ମୀକାନ୍ତ ପତି ତାଙ୍କ ଅଭିଭାଷଣରେ ହରିହାଟ ମେଳାର ମହାତ୍ମ୍ୟ ବିଷୟରେ ସମ୍ୟକ ଧାରଣା ଆଲୋକପାତ କରିଥିଲେ । ସ୍ୱାଧିନତା ପୂର୍ବରୁ ଭଞ୍ଜରାଜ ବଂସ ମୟୂରଭଞ୍ଜକୁ କିପରି ସୁଶାସନ ପ୍ରଦାନ କରି ପ୍ରଜାବତ୍ସଳ ରାଜାଥିଲେ ତାହା ବର୍ଣ୍ଣନା କରିଥିଲେ । ସ୍ୱାସ୍ଥ୍ୟ ହିଁ ସମ୍ପଦ ଶୀର୍ଷକ ବିଷୟକୁ ବିଭିନ୍ନ ଗଳ୍ପ ମାଧ୍ୟମରେ ଉପସ୍ଥିତ ଦର୍ପକଙ୍କୁ ସଚେତନ କରିଥିଲେ ।। ତାଙ୍କ ସାଇ ହସ୍ପିଟାଲ ଆୟୁଷ୍ମାନ କାର୍ଡରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ହରିହାଟ ସାଂସ୍କୃତିକ ଟ୍ରଷ୍ଟର ଅଧ୍ୟକ୍ଷ ଦୈତାରୀ ନାଏକ, ଉପାଧ୍ୟକ୍ଷ ବିଜୟ କୁମାର ନାଏକ ଏବଂ କୃଷ୍ଣଚନ୍ଦ୍ର ନାଏକ ମଞ୍ଚରେ ଉପସ୍ଥିତ ଥିଲେ । ବଡଯୋଡ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ, ଜିଲ୍ଲା ପରିଷଦ ପୂର୍ବତନ ସଦସ୍ୟ ତଥା ଟ୍ରଷ୍ଟର କୋଷାଧ୍ୟକ୍ଷ କାଳିଚରଣ ନାଏକ ମଞ୍ଚ ପରିଚାଳନା କରିଥିଲେ ।।

## ମେଘାସନୀ ମହୋତ୍ସବ-୨୦୨୬ ଉଦ୍‌ଘାଟିତ

## ପ୍ରଥମ ସନ୍ଧ୍ୟାରେ ସାନ୍ତାଳୀ ସଙ୍ଗୀତରେ ଦର୍ଶକ ମତୁଆଲା


ବାରିପଦା, (ସବ୍ୟୁ): ମେଘାସନୀ ମହୋତ୍ସବ-୨୦୨୬ ତଥା ସ୍ୱଦେଶୀ ଓ ସୁଭଦ୍ରା ଶକ୍ତି ମେଳା ଶୁକ୍ରବାର ଦିନ ଉଦ୍ଘାଟିତ ହୋଇଛି। ଉଦଘାଟନୀ ଉତ୍ସବର ପ୍ରଥମ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ , ସମ୍ମାନୀତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦାଃ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଜିଲ୍ଲାପରିଷଦ ସଭାପତି ଭାରତୀ ହାଁସଦାଃ, ଜିଲ୍ଲାପାଳ ହେମକାନ୍ତ ସୟ୍, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ପ୍ରମୁଖ ମଞ୍ଚାସୀନ ଥିବାବେଳେ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ମଞ୍ଚ ପରିଚାଳନା କରିଥିଲେ। ସଭାରେ ଜିଲ୍ଲାପାଳ ସୟ୍ ଏହି ମହୋତ୍ସବ ଦ୍ୱାରା ଏକ ଜିଲ୍ଲା ଏକ ଉତ୍ପାଦକୁ ପ୍ରୋତ୍ସାହିତ କରାଯାଉଛି ବୋଲି ସୂଚନା ଦେଇଛନ୍ତି। ଏହି ଉଦଘାଟନୀ ସମାରୋହରେ ସାନ୍ତାଳୀ ଗାୟିକା କଳ୍ପନା ହାଁସଦାଃଙ୍କ ସୁମଧୁର ସଂଗୀତରେ ଦର୍ଶକଗଣ ମତୁଆଲା ହୋଇଛନ୍ତି। ଏହି ଅବସରରେ ବିଧାୟକ ବଡ଼ସାହି ସନାତନ ବିଜୁଳି ନିଜ ଚିରାଚରିତ ଢଙ୍ଗରେ ହୃଦୟ ଛୁଆଁ ଓଡ଼ିଆ ସଂଗୀତ ଗାନ କରିଥିଲେ। ସହିପରି ଦ୍ୱିତୀୟ ଦିନ ଅବସରରେ ଗୌତମ ମହାନ୍ତ ଓ ସାଥୀଙ୍କ ଝୁମର ସଙ୍ଗୀତ କାର୍ଯ୍ୟକ୍ରମ, ତୃତୀୟ ଦିନରେ ରାଗା ମିଶ୍ରଣ ସଙ୍ଗୀତ, ଚତୁର୍ଥ ଦିନରେ ସୌରଭ ଭରଦ୍ୱାଜ ଓ ସାଥୀ କଳାକାରଙ୍କ ଭଜନ



ସନ୍ଧ୍ୟା, ପଞ୍ଚମ ଦିନରେ ରାଜସ୍ଥାନୀ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ, ଷଷ୍ଠ ଦିନରେ ସ୍ୱଦେଶୀ ପରିଧାନ ପ୍ରଦର୍ଶନ, ସପ୍ତମ ଦିନରେ ଆଞ୍ଚଳିକ ସଂଗୀତ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ ସୋରେନ, ଜିଲ୍ଲା ସଂସ୍କୃତି ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ପ୍ରକଳ୍ପ ସଂଯୋଜକ (ସୁଭଦ୍ରା ଶକ୍ତି) ନିରଞ୍ଜନ ପଣ୍ଡା, ଜିଲ୍ଲା ପ୍ରକଳ୍ପ ପରିଚାଳକ ନବୀନ ସେନାପତି, ଓରମାସ୍ ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୟା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

ଗୋପାଳପୁର ,(ସବ୍ୟୁ) : ବ୍ରହ୍ମପୁର ବିଶବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଓ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ଓ ଓଡ଼ିଶା ପଦାର୍ଥ ବିଜ୍ଞାନ ସଂଘଠନ ମିଳିତରେ ୪୨ ତମ ବାର୍ଷିକ ସମ୍ମିଳନୀ ସହ ଜାତୀୟ ଆଲୋଚନା ଚକ୍ର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶୀର୍ଷକ କାଣ୍ଟମ ଫିଜିକ୍ସ ଠାରୁ କାଣ୍ଟମ ଟେକନୋଲୋଜି ଏକ ଶତାବ୍ଦୀର ଯାତ୍ରା । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧକ୍ଷତା କରିବା ସହ ଏହି ଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ ଝ। ଆଲୋଚନା ଚକ୍ର ଦ୍ୱାରା ଛାତ୍ର,ଛାତ୍ରୀ ଓ ଗବେଷକ ,ଗବେଷିକା ମାନେ ଅଧିକ ଜ୍ଞାନ ଆହାରୋଣ କରିପାରିବେ ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ୟୁ ଏସ ଏ ମିଚିଗାନ ୟୁନିଭରସିଟିର ପ୍ରଫେସର ଏସ.ଡ଼ି.ମହାନ୍ତି, ସମ୍ମାନିତ ଅତିଥି ଭାବେ ୟୁ ଏସ ଏ ମିସୌରୀ ୟୁନିଭରସିଟିର ପ୍ରଫେସର ଶଶୀ ଶତପଥୀ ଓ ନିମନ୍ତ୍ରିତ ଅତିଥି ଭାବେ ପ୍ରଫେସର କେ.କେ.ନନ୍ଦ,ପ୍ରଫେସର ଅରୁଣ ପତି,ପ୍ରଫେସର ସଞ୍ଜୟ ଜେନ, ପ୍ରଫେସର ଏଲ.ପି.ସିଂ ଯୋଗ ଦେଇ କାଣ୍ଟମ ବିଜ୍ଞାନର ଇତିହାସ,ପ୍ରକୃତି,ପ୍ରାକୃତିକ ପ୍ରୟୋଗ ଏବଂ ବିଭିନ୍ନ ମଡେଲ ବିଷୟରେ ଆଲୋପାତ କରିଥିଲେ । କାର୍ଯ୍ୟକ୍ରମର ଆବାହକ ତଥା ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସହ ଆବାହକ ପି ଏମ ଇ ସି ର ପ୍ରଫେସର ଶତ୍ରୁଜିତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଓପିଏସର ସଭାନେତ୍ରୀ ଡ଼.ସ୍ନିଗ୍ଧା ମିଶ୍ର,ଓପିଏସର ସମ୍ପାଦକ ଡ଼.ରାଜ କିଶୋର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ,ପି ଏମ ଇ ସି ର ଭାରପ୍ରାପ୍ତ ଅଧକ୍ଷ ପ୍ରଫେସର ଏସ.କେ.ସାହୁ ଉପସ୍ଥିତ ଥିଲେ ।




ଏହି ଅବସରରେ ଏକ ପୁସ୍ତିକା ଡିଗବଳୟ ଉନ୍ମୋଚନ ହୋଇଥିଲା । ଏଥିରେ ୧୭ ଜଣ ଅବସରପ୍ରାପ୍ତ ଅଧ୍ୟାପକ ,ଅଧ୍ୟାପିକାଙ୍କୁ ସମ୍ମାନିତ କରାଯିବା ସହ ୨ ଜଣ ଯୁବ ବୈଜ୍ଞାନିକଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ବିଭାଗର ଅଧ୍ୟାପକ ଡ଼.ଏସ.ଏସ.ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୩୬୬ ଜଣ ଅଧ୍ୟାପକ ଅଧ୍ୟାପିକା, ଗବେଷକ,ଗବେଷିକା ପଞ୍ଜିକୃତ କରିଥିଲେ । ପ୍ରଥମ ଦିନରେ ୭୦ ଜଣ ପୋଷ୍ଟର ପଦର୍ଶନ କରିବା ସହ ସନ୍ଦର୍ଭ ପାଠ କରିଥିଲେ।

# ପ୍ରସ୍ତାବିତ ମାଙ୍କଡ଼ା ନଦୀ ଜଳସେଚନ ପ୍ରକଳ୍ପକୁ ସମର୍ଥନ

## କୃଷକ ସଙ୍ଗଠନର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ପାଲଲହଡ଼ା,(ସବ୍ୟୁ ) :ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାର ଶିଳ୍ପ ବିହୀନ ପାଲଲହଡା ବ୍ଲକ ଏକ କୃଷିବହୁଳ ଅଞ୍ଚଳ ଭାବେ ପରିଚିତ। ବିଭିନ୍ନ ପ୍ରକାର କୃଷି ହିଁ ଏ ଅଞ୍ଚଳର ଏକମାତ୍ର ଆୟପନ୍ଥା ଅଟେ । ମାଙ୍କଡା ଓ କଖାରୁଆ ଚିରସ୍ରୋତା ନଦୀ ଉପରେ ବାଙ୍କଦର ଠାରେ ୧୯୬୬ ମସିହାରେ ନିର୍ମିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ର ଦୁଇଟି କେନାଲ (ଡାହାଣ ଓ ବାମ) ଦ୍ୱାରା ମାତ୍ର ଦୁଇ ତିନୋଟି ପଞ୍ଚାୟତ ନିଜିଗଡ,ଶିଗଡ ଓ ବାଲିପଶି ପଞ୍ଚାୟତର ମାତ୍ର ୨୪୭୬ ହେକ୍ଟର ଚାଷ ଜମିକୁ ଖରିଫ ଧାନଚାଷ ପାଇଁ ଜଳସେଚନ ବ୍ୟବସ୍ଥା କରାଯାଇ ପାରୁଛି।ଯାହାକି ପ୍ରକଳ୍ପର ରକ୍ଷଣାବେକ୍ଷଣ ଅଭାବରୁ ଜମିକୁ ସଠିକ ଭାବେ ଜଳସେଚନ ହୋଇପାରୁନାହିଁ।କିନ୍ତୁ କିଛି ଦିନ ପୂର୍ବରୁ ସରକାର ମାଙ୍କଡା ନଦୀ ଉପରେ ବାଙ୍କଦର ଠାରେ ଏକ ନୂତନ ପ୍ରକଳ୍ପ କରି ପାଲଲହଡା ବ୍ଲକର ୮ ଟି ପଞ୍ଚାୟତକୁ ସବୁଦିନିଆ ଜଳସେଚନ ବ୍ୟବସ୍ଥା କରିବା ପାଇଁ ଏକ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି।ଏହି ନୂତନ ମାଙ୍କଡା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାଲଲହଡ଼ା ଅଞ୍ଚଳରେ ଦୁଇଫସଲି ଧାନ ସହିତ ବିଭିନ୍ନ ପ୍ରକାର ପନିପରିବା ଓ ଡାଲିଜାତୀୟ ଚାଷ କରି ଚାଷୀ ଭାଇ ନିଜର ଆର୍ଥିକ ଅଭିବୃଦ୍ଧି କୁ ସମୃଦ୍ଧ କରିପାରିବେ।କିନ୍ତୁ ଉକ୍ତ ପ୍ରକଳ୍ପକୁ କିଛି ଲୋକ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରିବାକୁ ପଡୋଶୀ ନିର୍ବାଚନ ମଣ୍ଡଳୀର ଅଞ୍ଚଳବାସୀଙ୍କୁ ଏକାଠି କରି ଆନ୍ଦୋଳନ କରି ବିଭିନ୍ନ ବାଧା ସୃଷ୍ଟି କରୁଛନ୍ତି। ପୂର୍ବରୁ ବାଙ୍କଦର କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ମଧ୍ୟମ ଜଳସେଚନ ପ୍ରକଳ୍ପରେ ପରିଣତ କରି ସବୁଦିନିଆ ଜଳସେଚନ ବ୍ୟବସ୍ଥା କରିବା ପାଇଁ ବିଭିନ୍ନ ସଂଗଠନ ତରଫରୁ ବାରମ୍ବାର ଦାବି ହେଉଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି ପ୍ରକାର ରକ୍ଷଣାବେକ୍ଷଣ ଓ ମରାମତି କାମ ମଧ୍ୟ ହୋଇନାହିଁ, ଯାହାକି କେବଳ ଧାନଚାଷ ପାଇଂ ଆସୁଥିବା ପାଣି ରେ ମଧ୍ୟ ବିଭିନ୍ନ ସମସ୍ୟା ଦେଖାଦିଏ। ଯାହା ହେଉ ସରକାରଙ୍କ ଅନୁମୋଦିତ ନୂତନ ମାଙ୍କଡା ଜଳସେଚନ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ପାଲଲହଡା ଉପଖଣ୍ଡ ସ୍ତରୀୟ କୃଷକ ସଂଗଠନ ପକ୍ଷରୁ ଦାବୀ କରାଯାଉଛି । ଏଥି ସହିତ ଏହି ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ଚାଷୀଭାଇମାନଙ୍କୁ ଉଚିତ କ୍ଷତିପୁରଣ ପାଇଁ ସଂଗଠନ ପ୍ରତ୍ୟେକ କ୍ଷେତ୍ରରେ ନିରବଚ୍ଛିନ୍ନ ଭାବେ ସହଯୋଗ କରିବ ବୋଲି ଦାବି କରିଛି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ପାଲଲହଡ଼ା ପରି କୃଷି ଭିତ୍ତିକ ଅଞ୍ଚଳ କୁ ଉନ୍ନତି ପଥରେ ଆଗେଇ ନେବାକୁ ନିବେଦନ କରିଛନ୍ତି।ସଂଗଠନର ସଭାପତି ବିଷ୍ଣୁ ପ୍ରସାଦ ବେହେରା ଙ୍କ ନେତୃତ୍ବରେ ଶତାଧିକ ଚାଷୀ ଉପଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଏହି ଦାବି ପ୍ରଦାନ କରିଥିଲେ।

# ପ୍ରଧାନଶିକ୍ଷକଙ୍କ କାର୍ଯ୍ୟଶୈଳୀରେ ଅସନ୍ତୋଷ

## ଜୋର ଧରିଲା ବଦଳି ଦାବି

ହିନ୍ଦୋଳ,(ସବ୍ୟୁ ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବମ୍ପା ଦେହୁରୀ ସାହି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟଶୈଳୀରେ ଅସନ୍ତୋଷ ବ୍ୟକ୍ତ କରି ସମସ୍ତ ଅଭିଭାବକ ଅଭିଭାବିକା ଏବଂ ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଓ ସଭ୍ୟ ସଭ୍ୟା ତାଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ହିନ୍ଦୋଳ ବି ଇ ଓ ଙ୍କ ନିକଟରେ ଲିଖିତ ଭାବେ ଦାବି ଜଣାଇଛନ୍ତି । ଉକ୍ତ ଦାବି ପତ୍ରରେ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା ଦାନ କରୁଥିବା ବେଳେ ତନ୍ମଧ୍ୟରୁ ପରୀକ୍ଷିତ ଦେହୁରୀ ନାମକ ଶିକ୍ଷକଙ୍କ ବଦଳି ଆଦେଶକୁ ପ୍ରତ୍ୟାହାର କରି ପୁନର୍ବାର ତାଙ୍କୁ ସ୍କୁଲଙ୍କୁ ଫେରାଇ ଆଣିବାକୁ ନିବେଦନ କରିଛନ୍ତି । ତାଙ୍କ ପ୍ରତି




ବଦଳରେ ପ୍ରଧାନ ଶିକ୍ଷକ ପାଇକିରା ନାହକଙ୍କୁ ବଦଳି କରିବାକୁ ଦାବି କରିଛନ୍ତି । ବି ଇ ଓ ଙ୍କୁ ଦେଇ ଥିବା ଦାବି ପତ୍ରରେ ଅଭିଯୋଗ କାରୀମାନେ ପ୍ରଧାନ ଶିକ୍ଷକଙ୍କ କର୍ତ୍ତବ୍ୟରେ ଅବହେଳା ସାଙ୍ଗକୁ ଦାୟିତ୍ୱ ହୀନ ମନ ବୃତ୍ତି, ସମୟେ ସମୟେ ବିନା ଦରଖାସ୍ତରେ ଅନୁପସ୍ଥିତ ରହିବା, ସର୍ବ ପରି ପିଲା ମାନଙ୍କୁ ଶାଳିନତା ଭଳି ଶିକ୍ଷା ଦାନ ଦେଇ ନପାରିବା ଅନ୍ତର୍ଭୁକ୍ତ, ସଠିକ୍ ସମୟରେ ସ୍କୁଲ ନ ଆସିବା, ବିଦ୍ୟାଳୟର ସମସ୍ୟାକୁ ପ୍ରାଥମିକତା ଦେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଏଥିରେ ବ୍ୟତି କ୍ରମ ହେଲେ ସ୍କୁଲ ସାମ୍ନା ଫାଟକ ତାଲା ପକାଇ ଆନ୍ଦୋଳନ କରିବାକୁ ପଛାଇବେ ନାହି ବୋଲି ରୋକ୍ ଠୋକ୍ ଜଣାଇଛନ୍ତି।

# କ୍ୟାରିଅର ପରାମର୍ଶ ଓ ଭୋଟର ସଚେତନତା କାର୍ଯ୍ୟକ୍ରମ

ଠାକୁରଗଡ,(ସବ୍ୟୁ ) : ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଅନୁଗୋଳଙ୍କ ଦ୍ୱାରା ଠାକୁରଗଡ ଥାନା ତେନ୍ତୁଳିପଥର ଗ୍ରାମରେ ଥିବା ଶ୍ରୀରାମ ଦେବ ଉଚ୍ଚ ମଧ୍ୟମିକ ବିଦ୍ୟାଳୟ, ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ କ୍ୟାରିଅର ସମ୍ପର୍କରେ ଏକ ପରାମର୍ଶ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ତମ ଶିକ୍ଷା, ପ୍ରାକ ଶିକ୍ଷା ପ୍ରସ୍ତୁତି, ଜୀବନ ଶିକ୍ଷା ଉପରେ ମାର୍ଗ ଦର୍ଶନ କରାଯାଇଥିଲା। ବିଦ୍ୟାଳୟ ର ଅଧ୍ୟକ୍ଷ ସତ୍ୟଜିତ ସାହୁ ଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ରେ ଇଗ୍ନୋ ର ଉପ ନିର୍ଦ୍ଦେଶକ ଡ଼. ବିଜୟ କୁମାର ସାହୁ ଓ ବିଶ୍ୱ ଯୁବ କେନ୍ଦ୍ର ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ। ବିଦ୍ୟାଳୟ ର ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ନାୟକ, ଋତୁପର୍ଣ୍ଣା ସାହୁ, ସୁଲୋଚନା ପ୍ରଧାନ ଓ ଭାଗ୍ୟବତୀ ଦେବୀ ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି କୃତିବାସପୁର ଗ୍ରାମରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଡ଼ ବିଜୟ କୁମାର ସାହୁ ଓ ମନୋଜ କୁମାର ମହାପାତ୍ର ନାଗରିକତା ଓ ଭୋଟ ଦେବାର ଅଧିକାର ଉପରେ ସଚେତନ କରାଇଥିଲେ। ଉପଯୁକ୍ତ ବ୍ୟକ୍ତିଙ୍କୁ ନିର୍ବାଚିତ କରିବା, ଭୋଟ ଦେବାକୁ ସମସ୍ତେ ପ୍ରସ୍ତୁତି ହେବା, ଭୋଟର ର ଅଧିକାର ଉପରେ ଆଲୋଚନା କରାଯାଇ ଥିଲା। ଗ୍ରାମର ବରିଷ୍ଠ ନାଗରିକ ବିକ୍ରମ ବିଶ୍ୱାଳ, ପୀତବାସ ବିଶ୍ୱାଳ ଓ ସ୍ୱପ୍ନେଶ୍ୱର ପ୍ରଧାନଙ୍କ ସମେତ ମଣିନାଗେଶ୍ୱରୀ, ମା ମଙ୍ଗଳା, ସୁନେଲି, ମା ପଥର ପୁଞ୍ଜି ଓ ଭୀମ ଅର୍ଜ୍ଜୁନ ସ୍ୱୟଂ ସହାୟକ ଗୋଷ୍ଠୀ ର ସଭ୍ୟାମାନେ ଯୋଗ ଦେଇ ଥିଲେ। ବିଶ୍ୱ ଯୁବ କେନ୍ଦ୍ର ର କର୍ମୀ ମାନସ ପ୍ରଧାନ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

# ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ତାଲିମ

ଅନୁଗୋଳ,(ସବ୍ୟୁ ) : ଜିଲ୍ଲା ସମ୍ମିଳନୀ କକ୍ଷଠାରେ ୨୦୨୭ ଜନଗଣନା ନିମନ୍ତେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଅଧ୍ୟକ୍ଷ ଭାବେ ଯୋଗଦେଇ ଜନଗଣନା ଏକ ଦର୍ପଣ ସଦୃଶ ବୋଲି କହିଥିଲେ। ଏହି ଜନଗଣନାରେ କେବଳ ବ୍ୟକ୍ତିବିଶେଷଙ୍କ ଗଣନା ନୁହେଁ, ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ସଂପୂର୍ଣ୍ଣ ବିବରଣୀ ସଂଗ୍ରହ କରାଯିବ ଯାହା ଯୋଜନା ଏବଂ ନୀତି ପ୍ରଣୟନରେ ସାହାଯ୍ୟ କରିବ ବୋଲି ସେ କହିଥିଲେ। ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ପବିତ୍ର କୁମାର ମହଲା ଓ ପରିସଂଖ୍ୟାନ ଅନୁସନ୍ଧାନକାରୀ ଦିପକ କୁମାର ଗୃହ ତାଲିକାକରଣ ଏବଂ ଗୃହ ଗଣନାର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ



ବିବରଣୀ ପ୍ରଦାନ କରିଥିଲେ। ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୧୬ ଏପ୍ରିଲରୁ ଆରମ୍ଭ ହୋଇ ୧୫ ମଇ ପର୍ଯ୍ୟନ୍ତ ଚାଲିବ। ଏହା ଦେଶର ପ୍ରଥମ ଡିଜିଟାଲ ଜନଗଣନା ହୋଇଥିବାରୁ ସାଧାରଣ ଜନତାଙ୍କ ସୁବିଧା ପାଇଁ ଆସନ୍ତା ୧ ରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ନିଜସ୍ ଗଣନା ବ୍ୟବସ୍ଥା ଉପଲବ୍ଧ ରହିବ, ଯେଉଁଠାରେ ନାଗରିକମାନେ ନିଜେ ନିଜର ତଥ୍ୟ ପ୍ରଦାନ କରିପାରିବେ। ମୋବାଇଲ୍ ଆପ୍ ବ୍ୟବହାର ଏବଂ ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ ସମ୍ପର୍କରେ ସମସ୍ତ ନିଯୁକ୍ତ ଅଧିକାରୀମାନଙ୍କୁ ବିଧିବଦ୍ଧ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଡେପୁଟି କଲେକ୍ଟର ଜୟକୃଷ୍ଣ ପାତ୍ର, ସହକାରୀ ଜିଲ୍ଲାପାଳ ସଞ୍ଜୟ କୁମାର ଭୋଇ, ତହସିଲଦାର, ଅତିରିକ୍ତ ତହସିଲଦାର, ମ୍ୟୁନିସିପାଲଟି ଓ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଆଠମଲ୍ଲିକ,(ନିପ୍ର ): ଅନୁଗୁଳ ଜିଲ୍ଲା ଆଠମଲ୍ଲିକ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ବହୁ ଜାକଜମକରେ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଦିପେଶ ବାରିକଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭା ରେ ମୁଖ୍ୟ ଅତିଥି ଭାବରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଯୋଗଦେଇ ବିଦ୍ୟାଳୟ କୁ ଭୟ କରନାହିଁ ବିଦ୍ୟାଳୟ ତୁମକୁ ନିପୁଣ କରିଥାଏ, ସେହି ନିପୁଣତାକୁ କାର୍ଯ୍ୟ ରେ ଲଗାଇ ସଫଳତା ପାଇବ ବୋଲି ବକ୍ତବ୍ୟ ରଖିବା ସହିତ ଛାତ୍ରୀ ଛାତ୍ରଙ୍କ ଉନ୍ନତ ଜ୍ଞାନ ଆହରଣ ପାଇଁ କମ୍ପ୍ୟୁଟର ଓ ସ୍ମାର୍ଟବୋର୍ଡ ପାଇଁ ଜିଲ୍ଲପାଳ ଅନୁମୋଦନ କରିଥିବା ଘୋଷଣା କରିଥିଲେ । ସମ୍ମାନିତ ଅତିଥି ଭାବରେ ସାଂସଦଙ୍କ ପ୍ରତିନିଧି ତଥା ପୂର୍ବତନ ପୌର ଅଧ୍ୟକ୍ଷ ସନ୍ତୋଷ ହୋତା ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଠମଲ୍ଲିକ ବାସୀଙ୍କୁ ଉପହାର ଆକାରରେ ଦେଇଥିବା କେନ୍ଦ୍ରୀୟ ବିଦ୍ୟାଳୟର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ୧୦୨ କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ଉଚ୍ଚ କୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପ୍ରଥମ ରେ ଶିକ୍ଷକ ଅମରଜିତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଅଧ୍ୟକ୍ଷ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷୟିତ୍ରୀ ଆଶା ବାରିକ, ଇପ୍ସିତା ସାହୁ , ଅପ୍ସୁର୍ଣ୍ଣା ମିଶ୍ର , ଶିକ୍ଷକ – ଶ୍ରୀନିବାସ ପଣ୍ଡା , ଘନଶ୍ୟାମ ମେହେରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଶେଷରେ ଶିକ୍ଷକ ସରୋଜ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବହୁ ଅଭିଭାବିକା ଅଭିଭାବକ ଯୋଗଦେଇ କାର୍ଯ୍ୟକ୍ରମର ମଜା ଉଠେଇଥିଲେ ।

# ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜ୍‌ରେ ରୋଗୀ ଚିକିତ୍ସା ଦାବୀରେ ୧୮ରେ ବିଧାନସଭା ସମ୍ମୁଖରେ ଗଣଧାରଣା

ତାଳଚେର ,(ସବ୍ୟୁ) :ତାଳଚେର ସ୍ଥିତ ପବିତ୍ର ମୋହନ ମେଡିକାଲ୍ କଲେଜ୍ ରେ ଆନ୍ତଃ ଓ ବାହ୍ୟ ରୋଗୀ ଚିକିତ୍ସା ଦାବୀକୁ ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଆଜକୁ ୩୦ ଦିନରେ ପହଂଚିଥିବା ବେଳେ ଆସନ୍ତା ଫେବୃୟାରୀ ୧୮ରେ ବିଧାନସଭା ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ନିଷ୍ପତି ନିଆଯାଇଛି । ତାଳଚେର ବିଶ୍ୱର ସବୁଠାରୁ ପ୍ରଦୂଷିତ ଅଂଚଳ ହୋଇ ଏଠାରେ ବିଭିନ୍ନ ମାରାତ୍ମକ ରୋଗରେ ନିଷ୍ପେସିତ ତାଳଚେରବାସୀଙ୍କୁ ବୈମାତୃକ ମନୋଭାବ ପୋଷଣ କରି ମେଡିକାଲ୍ କଲେଜ୍‌ର ଡାକ୍ତରଖାନାକୁ ତାଳଚେରରୁ ଅନୁଗୋଳ ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଏହି ନିଷ୍ପତିର ପୁନଃବିଚାର କରାଯାଇ ତାଳଚେରରେ ମେଡିକାଲ୍ କଲେଜ୍ କୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ




ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବହୁ ବାର ଦାବୀ କରାଯାଇଛି । ପୂର୍ବରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୪ ଘଂଟିଆ ଗଣଧାରଣା ମଧ୍ୟ ଦିଆଯାଇଥିଲା । ବର୍ତମାନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ଆଜକୁ ୩୦ ଦିନରେ ପହଂଚିଛି । ଆଜିର ଏହି ଗଣଧାରଣାରେ କମିଟିର କାର୍ଯ୍ୟକାରୀ ସଭାପତି ଅଭୟ ପାଣି, ସାଧାରଣ ସଂପାଦନ ବିଜୟ ପ୍ରଧାନ, କେଶବ ଭୂତିଆ, ପ୍ରଫୁଲ ନାଏକ, ଚୈତନ୍ୟ ପ୍ରଧାନ, ବିନୋଦ ଲାଲ, ବିଭୂତି ପଟ୍ଟନାୟକ, ସୁକାନ୍ତ ଦାସ, ବଳରାମ କୁଣ୍ଡ, ନଖିଆ ସାହୁ, ନରେନ ସିଂ, ସୁଲେଖ ସେଠୀ, ହରିହର ଦାସ, ଉତ୍କଳ ସିଂ, ମଦନ ମୋହନ ସାହୁ, ସୌଭାଗ୍ୟ ନାୟକ, ରମାକାନ୍ତ ସାମଲ, ମନୋଜ ଶତପଥି, ଦିନବନ୍ଧୁ ସାହୁ, ନବ ବାରିକ, ସନ୍ତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଶତାୟୁ ହରିହର ହାଇସ୍କୁଲର ବାର୍ଷିକ ଉତ୍ସବ

ଆସିକା ,(ସବ୍ୟୁ) :ରାଜ୍ୟର ଅନ୍ୟତମ ଶତାୟୁ ଶିକ୍ଷାନୁଷ୍ଠାନ ହରିହର ହାଇସ୍କୁଲ ର ୧୧୦ତମ ବାର୍ଷିକ ଉତ୍ସବ ଶନିବାର ଦିନ ପାଳିତ ହୋଇଛି। ପିଏମ ଶ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ ଏହିବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ରମା କାନ୍ତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ସଂଗୀତ ପାଢ଼ୀ, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ମୁନରାଣୀ ମହାନ୍ତି ,ସମ୍ମାନିତ ଅତିଥି ଭାବେ ସରକାରୀ ଏନ ଏ ସି ହାଇସ୍କୁଲର ପ୍ରଧାନ ଶିକ୍ଷକ ବଳରାମ ପଣ୍ଡା, ଆସିକା ପ୍ରେସ କ୍ଲବ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ରଥ, ଅବସର ପ୍ରାପ୍ତ ବର୍ଷୀୟାନ ଶିକ୍ଷକ ଗଣେଶ ରଥ, ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ପ୍ରଦୀପ ରାଉତ, ସମାଜ ସେବୀ ସତ୍ୟନାରାୟଣ ସ୍ୱାଇଁ,ପି ଟି ଏ ସଭାପତି ସୁଶାନ୍ତସିଅ, ବିଜୟ ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ। ଏହିଅବସରରେ ଛାତ୍ର ଓ ଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିବା ବେଳେ ବହୁ ବୁଦ୍ଧିଜୀବୀ ଓ ଅଭିଭାବକ ଅଂଶ ଗ୍ରହଣ କରିଥିଲେ।

# କିନ୍ନର ଅଞ୍ଜଳୀଙ୍କ ମୃତ୍ୟୁକୁ ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା

କାମାକ୍ଷାନଗର ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏନ୍ଏସିରେ ଭୁବନେଶ୍ୱରରେ କିନ୍ନର ଅଞ୍ଜଳି ମୃତ୍ୟୁ ଘଟଣାକୁ ନେଇ କାମାକ୍ଷାନଗରରେ କିନ୍ନର ସଙ୍ଘ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।ରାଜଧାନୀରେ ଗତ ୭ ଦିନ ତଳେ ହୋଇଥିବା ଚର୍ଚ୍ଚିତ କିନ୍ନର ଅଞ୍ଜଳି ମୃତ୍ୟୁ ଘଟଣାକୁ ନେଇ କାମାକ୍ଷାନଗରରେ କିନ୍ନର ସଙ୍ଘ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମା ମଙ୍ଗଳା କିନ୍ନର ସଙ୍ଘ ତରଫରୁ ଆୟୋଜିତ ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ ସ୍ଥାନୀୟ ବସଷ୍ଟାଣ୍ଡ ଠାରୁ ବାହାରି ସମ୍ପୂର୍ଣ୍ଣ ସହର ପରିକ୍ରମା




କରିଥିଲା ।ଏହି ଅବସରରେ କିନ୍ନର ମାନେ ମୃତ ଅଞ୍ଜଳିଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ଅଞ୍ଜଳିଙ୍କ ହତ୍ୟାକାରୀକୁ ଗିରଫ ଓ ପରିବାର ବର୍ଗଙ୍କୁ ସରକାରଙ୍କ ତରଫରୁ ୧୦ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଦାବି କରିଥିଲେ। ତୁରନ୍ତ ସରକାର କିନ୍ନର ମାନଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବା ସହ ଅଞ୍ଜଳିଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କିନ୍ନର ମାନେ ଦାବି କରିଥିଲେ।ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ କାମାକ୍ଷାନଗର, ପରଜଙ୍ଗ, ଭୁବନ ଓ କଙ୍କଡାହାଡ଼ ଅଞ୍ଚଳ ର ବହୁ କିନ୍ନର ସାମିଲ ରହିଥିଲେ।

# ପାଇକସାହି ହାଇସ୍କୁଲର ବାର୍ଷିକ ଉତ୍ସବ

ଠାକୁରଗଡ ,(ସବ୍ୟୁ ) : ଶିକ୍ଷାର ବିକାଶ ପାଇଁ ସରକାର ଅନେକ ଯୋଜନା ପ୍ରଚଳନ କରିଛନ୍ତି । ଛାତ୍ରୀ ଛାତ୍ର ମାନେ କିପରି ବିଦ୍ୟାଳୟ ଅଭିମୁଖେ ହେବେ ସେ ନେଇ ଶିକ୍ଷା ବିଭାଗ ସ୍ତରରେ ଅନେକ ସମୟ ରେ ସମୀକ୍ଷା କରାଯାଉଛି । ପ୍ରାଥମିକ ସ୍ତରରୁ କଠିନ ପରିଶ୍ରମ କର । ଗୁରୁ ଶିଷ୍ୟ ସମ୍ପର୍କ ସବୁବେଳେ ନିବିଡ଼ ହେଉ ବୋଲି ଶନିବାର ଦିନ ଠାକୁରଗଡ ଥାନା ପିଏମଶ୍ରୀ ପାଇକସାହି ରାଧା ମାଧବ ଉଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ମାନେ ମତ ପ୍ରକାଶ କରିଛନ୍ତ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜିତ କୁମାର ଖାଡିଆଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ ନିରୋଜ କୁମାର ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଶିକ୍ଷକ ନାରାୟଣ ଗଡନାୟକ , ଅନ୍ୟତମ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁକଦେବ ସାହୁ , ଶିକ୍ଷକ ସୁଶାନ୍ତ କୁମାର ସାହୁ , ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ମନୋଜ କୁମାର ବାରିକ , ସୁଶାନ୍ତ କୁମାର ସାହୁ , ସିଆରସିସି ନୃଶିହ ଚରଣ ନାୟକ , ସାପଘରା ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଜୟକୃଷ୍ଣ ପ୍ରଧାନ , ଶିକ୍ଷା ସେତୁ ଅଭିଯାନ ର ସଭାପତି ଲଳିତ କୁମାର ପ୍ରଧାନ , ସିଦ୍ଧେଶ୍ୱର ନାୟକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ମଧୁମୟ ପୁସ୍ତକକୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା କ୍ରିଡା ପ୍ରତିଯୋଗୀ ଙ୍କୁ ଖେଳ ଶିକ୍ଷୟତ୍ରୀ ମୋନାଲିସା ସାହୁ ଙ୍କ ପରିଚାଳନା ରେ ଅତିଥି ମାନେ ପୁରସ୍କାର ବଣ୍ଟନ କରିଥିଲେ । ବିଦ୍ୟାଳୟ ଛାତ୍ରୀ ଛାତଙ୍କଦ୍ୱାରା ସଂସୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ବିନ୍ଦୁ ସାଗର ମହାନ୍ତି , ଶସୀ ଭୂଷଣ ସାହୁ ସଭା ପରିଚାଳନା କରିଥିଲେ ଛ ଏଥିରେ ବିଜୟ କୁମାର ସିଂ , ସଲିମ ମେହେର , ଚଣ୍ଡେସ୍ୱର ଭୋଇ , ରେଣୁକା ମାଝୀ , ଅରୂପ କୁମାର ନାୟକ , ପାପୁ ରଞ୍ଜନ ସାହୁ , ରୁଦ୍ର ପ୍ରସାଦ ମହାରଣାଙ୍କ ସମେତ ବିଦ୍ୟାଳୟ ର କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ମଦ ଜବତ ଜଣେ ଗିରଫ

ଠାକୁରଗଡ ,(ସବ୍ୟୁ ) : ଅନୁଗୋଳ ଜିଲ୍ଲା ହଣ୍ଡପା ପୋଲିସ ମଧପୁର ଅଞ୍ଚଳ ରେ ଚଢଉ କରି ନାଖିଆ ବେହେରାଙ୍କ ଠାରୁ ୧୦ ଲିଟର ଚୋରା ଦେଶୀ ମହୁଲି ମଦକୁ ଜବତ କରାଯାଇଛି । ସେ ବେଆଇନ ଭାବରେ ନିଜ ଘରେ ଚୋରାରେ ମଦ ବିକ୍ରି କରିବା ପାଇଁ ନେଉଥିବା ବେଳେ ପୋଲିସ ଯାଞ୍ଚ କରି ତାଙ୍କୁ ଗିରଫ କରିବା ସହ ମଦ ଜବତ କରିଥିଲା । ଏ ନେଇ ଏକ ମାମଲା ରୁଜୁ କରିଛି ।

# ଓପିଏସ୍ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଓଡାପଡା ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ମୁଖ୍ୟବକ୍ତା ଭାବରେ ରେଭେନ୍ସା ବିଶ୍ୱବଦ୍ୟାଳୟର ସମ୍ବାଦ ଓ ଗଣଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ଡ. ଦେବୀ ଲାଲ ମିଶ୍ର, ସମ୍ମାନିତ ଅତିଥି ଭାବରେ ଢେଙ୍କାନାଳ ଜିଲ୍ଲାର ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ତତ୍ତ୍ୱମସି ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ଗଡ଼ନାୟକ ଶିକ୍ଷା ସମୃଦ୍ଧ ଭାରତ ଗଠନ ପାଇଁ ଏକ ମୁଖ୍ୟ ଉପାଦାନ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ତତ୍ତ୍ୱମସି ମହାପାତ୍ର ମହାବିଦ୍ୟାଳୟର ଉତ୍ତମ ଶୈକ୍ଷିକ ପରିବେଶ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ନିର୍ମାଣ ପାଇଁ ସହାୟକ




ହୋଇଥାଏ ବୋଲି ନିଜର ବକ୍ତବ୍ୟରେ କହିଥିଲେ। ସଭାପତି ଡ. ପ୍ରଧାନ ଏକ ସମୃଦ୍ଧ ଓ ବିକଶିତ ଭାରତ ଗଠନରେ ଛାତ୍ରଛାତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ନିଜର ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଡ. ଦେବୀଲାଲ ମିଶ୍ର ଶିକ୍ଷା ଓ ପ୍ରତିଭା ମଣିଷକୁ ମାର୍ଜିତକରି ବିଶ୍ୱ ଦରବାରରେ ପରିଚିତ କରାଏ ବୋଲି ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ମହାବିଦ୍ୟାଳୟର ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୨ ସାଂସ୍କୃତିକ ବିଭାଗରେ ସୌମ୍ୟରଂଜନ ନାୟକ ଚମ୍ପିୟାନ ହୋଇଥିବା ବେଳେ ୩ ସାଂସ୍କୃତିକ ବିଭାଗରେ ସତଫା ବେହେରା ଚମ୍ପିୟାନ ହୋଇଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ଓ ଅଧ୍ୟାପକ ଡ.ଦେବାନନ୍ଦ ଦାସ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅଧ୍ୟାପକ ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ ଉତ୍ସବରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଡ. ଦେବାନନ୍ଦ ଦାସଙ୍କ ରଚିତ ଓ ନିର୍ଦ୍ଦେଶିତ ଆଶ୍ରୟ ନାଟକ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ,ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇ ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡା ଉତ୍ସବ

ବଇଣ୍ଡା ,(ସବ୍ୟୁ ) : ବଇଣ୍ଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି ।ଦୁଇ ଦିନ ଧରି ଖେଳର ପ୍ରଥମ ଦିନ ପରିଚାଳନା କମିଟି ସଭାପତି କୃପାସିନ୍ଧୁ ନାୟକ ଆଧ୍ୟାତ୍ମିକ ପତାକା ଉତୋଳନ କରି ଉଦଘାଟନ କରିଥିଲେ। ସନମାନିତ ଅତିଥି ପରିଚାଳନା କମିଟି ଉପ ସଭାପତି ଜୟନନ୍ଦ ସାହୁ, ସମ୍ପାଦକ ଶରତ ଚନ୍ଦ୍ର ସାହୁ, ସଭ୍ୟ ରଜନୀକାନ୍ତ



ଦେହୁରୀ, କୋଷାଧକ୍ଷ ବସନ୍ତ କୁମାର ଗଡ଼ନାୟକ ଉପସ୍ଥିତ ଥିଲେ।ଶରୀର ଚେତନାର ବିକାଶ ପାଇଁ କ୍ରୀଡା ର ଆବଶ୍ୟକ ବୋଲି ଅତିଥି କହିଥିଲେ। ନର୍ସରୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୨୦ ଛାତ୍ର ଛାତ୍ରୀ ପଢୁଛନ୍ତି। ୧୦୦ ମି ଦୌଡ଼, ୨୦୦ମି ଦୌଡ଼, ବାସ୍କେଟ ବଲ, ପୁଚି, ଲମ୍ଫ ଡ଼ିଆ, ମ୍ୟୁଜିକ ଚେୟାର ଆଦି ଖେଳ ହୋଇଥିଲା।ଅଧକ୍ଷ ପ୍ରଦୀପ କୁମାର ଦାସ, ଯେମଝମଣି ନନ୍ଦ, ବିନୋଦିନୀ ମାଝୀ, ସରିତା ମଞ୍ଜରୀ ଦାସ, ସନ୍ଧ୍ୟାରାଣୀ ପ୍ରଧାନ, ସସ୍ମିତା ପ୍ରଧାନ, ଜୟନ୍ତୀ ସାହୁ, ସନ୍ତୋଷ ସାହୁ ସହଯୋଗ କରିଥିଲେ।

# ପାଣି ସମସ୍ୟା: ପଞ୍ଚାୟତ ଫାଟକରେ ତାଲା ପକାଇଲେ ମହିଳା



ମୋରଡା,(ସବ୍ୟୁ): ଗ୍ରୀଷ୍ମ ଋତୁ ନ ପହଞ୍ଚୁଣୁ ଦେଖାଦେଲାଣି ପାନୀୟ ଜଳ ସମସ୍ୟା। ଦୀର୍ଘ ଦିନ ଧରି ଗଳିଆ ପାଣି ବାହାରୁ ଥିବାର ଅଭିଯୋଗ ପରେ ମଧ ବିଭାଗୀୟ ଅଧିକାରୀ ନଶୁଣିବାରୁ ପଞ୍ଚାୟତରେ ତଲା ପକାଇଲେ ମହିଳା। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୁଆ ପଞ୍ଚାୟତର ନାକିଚୁଆ ଗାଁରେ ଦେଖାଦେଇଛି ପାନୀୟ ଜଳର ସମସ୍ୟା। ଗାଁ ଲୋକେ ବାରମ୍ବାର ଅଭିଯୋଗ ସତ୍ବେ ବିଭାଗୀୟ କର୍ତ୍ତୃପକ୍ଷ ଚୁପ ବସିଛନ୍ତି। ନାକିଚୁଆ ଗାଁ ରେ ଦୀର୍ଘ ଦିନରୁ ଜଳଯୋଗାଣ ସୂଚାରୁରୂପେ ହେଉନଥିବାରୁ ଶନିବାର ଦିନ ମହିଳାମାନେ ଜଳଯୋଗାଣ କେନ୍ଦ୍ରରେ ତାଲା ପକାଇ ବା ସହ ପଞ୍ଚାୟତ ଅଫିସ ଫାଟକରେ ତାଲା ପକାଇ ପିଇବା ପାଣି ମିଳୁ ବୋଲି ଦାବୀ କରିଥିଲେ। ଜଳ ଯୋଗାଣ ଅଧିକାରୀ ପହଞ୍ଚି ମହିଳା ମାନଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା, ପାନୀୟ ଜଳ ନ ମିଳିବା ଯାଏ ପଞ୍ଚାୟତ ର ତାଲା ଖୋଲାଯିବ ନାହିଁ ବୋଲି କହିଥିଲେ। ତେବେ ମହିଳାମାନେ ସରପଞ୍ଚ,ବିଭାଗିୟ ଜେଇଇଙ୍କୁ ଗୋଳିଆ ପାଣି ଦେଖାଇବା ସହ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଛଡାଯିବ ନାହିଁ ବୋଲି କହିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ରାସଗୋବିନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲେ। ଏବଂ ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଲାପରେ ମହିଳାମାନେ ପଞ୍ଚାୟତ ଫାଟକରୁ ତାଲା ଖୋଲିଥିଲେ।

# ୧୨ରୁ ସ୍ନୋଫେଷ୍ଟର ୮ମ ସଂସ୍କରଣ



ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱରର ଅଗ୍ରଣୀ ମହୋତ୍ସବ ସ୍ନୋଫେଷ୍ଟ ର ଅଷ୍ଟମ ସଂସ୍କରଣ ଗାନ୍ଧୀ ସ୍ମୃତି ଭବନ ଠାରେ ଆସନ୍ତା ୧୨ରୁ ୧୪ ତାରିଖ ଯାଏ ଆୟୋଜିତ ହେବାକୁ ଯାଉଅଛି । ଏହି ପରିପ୍ରେକ୍ଷୀରେ ସ୍ନୋଫେଷ୍ଟ ର ଅଧକ୍ଷା ତଥା ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନାଙ୍କ ତତ୍ତ୍ୱାବଧାନ ରେ ବାଲେଶ୍ୱର ଷ୍ଟେସନ କ୍ଲବ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଓଡ଼ିଶାର ପ୍ରତିଭାମାନଙ୍କୁ ଉତ୍ସାହିତ କରିବାକୁ ଆରମ୍ଭ ହୋଇଥିବା ଏହି ସ୍ନୋଫେଷ୍ଟ ରେ ପୂର୍ବ ବର୍ଷ ଭଳି ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯିବ ବୋଲି ସଭାପତି ଦେବଜ୍ୟୋତି ଦାସ ମହାପାତ୍ର ଜଣାଇଛନ୍ତି । ଏହି ବର୍ଷ ୪ ଟି ବର୍ଗରେ ସମୁଦାୟ ୨୨ ଟି ପ୍ରତିଯୋଗିତା ର ଆୟୋଜନ କରାଯିବ । ସବ୍- ଜୁନିଅର (୮ବର୍ଷ ବୟସ ରୁ କମ୍ ) ବର୍ଗରେ ରାମ୍ପୱାକ , ଆଧୁନିକ ନୃତ୍ୟ, ଏବଂ ମ୍ୟୁଜିକ ଚେୟାର, ଜୁନିଅର( ୮ ରୁ ୧୫ ବର୍ଷ ) ବର୍ଗ ରେ ଚିତ୍ରାଙ୍କନ, ଆଧୁନିକ ନୃତ୍ୟ, ଏକକ ଅଭିନୟ, କୁଇଜ, ସଂଗୀତ ଏବଂ ସିନିଅର (୧୫ ରୁ ଉର୍ଦ୍ଧ ବର୍ଷ) ବର୍ଗ ରେ ଚିତ୍ରାଙ୍କନ, ଆଧୁନିକ ନୃତ୍ୟ,ସଂଗୀତ, କୁଇଜ, ମେହେନ୍ଦି, ଗ୍ରୁପ ଡ୍ୟାନ୍ସ,ମେକ ଅପ,ରାମ୍ପ ୱାକ (୧୩ ବର୍ଷ ବୟସ ରୁ ଉର୍ଦ୍ଧ ) ଆଦି ପ୍ରତିଯୋଗିତା ଆୟୋଜନ କରାଯିବ । ମହିଳା ବର୍ଗରେ ଚାମଚ ଗୋଟି ପ୍ରତିଯୋଗିତା, ଗ୍ଲାସ ପିରାମିଡ଼, ମହିଳା ରାମ୍ପୱାକ, ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ସହ ଆମ ଓଡ଼ିଆ ପାର୍ବପର୍ବାଣି ସହ ଅଙ୍ଗାଅଙ୍ଗି ଭାବେ ଜଡ଼ିତ ଆମ ପିଠାପଣା କୁ ସଜାଗ ଓ ଲୋକ ଲୋଚନକୁ ଆଣିବା ପାଇଁ ସବୁ ବର୍ଷ ଭଳି ଏ ବର୍ଷ ମଧ ଉତ୍କଳୀୟ ପିଠାର ପସରା ନାମକ ପ୍ରତିଯୋଗିତାରେ ଗ୍ରୁପ ପିଠା ପ୍ରତିଯୋଗିତା କରାଯିବ ବୋଲି ସାଧାରଣ ସମ୍ପାଦକ ଶୁଭମସାଇ ମହାପାତ୍ର ପ୍ରକାଶ କରିଛନ୍ତି । ଏଥର ମଧ ଲାଇଭ ରନ୍ଧା ଖାଦ୍ୟ ପ୍ରତିଯୋଗିତା କରାଯିବ ।ଯେଉଁଥିରେ ପୁରୁଷ ଏବଂ ମହିଳା ଉଭୟ ଭାଗ ନେଇ ପାରିବେ । ପ୍ରତିଯୋଗିତାରେ ଜିତିବା ସମସ୍ତ ପ୍ରତିଯୋଗୀଙ୍କୁ ସମୁଦାୟ ୫୦ହଜାର ଟଙ୍କା ମୂଲ୍ୟର ଉପହାର ପ୍ରଦାନ କରାଯିବ ବୋଲି ଶୁଭମ ସାଇ ମହାପାତ୍ର ଜଣାଇଛନ୍ତି । ଗ୍ରୁପ ପିଠା ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ଙ୍କୁ ୫୦୦ ଟଙ୍କା ଅର୍ଥ ରାଶି ପ୍ରଦାନ କରାଯିବା ସହ ବିଜୟୀ ହୋଇଥିବା ତିନୋଟି ଗ୍ରୁପଙ୍କୁ ଆକର୍ଷଣୀୟ ଉପହାର ସହ ବିଶେଷ ଟ୍ରଫି ପ୍ରଦାନ କରାଯିବ । ରନ୍ଧା ଖାଦ୍ୟରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମଧ ଅର୍ଥ ରାଶି ପ୍ରଦାନ କରାଯିବ । ସମସ୍ତ ପ୍ରତିଯୋଗିତା ନିମନ୍ତେ ନାମ ପଞ୍ଜିକରଣ ପ୍ରକ୍ରିୟା ଆସନ୍ତା ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଗାନ୍ଧି ସ୍ମୃତି ଭବନ ସମ୍ମୁଖରେ କରାଯିବ । ଗତ ଗଣେଶ ପୂଜା ରେ ହୋଇଥିବା ୩ ଟି ଶ୍ରେଷ୍ଠ ପ୍ରତିମା ପାଇଁ କ୍ଲବ୍ ମାନଙ୍କୁ ସମ୍ମାନିତ ମଧ କରାଯିବ । ସ୍ନୋ ଫେଷ୍ଟ ର ଏହି ସଂସ୍କରଣ ରେ ଓଲିଉଡ ର ସୁନାମଧନ୍ୟ ଗାୟକ ଗାୟିକା ଏବଂ ବିଶେଷ ଡିଜେ ପରିବେଷଣ କରିବେ । ଏହି ସଭା ରେ ଉପଦେଷ୍ଟା ଭାଗବତ ସାହୁ, ସତ୍ୟ ସୁନ୍ଦର ଦାସ, ରୁତ୍ୱିକ ଜି, ଶାନ୍ତନୁ ଦାସ, ରଂଜିତା ମହାପାତ୍ର, ସନ୍ଧ୍ୟାରାଣୀ ଜେନା, ବନମାଳା ଦାସ ମହାପାତ୍ର, ଆଶ୍ରିତା ତରାଇ, ମୋନାଲିଶା ପାଣିଗ୍ରାହୀ ,ସୋନାଲି ଶାହା ଏବଂ ଉପ ସଭାପତି ଅଭିଜିତ ବିଶ୍ୱାଳ, କୋଷାଧ୍ୟକ୍ଷ ଅନିଲ ପ୍ରଧାନ ସଦସ୍ୟ କୁମାର ଚିନ୍ନୁ, ନେତାଜୀ ତାପସ, ଅଜିତାଭ ପ୍ରମୁଖ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,(ସବ୍ୟୁ) :ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ,କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ,ଭଦ୍ରକଙ୍କ ଦ୍ୱାରା କାର୍ଯ୍ୟକ୍ରମ କାର୍ଯ୍ୟସ୍ଥଳରେ ମହିଳାଙ୍କର ଯୌନ ଉତ୍ପୀଡନ (ନିବାରଣ,ନିଷେଧ ଏବଂ ପ୍ରତିକାର) ଆଇନ,୨୦୧୩ ସାଳନ୍ଦୀ ଡିଗ୍ରୀ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ,ଡ.ତାପସ କୁମାର ମହାନ୍ତି,ପୁରୁଣାବଜାର ଥାନା ଅଧିକାରୀ,ଭଦ୍ରକ,ସୁଶାନ୍ତ କୁମାର ସାହୁ,ମହାବିଦ୍ୟାଳୟର ଅଧକ୍ଷା ରାଜଶ୍ରୀ ନାୟକ,ଅନ୍ୟ ଅଧାପକ ଲିପିପୁଷ୍ପା ନାୟକ,ଜେଯାତିଶ୍ରୀ ଖୁଣ୍ଟିଆ ତଥା କଲେଜର ଛାତ୍ରଛାତ୍ରୀ ଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଗଣ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟ ଗୌରବ ଆଣିଲେ ତିନି ଛାତ୍ରଛାତ୍ରୀ

କରଞ୍ଜିଆ, (ସବ୍ୟୁ) : ସ୍ଥାନୀୟ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶୋଭନୀୟର ଶିକ୍ଷାଶ୍ରମର ତିନି ଜଣ ଛାତ୍ର ଛାତ୍ରୀ ଚଳିତ ୨୦୨୪-୨୫ମସିହାରେ ଆୟୋଜିତ ହୋଇଥିବା ବୃତ୍ତି ପରୀକ୍ଷାରେ ବୃତ୍ତି ପାଇବାକୁ ବିବେଚିତ ହୋଇ ବିଦ୍ୟାଳୟ ଗୌରବ ରକ୍ଷା କରିଛନ୍ତି । ସେମାନେ ହେଲେ ତୃତୀୟ ଶ୍ରେଣୀର ବୁଧୁରାଇ ହେମ୍ବ୍ରମ ଓ ମୁକ୍ତାମଣି ହେମ୍ବ୍ରମ ଝିଅ ଲୀଜା ହେମ୍ବ୍ରମ ,୫ମ ଶ୍ରେଣୀର ତରଣୀସେନ ମହାନ୍ତ ଓ ନନ୍ଦିନୀ ମହାନ୍ତଙ୍କ ଝିଅ ଝୁମିରାଣୀ ମହାନ୍ତ ଓ ଶ୍ରେଣୀ ପଞ୍ଚମ ମହାନ୍ତ ଦିଲୀପ ମହାନ୍ତଙ୍କ ପୁଅ ପୃତୀମୟୀ ମହାନ୍ତ ।ଏହି ବୃତ୍ତି ପରୀକ୍ଷା ବ୍ଲକ ଓ ଏନ. ଏ. ସି ସ୍ତରେ ଆୟୋଜିତ ହୋଇଥିଲା ।ଏଥିରେ ଲୀଜା ବି. ପି. ଏଲ. ବର୍ଗରେ ତୃତୀୟ ସ୍ଥାନ, ଝୁମିରାଣୀ ଦ୍ୱିତୀୟ ଓ ପୃତୀମୟୀ ଚତୁର୍ଥ ସ୍ଥାନ ପାଇଛନ୍ତି ।ଏହି ସଫଳତା ପାଇଁ ବିଦ୍ୟାଳୟ ପ୍ରଧାନ ଗୁରୁମା କଳ୍ପନା ସେଠ, ଓ ଅନ୍ୟାନ୍ୟ ଗୁରୁମା ସଫଳତା ପାଇଁ ଛାତ୍ର ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ନିୟମିତ କର୍ମକ୍ଷେତ୍ରକୁ ଯାଉ ନାହାନ୍ତି ସହକାରୀ ଶ୍ରମଅଧିକାରୀ : ଶ୍ରମିକ ହନ୍ତସନ୍ତ

ବାଲେଶ୍ୱର/ନୀଳଗିରି, (ସବ୍ୟୁ):କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକଶ୍ରେଣୀଙ୍କର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିଥିବା ବେଳେ ନୀଳଗିରି ଅଞ୍ଚଳରେ ଥିବା ଶ୍ରମିକମାନେ ଏହି ସବୁ ସୁବିଧା ସୁଯୋଗ ପାଇବା ପାଇଁ ନାକେଦମ ହେଉଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ନୀଳଗିରି ଠାରେ ଥିବା ଉପଖଣ୍ଡ ଶ୍ରମ କାର୍ଯ୍ୟାଳୟରେ କୌଣସି ଅଧିକାରୀ ନଥିବାରୁ ଏତାଦୃଶ ଦୁର୍ଦ୍ଦଶା ଶ୍ରମିକମାନେ ଭୋଗୁଛନ୍ତି । ସୂଚନାଯୋଗ୍ୟ ନୀଳଗିରି ଶ୍ରମ କାର୍ଯ୍ୟାଳୟଳର ଅତିରିକ୍ତ ଶ୍ରମଅଧିକାରୀ (ଏଏଲ୍‌ଓ)ଭାବରେ ଶ୍ରୀହରି ଶୟନ ସାମଲ ୨ବର୍ଷ ଧରି ସେଠାରେ କାର୍ଯ୍ୟରେ ଯୋଗଦେଇଥିବା ବେଳେ ଅଧିକାଂଶ ସମୟରେ ସେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବା ଜଣାପଡ଼ିଛି । ସପ୍ତାହରେ ଥରେ କି ୨ଥର ସେ କାର୍ଯ୍ୟାଳୟକୁ ଆସି ତରବରିଆ ଭାବରେ ବାଲେଶ୍ୱରକୁ ଫେରି ଆସୁଛନ୍ତି । ଫଳରେ ନୀଳଗିରି ଭଳି ଆଦିବାସୀ ଅଧୁଷିତ ଅଞ୍ଚଳରେ ଶ୍ରମିକଶ୍ରେଣୀ ସେମାନଙ୍କର ହକ୍ ପାଇବାରୁ ବଂଚିତ ହେଉଛନ୍ତି । ଅପରପକ୍ଷରେ ଶ୍ରୀ ସାମଲ ନୀଳଗିରି ନଯାଇ ବାଲେଶ୍ୱରସ୍ଥିତ ଶ୍ରମ କାର୍ଯ୍ୟାଳୟରେ ଉପସ୍ଥିତ ରହି ବିଭିନ୍ନ ବିଭାଗୀୟ କାର୍ଯ୍ୟରେ ମୁଣ୍ଡ ଖେଳାଉ ଥିବା ଅଭିଯୋଗ ହୋଇଛି । ଏବାବଦରେ ଉପଖଣ୍ଡ ଶ୍ରମ କମିଶନର (ଡିଏଲ୍‌ସି) ଅବଗତ ଥିଲେ ମଧ ତାଙ୍କପ୍ରତି ଉଦାର ମନୋଭାବ ପୋଷଣ କରୁଛନ୍ତି । ଡିଏଲ୍‌ସିଙ୍କ ଛତ୍ରଛାୟାତଳେ ରହି ଶ୍ରୀ ସାମଲ ନୀଳଗିରି ଶ୍ରମଦପ୍ତର ପ୍ରତି ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି । କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ବିହୀତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ଲୋକ ମେଳା ମହୋତ୍ସବ ଉଦଘାଟିତ

ବେତନଟୀ , (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ସନ୍ତରା ପଞ୍ଚାୟତ ଅଧୀନ ଛତର ଠାରେ ମା କାଳ କୁଆଁରୀ ଯୁବକ ସଂଘ ଆନୁକୁଲ୍ୟରେ ୩୧ ତମ ଦ୍ୱିଦିବସୀୟ ଲୋକ ମେଳା ମହୋତ୍ସବ ଉଦଘାଟିତ । ଶନିବାର ଏବଂ ରବିବାର ଦୁଇ ଦିନ ଧରି ଏହି ଲୋକ ମେଳା ମହୋତ୍ସବ ପାଳନ ଅନୁଷ୍ଠିତ ହେବ । ଶନିବାର ଉଦଘାଟନୀ ଉତ୍ସବରେ ବୈଶିଙ୍ଗା ବରିଷ୍ଠ ନାଗରିକ ବିକାଶ ମଞ୍ଚ ସମ୍ପାଦକ ଅଶିନୀ କୁମାର ମହାରଣା , ସମ୍ମାନିତ ଅତିଥି ଭାବେ ସନ୍ତରା ସରପଞ୍ଚ ଲକ୍ଷ୍ମୀ ହାଁସଦା ପ୍ରମୁଖ ଯୋଗଦାନ କରି ଲୋକ ମେଳାକୁ ଶୁଭ ଉଦଘାଟନ କରିଥିଲେ। ପ୍ରଥମ ଦିବସରେ ବିଭିନ୍ନ ଦଳ ମଧ୍ୟରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଗୁଆବଣିଆ ଦଳ ଏବଂ ଲାୟନ କ୍ଲବ ଏଫସି ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିଲେ ଗୁଆବଣିଆ ଦଳ ଫାଇନାଲ ମ୍ୟାଚ ଜିତି ଯାଇଥିଲା। ଅତିଥିମାନେ ବିଜେତା ଏବଂ ରନରସ ଅପ ଦଳକୁ ପୁରସ୍କାର ରାଶି ପ୍ରଦାନ କରିଥିଲେ । ଆସନ୍ତା କାଲି ରବିବାର ଏହି ମେଳାର ଉଦଯାପନୀ ସମାରୋହ ହେବାକୁ ଥିବା ବେଳେ ଅପରାହ୍ଣ ସମୟରେ ସାମୁହିକ ଆଦିବାସୀ ନୃତ୍ୟ ଓ ଛୋଟ ଛୋଟ ପିଲା ମାନଙ୍କର ବିଭିନ୍ନ ଖେଳ ପ୍ରତିଯୋଗିତା ଏବଂ ରାତ୍ରି ରେ ଆଦିବାସୀ ଡ୍ରାମା ପ୍ରତିଯୋଗିତା କରାଯାଇ ସେମାନଙ୍କ ମଧରୁ ଉତ୍ତୀର୍ଣ୍ଣ ହୋଇ ଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି କମିଟି ତରଫରୁ ସୂଚନା ପ୍ରଦାନ କରାଯାଇଛି।

# ଶିକ୍ଷକ ସୁଦର୍ଶନ ରାଉତଙ୍କୁ ସମ୍ବର୍ଦ୍ଧନା

ଠାକୁରମୁଣ୍ଡା (ସବ୍ୟୁ): ସ୍ୱନାମଧନ୍ୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦର୍ଶନ ରାଉତଙ୍କୁ ଶୁକ୍ରବାର ଦିନ ମିଟୁଆଣୀ ଗ୍ରାମରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଛାତ୍ର, ଛାତ୍ରୀ, ଅଭିଭାବକ,ଗ୍ରାମବାସୀ, ବୁଦ୍ଧିଜୀବୀ, ଶିକ୍ଷକ, ଶିକ୍ଷୟିତ୍ରୀ ଆଡମ୍ବରପୂର୍ଣ୍ଣ ବିଦାୟ ଜଣାଇଥିଲେ । ରଶ୍ମିରେଖା ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ଶିକ୍ଷକଙ୍କ ଭୁୟସୀ ପ୍ରଶଂସା



କରିବା ସହିତ ମାନପତ୍ର, ଉପଢୌକନ, ଉପହାର ପ୍ରଦାନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ , ମୁଖ୍ୟବକ୍ତା ଭାବେ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ରମେଶ ଦାସ, ସାତକୋଶିଆ ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ରଣା, ପଡିଆବେଡା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁ, ନଳରଜ ସେଠି, ରାଜେନ୍ଦ୍ର ସାହୁ, ମିନତୀ ରାଉତ, ସିଆରସିସି ବିଶେଶ୍ୱର ତରେଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଖେଳ ଶିକ୍ଷକ ମହେଶ୍ୱର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜ୍ଞାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ

## ଟ୍ରେନରେ କଟି ଯୁବକ ମୃତ

ସୋର,(ସବ୍ୟୁ): ସୋର ରେଳ ଷ୍ଟେସନରେ ଟ୍ରେନରେ କଟି ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ସୋର ଥାନା କିଆରପୁର ଗ୍ରାମର ପୁର୍ଣ୍ଣଚନ୍ଦ୍ର ବେହେରା(୪୪)ଶୁକ୍ରବାର ତାଙ୍କ ଭଉଣୀ ଘର ଦାଣ୍ଡହରିପୁରକୁ ଯାଉଥିବା କହି ଘରୁ ଆସିଥିଲେ। ମାତ୍ର ଆଜି ସକାଳେ ସୋର ରେଳ ଷ୍ଟେସନର ୨ ନମ୍ବର ପ୍ଲାଟଫର୍ମରେ ଏକ ମାଲବାହୀ ଟ୍ରେନ ତାଙ୍କୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ରେଳ କର୍ମଚାରୀମାନେ ଶବକୁ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ଷ୍ଟେସନରେ ପହଞ୍ଚି ଶବ ଚିହ୍ନଟ କରିବା ପରେ ସୋର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

# ବେତନଟୀ କଲେଜରେ ସେମିନାର

ବେତନଟୀ ,(ସବ୍ୟୁ): - ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ଶନିବାର ବାର୍ଷିକ ସେମିନାର ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି ସେମିନାରରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି ସେମିନାରରେ ବିଷୟ ବିଶେଷଜ୍ଞ ଭାବେ ବାଇଗଣବାଡ଼ିଆ କଲେଜର ଅବସରପ୍ରାପ୍ତ ପ୍ରାଧାପକ ଡ଼ଃ ସନ୍ଦୀପ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନଙ୍କ ମଧରେ ବେତନଟୀ କଲେଜର ଅଧକ୍ଷ ମନୋରଞ୍ଜନ ମହାନ୍ତ, ବିଷୟ ବିଶେଷଜ୍ଞ ଡ଼ଃ ସନ୍ଦୀପ କୁମାର ପଟ୍ଟନାୟକ, ବାଣିଜ୍ୟ ବିଭାଗର ମୁଖ୍ୟା ସୱାତୀ ଅଗରୱାଲା ଏବଂ ଅନ୍ୟାନ୍ୟ ଅଧାପକ ନରହରି ସିଂହ ମନିଷା ରାଣୀ ଅଗରୱାଲ ଉପସ୍ଥିତ ଥିଲେ। ସେମିନାରରେ ଠକେଇ ଚିହ୍ନଟ ଓ ପ୍ରତିରୋଧରେ ଆଭ୍ୟନ୍ତରୀଣ ଅଡିଟ ବିଷୟ ବସ୍ତୁ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମଟିକୁ ସ୍ନାତକ ପ୍ରଥମ ବର୍ଷ ବାଣିଜ୍ୟର ଛାତ୍ରୀ ଜ୍ୟୋତିସ୍ମିତା ସାଇରଞ୍ଜନୀ ସୁନ୍ଦର ଭାବେ ପରିଚାଳନା କରିଥିବା ବେଳେ ବାଣିଜ୍ୟ ବିଭାଗର ଅଧାପିକା ମନିଷା ରାଣୀ ଅଗ୍ରୱାଲ ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅଧକ୍ଷ ମହୋଦୟ , ବିଷୟ ବିଶେଷଜ୍ଞଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧାପକ ଅଧାପିକା ଆଭ୍ୟନ୍ତରୀଣ ଅଡିଟ ସମ୍ପର୍କରେ ଗଭୀର ଜ୍ଞାନ ପ୍ରଦାନ କରିଥିଲେ। ସେମିନାରର ଏକ ଅଂଶ ଭାବେ ବାଣିଜ୍ୟ ବିଭାଗର ଛଅଜଣ ଛାତ୍ରଛାତ୍ରୀ ନିଜ ନିଜ ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। ସ୍ନାତକ ତୃତୀୟ ବର୍ଷ ବାଣିଜ୍ୟର ଛାତ୍ର ରାହୁଲ ନାୟକ ଦିନର ସର୍ବଶ୍ରେଷ୍ଠ ପ୍ରସ୍ତୁତକର୍ତ୍ତା ଭାବେ ସମ୍ମାନିତ ହୋଇଥିଲେ। ସ୍ନାତକ ଦ୍ୱିତୀୟ ବର୍ଷ ବାଣିଜ୍ୟର ଛାତ୍ରୀ ମାଇଦୀ ସୋରେନ ଧନ୍ୟବାଦ ଜ୍ଞାପନ କରିଥିଲେ।

# ୧୦ରୁ କୁଶରଞ୍ଜନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ



ଆନନ୍ଦପୁର, (ସବ୍ୟୁ): ଆନନ୍ଦପୁର ଷ୍ଟାଡିଅମ ପଡିଆ ଠାରେ ଷଷ୍ଠ ରାଜ୍ୟ ସ୍ତରୀୟ କୁଶରଞ୍ଜନ ପଟ୍ଟନାୟକ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବ କ୍ରୀଡା ସଂସଦର ସମ୍ପାଦକ ନବରଞ୍ଜନ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି । ରାଜ୍ୟର ୮ ଗୋଟି ଟିମକୁ ନେଇ ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି । (ଗ୍ରୁପ ଏ ) - ଜଗା ୟୁନାଇଟେଡ୍ ଭୁବନେଶ୍ୱର, ବାଦଲ ଏକାଡେମି, ଶିମିଳିପାଳ ଏଫ. ସି, ମିଶନ ଟାଇଗର ବାଲେଶ୍ୱର, ସେହିପରି (ଗ୍ରୁପ ବି) - ୟୁନାଇଟେଡ୍ କ୍ଲବ ଗନ୍ଦରପୁର, ମା ଆଦିଶକ୍ତି ମୟୁରଭଞ୍ଜ, ସମ୍ବଲପୁର ଫୁଟବଲ ଏକାଡେମୀ, ପପୁଲାର କ୍ଲବ ଢେଙ୍କାନାଳ, କୁ ନେଇ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ସେମି ଫାଇନାଲ ୧୪ ଫେବୃଆରୀ, ଦ୍ୱିତୀୟ ସେମି ଫାଇନାଲ ୧୫ ଫେବୃଆରୀରେ ଅନୁଷ୍ଠିତ ହେବାକୁ ଯାଉଛି । ଫାଇନାଲ ମ୍ୟାଚ ୧୬ ତାରିଖରେ ହେବାକୁ ଥିବା ବେଳେ ପ୍ରତିଦିନ ଅପରାହ୍ଣ୩ଟାରେ ଏହି ମ୍ୟାଚ ଅନୁଷ୍ଠିତ ହେବ ।ଏହି ଟୁର୍ଣ୍ଣାମେଣ୍ଟରେ ବିଜେତା ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ଓ ଉପ ବିଜେତା ଦଳକୁ ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ନବ ପଟ୍ଟନାୟକ କହିଛନ୍ତି ଏହି ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ନିରାକାର ଦଳେଇ, ବିନୋଦ ବିହାରୀ ମିଶ୍ର, ଯୁଗ୍ମ ସମ୍ପାଦକ ପ୍ରସନ୍ନ କୁମାର ସିଂ, ସହ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, ରମେଶ ଚନ୍ଦ୍ର ସିଂଙ୍କ ସମେତ କ୍ରୀଡା ସଂସଦର ସଦସ୍ୟ ଗଗନ ସିଂ, ମୁରଲୀଧର ମିଶ୍ର, ହାଡିବନ୍ଧୁ ଖୁଣ୍ଟିଆ, ବାଇଧର ସେଠି, ବିରଜା ପ୍ରସାଦ ନାୟକ, ବୁଲୁ ପଟ୍ଟନାୟକ, ସୁଦର୍ଶନ ରଣା, ଅଜୟ କୁମାର ସେଠି, ପ୍ରଦୀପ କୁମାର ରାମ, ଅଖିଳ ପଟ୍ଟନାୟକ, ସଂଜୀବ କୁମାର ସିଂ, ପ୍ରମୁଖ ଉପସ୍ଥିତ ଥିଲେ ।

## ଭାରତ ସଫଳ ପାଇଁ ଜନ ସଚେତନ ରାଲି

କରଞ୍ଜିଆ, (ସବ୍ୟୁ) : କରଞ୍ଜିଆ ଠାରେ ଆଗାମୀ ୧୨ ରେ ଭାରତ ନ୍ଦ ଆନ୍ଦୋଳନକୁ ସଫଳ କରିବା ପାଇଁ ପୂର୍ବତନ ବିଧାୟକ ତଥା ଏ ଆଇ ୟୁ ଟ ୟୁ ସରାଜ୍ୟ ସଭାପତି ଶମ୍ଭୁ ନାଥ ନାୟକ, ପୂର୍ବତନ ନଗରପାଳ ତଥା ଆଇ. ଏନ ଟି ୟୁ. ସି. ର ଜିଲ୍ଲା ସଭାପତି ଭୁବନ ସାହୁ, ଏ. ଆଇ. ୟୁ. ଟି.. ୟୁ. ସି. ର ଜିଲ୍ଲା ସମ୍ପାଦକ ଯୋଗବନ୍ଧୁ ମିଶ୍ର ଙ୍କ ନେତୃତ୍ୱରେ ଏକ ସଚେତନ ରାଲି ର ଆୟୋଜନ ହୋଇଛି ପୁଞ୍ଜିପତି, ଶିଳ୍ପପତି ଙ୍କ ସାର୍ଥ ରେ କେନ୍ଦ୍ର ସରକାର ଶ୍ରମିକ, କୃଷକ ସ୍ୱାର୍ଥବିରୋଧୀ, ଜନ ବିରୋଧୀ ବିରୋଧରେ, ଚାରିଟି ଶ୍ରମ କୋଡ଼ ରଦ୍ଧ ଓ ଅନ୍ୟାନ୍ୟ ଦାବିରେ ଏହି ରାଲି ଆୟୋଜନ କରାଯାଇଥିଲା। କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏହି ରାଲିର ଆରମ୍ଭ କରାଯାଇ ସହର ପରିକ୍ରମା କରାଯାଇଥିଲା। ଅନ୍ୟମାନଙ୍କ ମଧରେ କଂଗ୍ରେସ ଟାଉନ ପ୍ରେସିଡେଣ୍ଟ ସୁରୋଜ ସିଂ, ଶ୍ରମିକ ନେତା ଧରଣୀ ମହାନ୍ତ, ଅଜିତ ବାରିକ, ଶଙ୍କର ନାୟକ ପ୍ରମୁଖ ଏହି ରାଲିରେ ସାମିଲ ହୋଇ ଆସନ୍ତା ୧୨ତାରିଖ ରେ ସାଧାରଣ ଧର୍ମଘଟକୁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ

## ବାଲିଘାଟରେ ଉପଜିଲାପାଳଙ୍କ ଚଢ଼ାଉ

କେନ୍ଦୁଝର, (ସବ୍ୟୁ) : ଚମ୍ପୁଆ ବ୍ଲକ ଅନ୍ତର୍ଗତ ଉଚ୍ଚବାଲି ପଞ୍ଚା ଆୟତର କେମୁଣ୍ଡିଆ ରୁପାକୁଣ୍ଡ ବାଲିଘାଟ ଉପରେ ଶନିବାର ଦିନି ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡା ଅତର୍କିତ ଚଢାଉ କରିବା ସହିତ ଗଚ୍ଛିତ ବାଲି ଜବଦ କରିବା ସହ ଏକ ପକଲେନ ଗାଡିକୁ ଜବ ଜବଦ କରିଛନ୍ତି । ଏହା ସହିତ ଗଚ୍ଛିତ ବାଲିକୁ ନିଲାମ କରାଯାଇଥୁବା ଜଣାଯାଛି । ସୂଚନା ଅନୁସାରେ ଚମ୍ପୁଆର ବିଭିନ୍ନ ବାଲି ଉତ୍ସରୁ ଦୈନିକ ଶହଶହ ଟ୍ରିପ ଚୋରା ବାଲି ଚାଲାଣ କରାଯାଉଥିବା ବେଳେ କେତେକ ନଦୀ ଗୁଡିକରୁ ବାଲି ଉଠାଇ ଗଚ୍ଛିତ ରଖି ବିକ୍ରି କରୁଛନ୍ତି । ଏ ନେଇ କୌଣସି ସୂତ୍ରରୁ ଖବର ପାଇ ଉପଜିଲାପାଳ ଶ୍ରୀ ପରିଡା ରାଜସ୍ୱବିଭାଗ ଓ ପୋଲିସର ମିଳିତ ସହଯୋଗରେ ଉପରୋକ୍ତ ବାଲି ଘାଟ ଉପରେ ଚଢାଉ କରିଥିଲେ । ଉକ୍ତ ସ୍ଥାନରୁ ବାଲି ମାଫିଆମାନେ ଖସି ପଳାଇଯାଇଥୁବା ବେଳେ ବାଲି ଲୋଡିଂ ପାଇଁ ଥିବା ପକଲେନ ସହ ଲକ୍ଷାଧିକ ଟଙ୍କାର ଗଚ୍ଛିତ ବାଲିକୁ ଜବଦ କରିଥିଲେ । ଏବଂ ଉକ୍ତ ଗଚ୍ଛିତ ବାଲିକୁ ନିଲାମ କରିବା ପାଇଁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଚଢାଉରେ ଅତିରିକ୍ତ ତହସିଲଦାର ପ୍ରତିକ୍ଷା ପ୍ରିୟଦର୍ଶନି ଓ ବାରିଆ ପୋଲିସ ସମେତ ରାଜସ ନିରୀକ୍ଷକ ମାନେ ସାମିଲ ହୋଇଥିଲେ ।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,(ସବ୍ୟୁ) :ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ,କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ସଡକ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଓଡିଶା ଗନ୍ଧିବାଳାଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ,ଡ.ତାପସ କୁମାର ମହାନ୍ତି,ଶିଶୁ ମଙ୍ଗଳ କମିଟିର ଅଧକ୍ଷ ସୁବ୍ରତ କୁମାର ବିଶ୍ୱାଳ ଏବଂ ସଦସ୍ୟ,ପ୍ରଦୀପ୍ତ କର,ଓଡିଶା ଗନ୍ଧିବାଳାଶ୍ରମର,ସମ୍ପାଦକ,ଅଶୋକ କୁମାର ଦାସ ତଥା ଏହି ଆଶ୍ରମର ସମସ୍ତ ସଦସ୍ୟ ତଥା ଅନ୍ତେବାସୀଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। । ଏହି ପରିପ୍ରେକ୍ଷୀରେ ପିଲାମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ସ୍ଲୋଗାନ ମାଧମରେ ସଚେତନ କରଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଗଣ ପରିଚାଳନାରେ ସହଯୋଗ କରିଥିଲେ।

## ବେଆଇନ ଗୋ ଚାଲାଣ

### ଚଢାଉ କଲା ପୋଲିସ, ବାପପୁଅ ଅଟକ

ଆନନ୍ଦପୁର,(ସବ୍ୟୁ): ପୋଲିସର ବ୍ୟାପକ ଚଢାଉ ପରେ ବି କେନ୍ଦୁଝର ଜିଲାରେ ବେଆଇନ ଗୋ ଚାଲାଣ କମିବାର ନା ଧରୁନି। ଶୁକ୍ରବାର ବିଳମ୍ବିତ ରାତିରେ ନନ୍ଦିପଦା ଥାନା ଜଳକଳଙ୍ଗ ଗ୍ରାମରେ କେନ୍ଦୁଝର ଜିଲାର ସ୍ୱତନ୍ତ୍ର ପୋଲିସ ସ୍କ୍ୱାର୍ଡ ଚଢାଉ କରି ଚାଲାଣ ଉଦ୍ଦେଶ୍ୟରେ ପିକଅପ ଭ୍ୟାନରେ ଥିବା ୭ ଗୋରୁଙ୍କୁ ଉଦ୍ଧାର କରିଛି। ଏଥି ସହିତ ଗୋଟିଏ ବୋଲେରୋ, ଗୋଟିଏ ପିକଅପ ଭ୍ୟାନ ଜବତ ସହିତ ତିନି ଭାଇ ଓ ବାପାଙ୍କୁ ଅଟକ ରଖିଛି।

## ବିଦ୍ୟାଳୟ ପରିସରରେ ନିଶାସକ୍ତ ବ୍ୟକ୍ତିର ଆତଙ୍କରାଜ

କେନ୍ଦୁଝର(ଜିପ୍ର):କେନ୍ଦୁଝର ଜିଲା ସାହାରପଡା ବ୍ଲକ କୁଣ୍ଡୁଳା ପଞ୍ଚାୟତ ଜୟପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଦିନ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ କଟୁରି ଧରି ଆତଙ୍କ ଖେଳାଇଛନ୍ତି ଆତଙ୍କ ଖେଳାଇଥିବା ବ୍ୟକ୍ତି ଜଣଙ୍କ ସେହି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ବୋଲି ଜଣା ପଡିଛି । ସ୍କୁଲ ଚାଲୁଥିବା ବେଳେ ସେ ନିଶାସକ୍ତ ହୋଇ ହାତରେ କଟୁରୀ ଧରି ସ୍ତ୍ରୀ ଓ ଗାଁ ଲୋକଙ୍କୁ ମାରିଦେବି କହି ଦୀର୍ଘ ସମୟ ସ୍କୁଲରେ ପରିସରରେ ହଙ୍ଗାମା ଓ ଉନ୍ମତ୍ତ କାଣ୍ଡ ଭିଆଇଥିଲେ। ବିଦ୍ୟାଳୟ ପରିସରରେ ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀ ରହିଥିବା ବେଳେ ଶୁକ୍ରବାର ହଠାତ ଏଭଳି କାଣ୍ଡ ଘଟାଇଥିବା ଦେଖିବାକୁ ମିଳିଛି ।ତେବେ ସ୍ଥାନୀୟ ଲୋକେ ତାଙ୍କୁ ବୁଝା ସୁଝା କରିବା ପାଇଁ ଯାଇଥିବା ବେଳେ ତାଙ୍କୁ ମଧ ବିଭିନ୍ନ ପ୍ରକାର ଅସଭ୍ୟ ଭାଷାରେ ଗାଳି ଗୁଲଜ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି ।ଘଟଣାର ତଦନ୍ତ କରି ସଂପୃକ୍ତ ବ୍ୟକ୍ତିଙ୍କ ଉପରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଶିଳ୍ପପତି ହିମାଂଶୁ ଦାସଙ୍କ ସ୍ମୃତିରେ ୧୧ରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ




ବାଲେଶ୍ୱର,(ସବ୍ୟୁ) : ଆସନ୍ତା ଫେବୃୟାରୀ ୧୧ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ପରମିଟ ପଡ଼ିଆ ଠାରେ ହିମାଂଶୁ ଦାସ ମେମୋରିଆଲ ଅଲଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ -୨୦୨୬ ଅନୁଷ୍ଠିତ ହେବ।ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ରାଜ୍ୟ ଫୁଟବଲ ଟିମ୍‌ମାନେ ଅଂଶଗ୍ରହଣ କରିବେ । ଏକଦା ବାଲେଶ୍ୱର ଫୁଟବଲ ଖେଳର ଏନ୍ତୁଡ଼ିଶାଳ ଥିବା ବେଳେ ସମୟ କ୍ରମରେ ଏହି ଖେଳ ବାଲେଶ୍ୱରରୁ ବିଲୁପ୍ତ ହୋଇଯିବାକୁ ବସିଥିବାରୁ ଏହି ଖେଳକୁ ଜୀବନଯାସ ଦେବାପାଇଁ ପ୍ରତିବର୍ଷ ବାଲେଶ୍ୱରର ବିଶିଷ୍ଟ ଶିଳ୍ପଦ୍ୟୋଗୀ ସ୍ୱର୍ଗତଃ ହିମାଂଶୁ ଦାସଙ୍କ ସ୍ମୃତିରେ ଟ୍ରଷ୍ଟ ପକ୍ଷରୁ ଏହିଭଳି ସର୍ବଭାରତୀୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ ବୋଲି ଟ୍ରଷ୍ଟର ସଭାପତି ସଂଜୟ କୁମାର ଦାସ ଏବଂ ଉପସଭାପତି ସଂଗ୍ରାମ ଦାସ ଶନିବାର ଅପରାହ୍ଣରେ ସ୍ଥାନୀୟ ହୋଟେଲ ଏଲ୍‌ଏନ୍‌ପ୍ଲାଜା ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ ପାଇଁ ବିଭିନ୍ନ ଟିମ୍ ଏବଂ ରେଫେରୀମାନଙ୍କୁ ଫାଓ ତରଫରୁ ଚୟନ କରାଯାଇଥିବା କୁହାଯାଇଛି । ଏହି ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳୀ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ରହିବା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଫେବୃୟାରୀ ୧୮ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବେଳେ ୧୭ ତାରିଖ ଅପରାହ୍ଣରେ ମହିଳାମାନଙ୍କର ଏକ ଫେନ୍ସି ଫୁଟବଲ ମ୍ୟାଚ ପରମିଟ ପଡ଼ିଆଠାରେ ମଧ ଆୟୋଜନ କରାଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର ହରିପ୍ଲାଷ୍ଟ, ଆରଟି ବଏଜ ହାଇଦ୍ରାବାଦ, ରାଉରକେଲ ରେଡ଼, ଏସ୍‌ଏସ୍‌ବି ସିଲଗୁଡ଼ି, ୱେଷ୍ଟବେଙ୍ଗଲ ପୁଲିସ ସ୍ପୋର୍ଟସ କ୍ଲବ, ଏମ୍‌ଇଜି ବାଙ୍ଗାଲୁର, କନଓ୍ୱର ୟୁନାଇଟେଡ଼ ଏଫ୍‌ସି କେରଳ, ମା କାମାକ୍ଷା ଏଫ୍‌ସି ବିହାର ପ୍ରମୁଖ ଫୁଟବଲ ଟିମ୍‌ମାନେ ଅଂଶଗ୍ରହଣ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ଏହାଛଡ଼ା ଚମ୍ପିୟାନ ଟିମ୍‌କୁ ୫୦ହଜାର ଏବଂ ରନର୍ସଅପ୍ ଟିମକୁ ୨୫ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ସଂଗଠନର ସମ୍ପାଦକ ସୁଜୟ ଆଚାର୍ଯ୍ୟ, ରାଜେଶ ମହାପାତ୍ର,ଅଭ୍ୟୁଦୟ ଦାସ, ଅଭୟ ମହାପାତ୍ର, ପଦ୍ମଲୋଚନ ଲେଙ୍କା, ଅମର ମହାନ୍ତି, ବିଷ୍ଣୁପ୍ରସାଦ ମହାନ୍ତି, ଦିଲ୍ଲୀପ କୁମାର ସାହୁ, ସୁରଜିତ ମହାପାତ୍ର,ନିମାଁଇ ରାଉତରାୟ, ଶୋଭନ ଦାସମହାପାତ୍ର, ବୀରେଶ୍ୱର ଦାସ, ଅମରେନ୍ଦ୍ର ପାତ୍ର, ଓଏନ୍ ସେନ୍, ବିଶ୍ୱଜିତ ପରମାଣିକ, ଅସୀତ ଦାସ, ଶ୍ରୀମାନ ଶ୍ରୀଚନ୍ଦନ, ପ୍ରଦୀପ ଶତପଥି, ସମ୍ପଦ ଦାସ, ପ୍ରଦୀପ କୁମାର ଦାସ,ଅଶ୍ୱନୀ ସାମଲ,ସୁଶାନ୍ତ ପଣ୍ଡା,ଦିଲ୍ଲୀପ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବେତନଟୀ କଲେଜ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ




ବେତନଟୀ ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ମହାବିଦ୍ୟାଳୟର ଅଡିଟୋରିୟମ ଠାରେ ଶନିବାର ଉଚ୍ଚ ଶିକ୍ଷା ବିଭାଗ ଦାରା ପ୍ରାୟୋଜିତ ଅଷ୍ଟ ଦିବସୀୟ ଆତ୍ମ ସୁରକ୍ଷା ଶିବିର ୨୦୨୫-୨୬ ଉଦଯାପିତ ହୋଇଯାଇଛି । ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିରର ଉଦଯାପନୀ ସମାରୋହରେ ଅଧକ୍ଷ ମନୋରଂଜନ ମହାନ୍ତଙ୍କ ପୌରହିତ୍ୟରେ ଏହି ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଶ୍ରୀମତୀ ସଂଯୁକ୍ତା ଜୀ, ସମ୍ମାନିତ ଅତିଥି ଭାବେ ସନ୍ତୋଷ କୁମାର ମହାପାତ୍ର ଯୋଗ ଦେଇଥିଲେ। ଓଡ଼ିଆ ବିଭାଗର ଅଧାପିକା ବାଲିମଣି ସିଂହ, ସଂସ୍କୃତ ବିଭାଗର ପ୍ରାଧାପକ ପ୍ରାଣକୃଷ୍ଣ ପାଣିଗ୍ରାହୀ, ନୋଡାଲ ଅଫିସର୍ ତଥା ଛାତ୍ରୀ ଆତ୍ମ ସୁରକ୍ଷା ସଂଯୋଜିକା କଳ୍ପଲତା ବେହେରା ଏବଂ ବାଣିଜ୍ୟ ବିଭାଗର ଅଧାପିକା ମନିଷା ରାଣୀ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଅଧକ୍ଷ ମନୋରଂଜନ ମହାନ୍ତ ଛାତ୍ରୀ ଆତ୍ମ ସୁରକ୍ଷା କୌଶଳ ଏବଂ ଏହାର ଉପଯୋଗିତା ସଂମ୍ପର୍କରେ ଆଲୋଚନା କରିଥିଲେ। ମାଷ୍ଟର ଟ୍ରେନର ନମିତା ନାଏକ ଏବଂ ସରୋଜିନୀ ସିଂ ଉପସ୍ଥିତ ଥିଲେ। ଏହି ଶିବିରରେ ୧୩୧ ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ।ପରିଶେଷରେ ଅଧାପିକା କଳ୍ପଲତା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କବି ଗଙ୍ଗାଧରଙ୍କ ପବିତ୍ର ଜନ୍ମପୀଠ:
# ପରିଦର୍ଶନ ପରେ ଜାତୀୟକରଣ କଲେ ନିତ୍ୟାନନ୍ଦ



ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଗଙ୍ଗାଧରଙ୍କ ଜନ୍ମଗୃହ ଜାତୀୟକରଣ ହୋଇପାରିବ ନା ନାହିଁ ଯେତେବେଳେ ସେଇ ଚିନ୍ତନ ଥିଲା ସମସ୍ତଙ୍କ ପାଇଁ ଉତ୍କଣ୍ଠାପୂର୍ଣ୍ଣ, ସେହି ସମୟରେ ସଂସ୍କୃତି ବିଭାଗର ମନ୍ତ୍ରୀ ଥିବା ବିଶିଷ୍ଟ ଲେଖକ ଓ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସୁଯୋଗ୍ୟ ପୁତ୍ର ନିତ୍ୟାନନ୍ଦ ମହାପାତ୍ର ଗଙ୍ଗାଧରଙ୍କ ଜନ୍ମଗୃହ ପରିଦର୍ଶନ ନିମନ୍ତେ ବରପାଲି ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଗଲା । ଏହା ଫଳରେ ବରପାଲିବାସୀଙ୍କ ମନ ଭିତରେ ତଥା କବି ପରିବାର ମଧ୍ୟରେ ଖେଳି



ପ୍ରାକ୍ତନ ସଂସ୍କୃତି ମନ୍ତ୍ରୀ ନିତ୍ୟାନନ୍ଦ ମହାପାତ୍ର

ଯାଇଥିଲା ଏକ ନୂତନ ଚଞ୍ଚଳତା । ସେ ୧୯୫୭ ମସିହାରୁ ୧୯୬୧ ମସିହା ପର୍ଯ୍ୟନ୍ତ ଥିଲେ ଓଡ଼ିଶା ବିଧାନସଭାର ମାନ୍ୟବର ସଦସ୍ୟ । ଭଦ୍ରକ ନିର୍ବାଚନ ମଣ୍ଡଳୀରୁ ସେ ଓଡ଼ିଶା ଜନକଂଗ୍ରେସ ଦଳର ପ୍ରାର୍ଥୀ ଭାବରେ ନିର୍ବାଚିତ ହୋଇଥିଲେ । ସେହି ସମୟରେ ସେ ଥିଲେ ମଧ୍ୟ ସାଂସ୍କୃତିକ ବ୍ୟାପାର ବିଭାଗର ମାନ୍ୟବର ମନ୍ତ୍ରୀ ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଉତ୍ତରଦାୟାଦ ଏବଂ ଜଣେ ବିଶିଷ୍ଟ ଲେଖକ ଭାବରେ ଏକ ଭିନ୍ନ ଦୃଷ୍ଟି ନେଇ ସେ ପହଞ୍ଚିଥିଲେ ବରପାଲି ମାଟିକୁ ।


କ୍ୱଚିତ କ୍ଷେତ୍ରରେ ଦେଖାଯାଏ ଯେ ଜଣେ ପ୍ରକୃତ ସଂସ୍କୃତି ସମ୍ପନ୍ନ ରାଜନେତା ବା ଲେଖକ ସଂସ୍କୃତି ବିଭାଗର ମନ୍ତ୍ରୀ ପଦ ଅଳଙ୍କୃତ କରିଥାଆନ୍ତି । ନିତ୍ୟାନନ୍ଦ ମହାପାତ୍ରଙ୍କ ପରି ଉଚ୍ଚକୋଟୀର ଜଣେ ଲେଖକ ବିଧାନସଭାର ସଭ୍ୟ ଭାବରେ ନିର୍ବାଚିତ ହେବା ଓ ସଂସ୍କୃତି ମନ୍ତ୍ରୀ ଭାବରେ ଓଡ଼ିଶା ସରକାରଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ଓଡ଼ିଶାର




ଇତିହାସରେ ଏକ ଗୌରବମୟ ଘଟଣା ।


ଗଙ୍ଗାଧରଙ୍କ ସୁପୁତ୍ର ଭଗବାନ ମେହେର ନିତ୍ୟାନନ୍ଦ ମହାପାତ୍ରଙ୍କୁ ଜାଣିଥିଲେ ଭଲ ଭାବରେ । ସେ ବରପାଲି ଶୁଭାଗମନ କରୁଛନ୍ତି ଏହା ଜାଣିବା ପରେ, ଭଗବାନ ମେହେରଙ୍କ ମନରେ ସୃଷ୍ଟି ହୋଇଥିଲା ଆନ୍ତରିକ ଆବେଗ ଓ ସମ୍ମାନବୋଧ । ନିତ୍ୟାନନ୍ଦ ମହାପାତ୍ର ମଧ୍ୟ ଗଙ୍ଗାଧରଙ୍କ ଜନ୍ମମାଟିକୁ ସ୍ପର୍ଶ କରି ସେହିପରି ସ୍ପନ୍ଦିତ ହୋଇଯାଇଥିଲେ ସ୍ୱାଭାବିକ ଭାବରେ । ସେ ଗଙ୍ଗାଧର ମେହେରଙ୍କ କବିତା ଅଧ୍ୟୟନ କରି ଅଭିଭୂତ ଓ ପ୍ରେରଣାଦୀପ୍ତ ହେବା ଥିଲା ତାଙ୍କ ବ୍ୟକ୍ତିତ୍ୱର ଅନୁରୂପ । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନିକଟରୁ ସେ ଗଙ୍ଗାଧରଙ୍କ ଆତ୍ମିକ ପରିଚୟ ଲାଭ କରିବାର ସୁଯୋଗ ପାଇଥିଲେ । **ଜନ୍ମଗୃହ ଜାତୀୟକରଣ ହେବା ନ ହେବା ସରକାରଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ଥିଲା ନିର୍ଭରଶୀଳ । ମାତ୍ର ବରପାଲିରେ ଦୁଇ କବିପୁତ୍ରଙ୍କ ମିଳନ ସେଦିନ ସୃଷ୍ଟି କରିଥିଲା ସମସ୍ତଙ୍କ ହୃଦୟରେ ଅପୂର୍ବ କମ୍ପନ ।**

ନିତ୍ୟାନନ୍ଦ ମହାପାତ୍ର କବିଗୃହରେ ପ୍ରବେଶ କରିବା ପରେ କବିପୁତ୍ର ଭଗବାନ ମେହେର ତାଙ୍କର ସ୍ୱଭାବ ସୁଲଭ ବିନମ୍ରତା ପ୍ରକାଶ କରି ନିତ୍ୟାନନ୍ଦ ମହାପାତ୍ରଙ୍କୁ ପାଛୋଟି ନେଇଥିଲେ ଘର ଭିତରକୁ । ଯେଉଁ ପ୍ରକୋଷ୍ଠରେ କବିପୁତ୍ର ଭଗବାନ ମେହେର ନେଉଥିଲେ ବିଶ୍ରାମ ସେଇଠି ମାଟିକାନ୍ଥରେ ସଜ୍ଜିତ ହୋଇ ରହିଥିଲା ଗଙ୍ଗାଧର ମେହେରଙ୍କ ଫଟୋଚିତ୍ର । ନିତ୍ୟାନନ୍ଦ ମହାପାତ୍ର ପୁଷ୍ପାଞ୍ଜଳି ପ୍ରଦାନ କରି ଭକ୍ତି ନିବେଦନ କରିଥିଲେ ସେ ଦିନ । ଦୁଇ କବିପୁତ୍ରଙ୍କ ମଧ୍ୟରେ ଯେଉଁ ସ୍ୱଳ୍ପକାଳର ଆଳାପ ଆଲୋଚନା ହେଲା ସେତେବେଳେ, ବିନମ୍ରତାର ଦେବତା ସେହି ପରିସରରେ ଥିଲେ ଉପସ୍ଥିତ । ଭଗବାନ ମେହେର ମିତଭାଷୀ ଓ ମୃଦୁଭାଷୀ । ନିତ୍ୟାନନ୍ଦ ମହାପାତ୍ର ମଧ୍ୟ ହେଉଛନ୍ତି ଭାବବାଦୀ ଏବଂ ଆବେଗଦୀପ୍ତ ହୃଦୟର ଅଧିକାରୀ । ନିତ୍ୟାନନ୍ଦ ଗଙ୍ଗାଧରଙ୍କ ସମ୍ପର୍କରେ ଯେଉଁ କେତୋଟି ପଦ ଉଚ୍ଚାରଣ କରୁଥିଲେ ଓ ଭଗବାନ ମେହେର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଯେପରି ସ୍ମରଣ କରୁଥିଲେ ତାହାର ସୁକୋମଳ ଭାଷା ଶୁଣୁଥିଲେ କବି ପରିବାରର ସଦସ୍ୟମାନେ ଓ କବିଗୃହର ବୈଠକଖାନାରେ ବସିଥିବା ବରପାଲିର ଭଦ୍ରବ୍ୟକ୍ତିମାନେ । ନିତ୍ୟାନନ୍ଦ ମହାପାତ୍ର ନିରୀକ୍ଷଣ କରିବାକୁ ଲାଗିଥିଲେ କବି କୁଟୀରକୁ ଓ କବି ପରିବାରର ସଦସ୍ୟମାନଙ୍କୁ । ଭଗବାନ ମେହେର ତାଙ୍କୁ ପାଛୋଟି ନେଇଗଲେ ପୁଣି ଘର ଭିତରକୁ ଏବଂ ଦେଖାଇଦେଲେ ଗଙ୍ଗାଧରଙ୍କ ଜନ୍ମପ୍ରକୋଷ୍ଠ । ନିତ୍ୟାନନ୍ଦ ମହାପାତ୍ର ତଲ୍ଲୀନ ହୋଇ ଯାଉଥିଲେ ସେହି ପବିତ୍ର ମାଟିକୁ ସ୍ପର୍ଶ କରି । ଏହାପରେ ଅନ୍ୟ ଯେଉଁ ଏକାଧିକ ପ୍ରକୋଷ୍ଠ ରହିଥିଲା ସେସବୁକୁ ମଧ୍ୟ ସେ ଅନୁଧ୍ୟାନ କଲେ ନିବିଷ୍ଟ ଚିତ୍ତରେ । କିଛି ସମୟ ଅନ୍ତେ ତାଙ୍କ ମୁହଁରୁ ସ୍ୱତଃସ୍ଫୂର୍ତ୍ତ ଭାବେ ବାହାରି ପଡ଼ିଥିଲା ଗୋଟିଏ ବାକ୍ୟ ଯେ କେଡ଼େ ସୁନ୍ଦର ହୋଇଛି କବିଙ୍କ ଏହି ଜନ୍ମଗୃହ । କ୍ଷୁଦ୍ର ହେଲେ ମଧ୍ୟ ଏହାର ଗାଠନିକ ସୌନ୍ଦର୍ଯ୍ୟ ଏବଂ ପବିତ୍ରତା ଅନନ୍ୟ । ତା'ହେଲେ ଏ ସମ୍ପର୍କରେ ଭିନ୍ନ ତଥ୍ୟ କାହିଁକି ଦିଆଯାଉଥିଲା ମୁଁ ବୁଝିପାରୁନି । ଏଇ ଗୋଟିଏ ବାକ୍ୟ ହିଁ ଥିଲା ଯଥେଷ୍ଟ ଯେ ପୂର୍ବରୁ ସରକାରୀ ସ୍ତରର ଯେଉଁ ଅଧିକାରୀମାନେ ଆସିଥିଲେ ସେମାନେ ଗୃହ ଜାତୀୟକରଣ ସମ୍ପର୍କରେ ସକାରାତ୍ମକ ଚିତ୍ର ଦେବାରେ ହୋଇଥିଲେ କୁଣ୍ଠିତ ଆଉ ଏହା ମଧ୍ୟ ପ୍ରତ୍ୟକ୍ଷ ଭାବରେ ପ୍ରମାଣିତ ହୋଇଗଲା ଯେ ନିତ୍ୟାନନ୍ଦ ମହାପାତ୍ର କବି-ଗୃହ ଦେଖି ହୋଇଛନ୍ତି ସମ୍ପୂର୍ଣ୍ଣ ଆହ୍ଲାଦିତ ।



ସ୍ୱଭାବ-କବି ଗଙ୍ଗାଧର ମେହେର
ଆବିର୍ଭାବ -୦୯.୦୮.୧୮୬୨ ତିରୋଭାବ - ୦୪.୦୪.୧୯୨୪

**ସେଦିନ ନମସ୍ୟ ନିତ୍ୟାନନ୍ଦ ମହାପାତ୍ର ସରକାରଙ୍କୁ ଯେଉଁ ଅଭିଜ୍ଞତା ବର୍ଣ୍ଣନା ସହ ଗୃହ ଜାତୀୟକରଣ ବିଷୟରେ ଦେଇଥିଲେ ମର୍ଯ୍ୟାଦାଜନକ ବିଚାର, ତାହା ଗମ୍ଭୀରତାର ସହ ଗୃହୀତ ହୋଇଥିବ ନିଶ୍ଚୟ । ଯାହା ଫଳରେ ୧୯୬୯ ମସିହାରେ ଓଡ଼ିଶା ସରକାର ବିଧିବଦ୍ଧ ଭାବରେ ଘୋଷଣା କଲେ ଗୃହ ଜାତୀୟକରଣ ପ୍ରସଙ୍ଗ ।**



କବିପୁତ୍ର ଭଗବାନ ମେହେର

ଯେପରି ଆଦର ସତ୍କାର ସହକାରେ ନିତ୍ୟାନନ୍ଦ ମହାପାତ୍ରଙ୍କୁ ସ୍ୱାଗତ କରାଯାଇଥିଲା ବରପାଲିରେ ଠିକ୍ ସେହିପରି ବିଦାୟକାଳୀନ ବେଳାରେ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଥିଲେ କବିପୁତ୍ରଙ୍କ ସମେତ ସମସ୍ତେ । ନିତ୍ୟାନନ୍ଦ ମହାପାତ୍ର ପ୍ରତ୍ୟାବର୍ତ୍ତନ କରିଥିଲେ ରାଜଧାନୀ ଭୁବନେଶ୍ୱରକୁ । ସେପଟେ ବରପାଲିରେ ଅତ୍ୟନ୍ତ ଉତ୍କଣ୍ଠିତ ହୋଇ ରହିଲେ ସମସ୍ତେ ସରକାରଙ୍କ ପରବର୍ତ୍ତୀ ନିଷ୍ପତ୍ତି ସମ୍ପର୍କରେ ଜାଣିବା ପାଇଁ ।

ସେଦିନ ନମସ୍ୟ ନିତ୍ୟାନନ୍ଦ ମହାପାତ୍ର ସରକାରଙ୍କୁ ଯେଉଁ ଅଭିଜ୍ଞତା ବର୍ଣ୍ଣନା ସହ ଗୃହ ଜାତୀୟକରଣ ବିଷୟରେ ଦେଇଥିଲେ ମର୍ଯ୍ୟାଦାଜନକ ବିଚାର, ତାହା ଗମ୍ଭୀରତାର ସହ ଗୃହୀତ ହୋଇଥିବ ନିଶ୍ଚୟ । ଯାହା ଫଳରେ ୧୯୬୯ ମସିହାରେ ଓଡ଼ିଶା ସରକାର ବିଧିବଦ୍ଧ ଭାବରେ ଘୋଷଣା କଲେ ଗୃହ ଜାତୀୟକରଣ ପ୍ରସଙ୍ଗ । ଏହାରି ମଧ୍ୟରେ ୫୫ବର୍ଷ ଅତିବାହିତ ହୋଇ ଯାଇ ସାରିଛି । ନିତ୍ୟାନନ୍ଦ କି ଭଗବାନ, ଦୁଇଜଣ ଯାକ ଏ ଦୁନିଆରେ ନାହାନ୍ତି । ନିତ୍ୟାନନ୍ଦ ମହାପାତ୍ରଙ୍କ ଆତ୍ମିକ ଶ୍ରଦ୍ଧା ଆଜି ବି ରହିଛି ଅମଳିନ । ଏ ସମସ୍ତ ବିଷୟ ମୋର ପୂଜ୍ୟ ପିତା କିଶୋର ଚନ୍ଦ୍ର ମେହେରଙ୍କ ଭାବାର୍ଦ୍ର କଣ୍ଠରୁ ଥରେ ନୁହେଁ ଶୁଣିଛି ବାରମ୍ବାର । ଆଉ ପ୍ରତ୍ୟେକ ଥର ଅନୁଭବ କରିଛି ଯେ ନିତ୍ୟାନନ୍ଦ ମହାପାତ୍ରଙ୍କ ପ୍ରତି କି ଗଭୀର ସମ୍ମାନ ଓ କୃତଜ୍ଞତାବୋଧ ରହିଛି ସାରା ପରିବାର ମଧ୍ୟରେ। କବି ଗଙ୍ଗାଧରଙ୍କ ମହାବିଶ୍ରାମର ଶତବାର୍ଷିକ ପାଳନ ଅବସରରେ ସ୍ୱଭାବକବିଙ୍କ ସହିତ ଚିରନମସ୍ୟ ଲେଖକ ନିତ୍ୟାନନ୍ଦ ମହାପାତ୍ରଙ୍କ ପ୍ରତି ତେଣୁ ଗଭୀର ଭକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

**(ଶ୍ରୀ ମେହେର ଜଣେ ବିଶିଷ୍ଟ ସାହିତ୍ୟ ସମାଲୋଚକ ଓ ସଂପ୍ରତି ଉତ୍କଳ ବିଶ୍ୱ ବିଶ୍ୱବିଦ୍ୟାଳୟର ପରିଦର୍ଶକ ପ୍ରଫେସର)**

## କବିତା

### ପାରିବନି କିଛି କରି...

ଲକ୍ଷ୍ମୀପ୍ରିୟା ପୃଷ୍ଟି

ନେହୁରା ହେଲି ମୁଁ ସମୟକୁ ଯେତେ
ପୋଛିଦେ ପିଛିଲା ସ୍ମୃତି,
ଦିନେ ଯିଏ କେତେ ରଙ୍ଗ ବୋଳୁଥିଲା
ଆଜି ସେ ଅସହ୍ୟ ତାତି ।
ତପତ ଜୀବନ ତୃପ୍ତି ସେ ଚାହୁଁଛି
ତେବେ ବି ନିସ୍ତାର ନାହିଁ,
ତଟିନୀ ସାଜିଛି ମରୀଚିକାମୟ
ତୃଷା ମେଣ୍ଟିବ ବା କାହିଁ?
ମେଘ ନାହିଁ ଏଠି ଶୁଖିଲା ଆକାଶ
ଇନ୍ଦ୍ରଧନୁ ଦେଖା ନାହିଁ,
ମନ ଉଦ୍ୟାନରୁ ମଳୟ ହଜିଛି
ସପନର ବାଟ ଚାହିଁ ।
ଅନୁରାଗ ଏଠି ବାଟବଣା ବୋଲି
ସମୟ ଦେଇଛି ଠେଲି,
ଅବିର ମୁଠାଏ ପାଉଁଶ ପାଲଟେ
ବିଶ୍ୱାସ ହଜିଛି ବୋଲି ।
ଆକୁଳ ନୟନେ ସମୟ କହିଲା
ପାରିବନି କିଛି କରି ,
ପିଣ୍ଡରୁ ପରାଣ ଛାଡିଗଲା ପରେ
ସ୍ମୃତି ଯିବ ଅପସରି ।


**ଅଧ୍ୟାପିକା,ଓଡ଼ିଆ ବିଭାଗ,ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ**
**ଯାଜପୁର, ୭୫୫୦୦୬,**
**ମୋ-୭୩୭୭୩୧୮୭୮୯**

### ଜୀବନର ଚଲାପଥ

ଡ. ଅଶୋକ କୁମାର ସେଠୀ

ଏତେ ବଡ ପୃଥିବୀରେ
ଯାତ୍ରା ମୋର କେତେ ଦୂର
ସେ କଥା ସେ ହିଁ ଜାଣନ୍ତି
ନିଛାଟିଆ ରାସ୍ତାରେ
ସାଙ୍ଗ ସାଥୀ ଅଚିହ୍ନା ମଣିଷ
ଜୀବନ ଜଞ୍ଜାଳ ତେଲଲୁଣ ସଂସାର
ସବୁକୁ ଆପଣା କରିବାର ପ୍ରୟାସ
ମୋ ମନ ଭିତରେ ଅନେକ
ମାନଚିତ୍ର ଆଙ୍କି ଚାଲିଛି
ସମୀକ୍ଷା କରୁଛି ନିଂସଗ ସମୟର
ବେଳେ ବେଳେ ଛଟପଟ ହେଉଛି
ନିଜକୁ ନିଜେ ପଚାରୁଛି
ବାଟ ସରୁକି ନ ସରୁ
ଅଭିନୟ ମୋର ସୀମିତ,
ସାରା ଜୀବନ କଣ କଟିଯିବ
ପଥଚାରୀ ହୋଇ,
ମୁଁ ମାଗୁନି
ଅସରନ୍ତି ସୁଖ
ମାଗୁନି ଟିକିଏ ବି ଦୁଃଖ
ଏ ଜୀବନ ପଛେ ମାଟିରେ ମିଶି ଯାଉ
ମୋର ଦରକାର
ଆକାଶ, ମାଟି ପାଣି ପବନ
ସହ ଘନିଷ୍ଠତା
ନର ପଶୁପକ୍ଷୀ ସହ ଆଦିମ ବନ୍ଧୁତାଯଦି ଏ
ସବୁ ସମ୍ଭବ ନୁହେଁ
ବଂଚିବାର ମାନେ କଣ
ଆକଣ୍ଠ ବିଷପାନ କରିବା
ଅବା ଅମୃତ ଭାଣ୍ଡ ଧରି
ଅମର ହେବା ?
ସବୁଠୁଁ ଭଲ ଜଙ୍ଗଲର ଗଛଲତା ହେବା,
ମୃତ୍ୟୁର ଭୟ ନାହିଁ
ପେଟ ପୁରୁ ନ ପୁରୁ
ପରଉପକାର ଭଲ କରିପାରୁଛି
ଦୁନିଆର ରଙ୍ଗମଂଚରେ
ତାର ମୂଲ୍ୟ ଅଛି କି ନାହିଁ ?
ଈଶ୍ୱର କିନ୍ତୁ ନିରୁତ୍ତର ।

**ଖୁଣ୍ଟକଟା, ଆଠଗଡ**
**ମୋ-୯୯୩୮୭୭୦୬୯୭**



## କାନ ଥିଲେ ସୁନା ନାହିଁ

ଯଚିଦାନନ୍ଦ ଦାଶ

ଗଳ୍ପ

ସୁମତୀ ମାଉସୀ ସେଦିନ ଭୋର ବେଳଟାରୁ ତରତରରେ ଉଠି ହରି ସାହୁକାର ଘରେ ପାଇଟି କରିବାକୁ ଯାଉଥିବାର ଦେଖିବାକୁ ପାଇଲି । ବିଚରା ସୁମତୀ ମାଉସୀ ବାର ତେର ବର୍ଷ ପୂର୍ବେ ନିଜ ସ୍ୱାମୀକୁ ହରାଇଛନ୍ତି । ସ୍ୱାମୀ ଶଙ୍କର, ମଧୁ ସାହୁକାର ସଙ୍ଗେ ଜମିଜମା ଓ ଋଣ ନେବା ଘଟଣାରେ ଗଣ୍ଡଗୋଳ କରି ସାହୁକାର ବନ୍ଧୁକର ଗୁଳିରେ ନିଜର ଜୀବନ ହାରିଛି । ସୁମତୀ ମାଉସୀ ପାଖରେ ବର୍ତ୍ତମାନ ତାର ୧୩/୧୪ ବର୍ଷର ପୁତ୍ର ରମେଶ ଏକମାତ୍ର ସମ୍ବଳ ତଥା ଏକୋଇର ବାଳା ବିଶିକେଶନ ଭଳି । ବର୍ତ୍ତମାନ ରମେଶ ମାଟ୍ରିକ ପରୀକ୍ଷା ଦବାକୁ ବସିଲାଣି । ପୁଅଟିକୁ ମଣିଷ କରିବାକୁ ମାଉସୀ ଘରକୁ ଘର କାମ କରିବାରେ ବ୍ୟସ୍ତ ରହେ । ମା'ର କଠୋର ପରିଶ୍ରମ ଓ ସ୍ୱଳ୍ପ ଅର୍ଥମଧ୍ୟରେ ରମେଶ ପାଠପଢ଼ାରେ ଖୁବ୍ ଧୁରନ୍ଧର ହୋଇଉଠେ । ସବୁବର୍ଷ ବାର୍ଷିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥାଏ । ବହିପତ୍ର ସାଙ୍ଗସାଥିଙ୍କଠାରୁ ମାଗି ପଢ଼ି ଚାଲେ । ଯାହା ହେଉ ବାର୍ଷିକ ଫାଇନାଲ ପରୀକ୍ଷାରେ ରାମେଶ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା । ମା' ସୁମତୀ ସହିତ ଆଲୋଚନା କରି କଟକ ରେଭେନ୍ସା କଲେଜରେ ପଢ଼ିବା ପାଇଁ ମନସ୍ଥ କଲା । ଦାରିଦ୍ର୍ୟ ଓ ଅର୍ଥାଭାବ ମଧ୍ୟରେ ରମେଶ ରେଭେନ୍ସା କଲେଜ ପରିବର୍ତ୍ତେ ଷ୍ଟୁଆର୍ଟ କଲେଜରେ ନାମ ଲେଖାଇଲା । ପାଠକେ, ଏଠାରେ ଉପରୋକ୍ତ ଉଦାହରଣଟି ଆମକୁ 'କାନ ଥିଲେ ସୁନା ନାହିଁ' ଓଡ଼ିଆ ପ୍ରବାଦଟିର ତାତ୍ପର୍ଯ୍ୟକୁ ସରଳ ଭାବରେ ହୃଦୟଙ୍ଗମ କରାଇ ଦେଉଛି । ଠିକ୍ ବିପରୀତ କ୍ରମେ ଆଉ ଏକ ଉଦାହରଣକୁ ବ୍ୟାଖ୍ୟା କରିବା । ସୁରେଶବାବୁ ଜଣେ ଅତ୍ୟନ୍ତ ଧନୀ ଶିଳ୍ପପତି, ଯିଏକି ଅମାପ ଧନସମ୍ପତ୍ତିର ମାଲିକ । ମାତ୍ର ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ତାଙ୍କ ପୁତ୍ର ମୋହନ ଜଣେ ଦୁଷ୍ଟ ଓ ଖଳ ପ୍ରକୃତିର ପିଲାଟିଏ । ପାଠ ଘର ଶୁନ । ଗୁଣ୍ଡାଗିରି, ନାରାବାଜିରେ ଖୁବ୍ ଶକ୍ତ । ଯଦିଓ ଅର୍ଥର ଅଭାବ ନାହିଁ ତଥାପି ଶୃଙ୍ଖଳା, ଶିକ୍ଷା ଇତ୍ୟାଦିର ମହକ ମୋହନ ପାଖରେ ଟିକେ ବି ବାରି ହୁଏ ନାହିଁ । ସବୁ ସମୟରେ କୁକର୍ମରେ ସେ ଲିପ୍ତ ଥାଏ ।

ଉପରୋକ୍ତ ଉଦାହରଣଟିରେ ଆମେ ବୁଝି ପାରିଲେ ଯେ, ଧନ ସମ୍ପତ୍ତି ଥାଇ ମଧ୍ୟ ପିଲା ବିଶୃଙ୍ଖଳିତ, ଅପାଠୁଆ ହୋଇ ପଡୁଛି । ସେଇ ଉକ୍ତିଟି ବିପରୀତ କ୍ରମେ 'ସୁନା ଥିଲେ କାନ ନାହିଁ'ରେ ଦର୍ଶନ ତତ୍ତ୍ୱକୁ ବୁଝାଏ । ଯେପରିକି ନିକିତିରେ ଗୋଟିଏ ପଟ ଭାରି ହେଲେ, ଅନ୍ୟ ପଟଟି ହାଲୁକା ହୋଇଯାଏ । ତେଣୁ ମାପଯନ୍ତ୍ର ନିକିତିକୁ ସମାନ କରିବାକୁ ହେଲେ, ସମାନ ପରିମାଣର ବସ୍ତୁ ଉଭୟ ପାର୍ଶ୍ୱରେ ରଖାଯିବା ଉଚିତ । ଗୋଟିଏ ପଟେ ଜ୍ଞାନ, ବୁଦ୍ଧି, ବିବେକ ରହିଲା ବେଳକୁ ଅନ୍ୟପଟେ ବାହୁବଳ, ପ୍ରତିପତ୍ତି ଇତ୍ୟାଦି ତଉଲେଇ ହୁଏ ।

ଏଥର ଆସନ୍ତୁ ପ୍ରସଙ୍ଗ ଆଡ଼କୁ ଯିବା । 'କାନ ଥିଲେ ସୁନା ନାହିଁ ସୁନା ଥିଲେ କାନ ନାହିଁ'ର ଦର୍ଶନତତ୍ତ୍ୱ ଦିଗକୁ ଅନୁଶୀଳନ କରିବା । ଉପରୋକ୍ତ ପ୍ରବାଦଟିରେ କାନର ଅର୍ଥ ଭୌତିକ ସ୍ତରରେ ମଣିଷ କାନକୁ ବୁଝାଏ । ଦର୍ଶନତତ୍ତ୍ୱଭିତ୍ତିକ ବିଶ୍ଲେଷଣ ଅନୁସାରେ କାନର ଅର୍ଥ ଜ୍ଞାନ, ପ୍ରଜ୍ଞା, ସ୍ୱାଭିମାନ, ପ୍ରଶଂସା, ଭୟ, ଭକ୍ତି ପ୍ରେମ ଇତ୍ୟାଦିକୁ ନିଆଯାଇପାରେ, ଯାହା ମଣିଷର ବିନା ଅର୍ଥଭିତ୍ତିକ ଉପାଦାନ ସମୂହକୁ ବୁଝାଏ । ଠିକ୍ ସେହିପରି ଏହି

**ଠିକ୍ ସେହିପରି ଏହି ପ୍ରବାଦଟିରେ ସୁନାର ମଧ୍ୟ କିଛିଟା ଦର୍ଶନତତ୍ତ୍ୱ ଭିତ୍ତିକ ସଂଜ୍ଞା ରହିଛି । ଏଠାରେ ସୁନାର ଅର୍ଥ ଭୌତିକ ସ୍ୱର୍ଣ୍ଣଧାତୁ ନୁହେଁ, ଦର୍ଶନଭିତ୍ତିରେ ସୁନା, ଟଙ୍କାପଇସା ଅର୍ଥର ପ୍ରାଚୁର୍ଯ୍ୟ, ପ୍ରତିଷ୍ଠା ପ୍ରତିପତ୍ତି, ସଂପତ୍ତିବାଡ଼ି, ସମଷ୍ଟିଗତ ସାହାଯ୍ୟ ଓ ସହାନୁଭୂତି, କାର୍ଯ୍ୟ ଦକ୍ଷତା ଇତ୍ୟାଦିକୁ ବୁଝାପଡ଼ିଥାଏ ।**

ପ୍ରବାଦଟିରେ ସୁନାର ମଧ୍ୟ କିଛିଟା ଦର୍ଶନତତ୍ତ୍ୱ ଭିତ୍ତିକ ସଂଜ୍ଞା ରହିଛି । ଏଠାରେ ସୁନାର ଅର୍ଥ ଭୌତିକ ସ୍ୱର୍ଣ୍ଣଧାତୁ ନୁହେଁ, ଦର୍ଶନଭିତ୍ତିରେ ସୁନା, ଟଙ୍କାପଇସା ଅର୍ଥର ପ୍ରାଚୁର୍ଯ୍ୟ, ପ୍ରତିଷ୍ଠା ପ୍ରତିପତ୍ତି, ସଂପତ୍ତିବାଡ଼ି, ସମଷ୍ଟିଗତ ସାହାଯ୍ୟ ଓ ସହାନୁଭୂତି, କାର୍ଯ୍ୟ ଦକ୍ଷତା ଇତ୍ୟାଦିକୁ ବୁଝାପଡ଼ିଥାଏ । ଆସନ୍ତୁ, ଆମର ଦୈନନ୍ଦିନ ଜୀବନରେ ଉପରୋକ୍ତ ପ୍ରବାଦଟି ବିଭିନ୍ନ ପାର୍ଥିବ ଉପାଦାନ ସମୂହକୁ ନେଇ କେତେଦୂର ଯୁକ୍ତିଯୁକ୍ତ ଏହାକୁ ଟିକେ ଆଲୋଚନାର ପରିସରଭୁକ୍ତ କରିବା । ପ୍ରଥମ କଥା ହେଉଛି ଜ୍ଞାନ ଓ ଧନ ।

ସମାଜରେ ଅଧିକାଂଶ କ୍ଷେତ୍ରରେ ଦେଖାଯାଏ, ମଣିଷ ପାଖରେ ଜ୍ଞାନର ଥଳୀ ପରିପୂର୍ଣ୍ଣ ଥାଏ । ମାତ୍ର ଧନର ଥଳି ଫାଙ୍କା ଥାଏ । ଯଥା – ଗରିବ ମେଧାବୀ ଛାତ୍ରଟିର ଜ୍ଞାନ ଅଛି ମାତ୍ର ଧନ ନାହିଁ । ଫଳରେ ସେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛି । ପରବର୍ତ୍ତୀ ଉପାଦାନଟି ହେଲା ପ୍ରଜ୍ଞା । ଲୋକଟିର ପ୍ରଜ୍ଞା ଥାଇପାରେ, ମାତ୍ର ଟଙ୍କା, ପାଇସା, ସୁନା, ରୂପା ଓ ସଂପତ୍ତି ବାଡ଼ି ଅଭାବରୁ ନିଜର ପ୍ରଜ୍ଞା (ବୁଦ୍ଧି)କୁ ଉପଯୋଗ କରିପାରେ ନାହିଁ ।

ଠିକ୍ ସେହିପରି ବିପରୀତ କ୍ରମରେ ଧନ, ଟଙ୍କା ପଇସା । ମଣିଷ ପାଖରେ ଥାଇପାରେ, ମାତ୍ର ପ୍ରଜ୍ଞାର ଅଭାବ। ବଭିନ୍ନ ସ୍ତର ଓ ପରିବେଶରେ ଠୋକର ଖାଇଯାଏ । ପରବର୍ତ୍ତୀ ଉପାଦାନ ସ୍ୱାଭିମାନ । ମଣିଷ ସ୍ୱାଭିମାନ ହୋଇଥିବ, ମାତ୍ର ତାର ପାଖରେ କାର୍ଯ୍ୟ କରିବାର ପ୍ରୟାସ, ପ୍ରଚେଷ୍ଟା ଓ ଉତ୍ସାହ ନଥିବ ।

ଯଦିଓ ପ୍ରଚେଷ୍ଟା ଓ ପ୍ରୟାସ ଥିବ, ମଣିଷ ପାଖରେ ସ୍ୱାଭିମାନ ନଥିବ, ଯାହା 'କାନ ଥିଲେ ସୁନା ନାହିଁ, ସୁନା ଥିଲେ କାନ ନାହିଁ' ପ୍ରବାଦଟିର ଯଥାର୍ଥତା ପ୍ରତିପାଦନ । ବାସ୍ତବ ଜୀବନରେ ସହନଶୀଳତା, ଅଛି, ମାତ୍ର ସମ୍ବଳିତ ପ୍ରଚେଷ୍ଟାର ଅଭାବ ରହିଛି । ମାତ୍ର ସହନଶୀଳତା ଅଭାବ ରହିଛି । ସେହିପରି ଉକ୍ତି ଥିଲେ ଭୟ ନାହିଁ ଓ ଭୟ ଥିଲେ ଭକ୍ତିନାହିଁ । ଆହୁରି ଅନେକ ଉଦାହରଣ ନିଆଯାଇପାରେ ଉପରୋକ୍ତ ପ୍ରବାଦକୁ ନେଇ । ପ୍ରେମର ଝଙ୍କାର ଅଛି, ମାତ୍ର ପ୍ରତିଷ୍ଠା ନାହିଁ । ପ୍ରତିଷ୍ଠା ଅଛି ମାତ୍ର ପ୍ରେମ ନାହିଁ । ଏ ପ୍ରକାର ନୀତିନିୟମ ଆଜିର ଦୁନିଆରେ ବିଶେଷତଃ ଯୁବ ସମାଜରେ ଘଟୁ ଥିବାର ଦେଖାଯାଉଛି । ଅଧିକାଂଶ ଯୁବକ କ୍ଷେତ୍ରରେ ସାମାଜିକ ତଥା ଅର୍ଥନୈତିକ ପ୍ରତିଷ୍ଠା ନାହିଁ । କିନ୍ତୁ ଯୁବତୀ ବନ୍ଧୁର ପ୍ରେମରେ ମଜ୍ଜି ରହୁଛନ୍ତି । ଅପରପକ୍ଷରେ ନିଜର ପ୍ରତିଷ୍ଠା ଅଛି, ମାତ୍ର ପରସ୍ପର ଭିତରେ ପ୍ରେମ ଏବଂ ସ୍ନେହ ଇତ୍ୟାଦିର ଅଭାବ ପରିଲକ୍ଷିତ ହେଉଛି । ପ୍ରବାଦଟିର ଖୁବ୍ ଗୁରୁତ୍ୱପୂର୍ଣ୍ଣ ସାମଞ୍ଜସ୍ୟ ହେଲା କିଛି କ୍ଷେତ୍ରରେ ସହଯୋଗୀତା ଓ ସହଭାଗିତା ଅଛି କିନ୍ତୁ କାର୍ଯ୍ୟଦକ୍ଷତା ଓ ନିପୁଣତା ନାହିଁ । ଓଲଟାକ୍ରମରେ କିଛି କ୍ଷେତ୍ରରେ ଦେଖାଯାଏ, କାର୍ଯ୍ୟଦକ୍ଷତା ସଂରକ୍ଷଣ ହୋଇଥିବା ବେଳେ, ସହଯୋଗିତା ଓ ସହଭାଗିତା ନାହିଁ । ସେଇ ଢ଼ାଞ୍ଚାରେ ଆମେ ଅନେକ ଉଦାହରଣ ବଖାଣି ପାରିବା, ଯଥା ଜାତୀୟତାବାଦ ଓ ଜାତୀୟତାବୋଧ ଏବଂ ଅସ୍ମିତାବାଦୀ ଓ ଅସ୍ମିତାବୋଧ । କିଛି ଲୋକ ଜାତୀୟତାବାଦୀ ଓ ଅସ୍ମିତାବାଦ ହୋଇଥିଲାବେଳେ ଆଉ କିଛି ଲୋକ ଜାତୀୟତାବୋଧ ଓ ଅସ୍ମିତାବୋଧ ହୋଇଥାନ୍ତି ।

ପାଠକେ, ଏଠାରେ ଆପଣମାନଙ୍କୁ ଜଣାଇଦେଇ ପାରେ ଯେ, ଦେଶର ଯେଉଁ ନାଗରିକଟି ନିଜ ଜାତି ବା ଦେଶରେ ସ୍ୱାଭିମାନକୁ ଉଚ୍ଚ ଆସନ ଦେଇ ଅନ୍ୟ ଜାତିର ସ୍ୱାଭିମାନକୁ ତଳେ ପକେଇ ଦେଇଥାଏ । ସେ ହେଲେ ଜାତୀୟତାବାଦୀ ଓ ଅସ୍ମିତାବାଦୀ । ବେଳେ ବେଳେ ଜାତୀୟତାବାଦୀତା ଓ ଅସ୍ମିତାବାଦୀତା ଯୋଗୁଁ ସମାଜ ବା ଦେଶରେ, ହିଂସା, ଗୋଷ୍ଠୀସଂଘର୍ଷ ଇତ୍ୟାଦି ହୋଇଥାଏ । ମାତ୍ର ଅସ୍ମିତା ବୋଧ ଓ ଜାତୀୟତାବୋଧର ବ୍ୟକ୍ତିଟି ଅନ୍ୟ ଜାତିର ସ୍ୱାଭିମାନ ତଳେ ନ ପକାଇ ନିଜ ଦେଶର ସ୍ୱାଭିମାନକୁ ଉର୍ଦ୍ଧ୍ୱ ଆସନ ଦେଇଥାଏ ।

ବନ୍ଧୁଗଣ ! ଆସନ୍ତୁ ଆଜିର ସମାଜକୁ ଏପରି ଗଢ଼ିବାକୁ ଚେଷ୍ଟା କରିବା ଯେପରିକି ପ୍ରବାଦ 'କାନ ଥିଲେ ସୁନା ନାହିଁ' ଟିର ବ୍ୟତିକ୍ରମକୁ ଆମକୁ ଗ୍ରହଣ କରିବାକୁ ପଡ଼ିବ । ଯଥା– ମଣିଷର ସକରାତ୍ମକ ଭାବନା ଓ ନକରାତ୍ମକ ଭାବନା ଗୋଟିଏ ନିକିତିର ଦୁଇ ପାର୍ଶ୍ୱ ସମତୁଲ ରହିବା ଭଳି ସନ୍ତୁଳନ ଅବସ୍ଥାକୁ ଆମମାନଙ୍କୁ ଆପଣେଇବାକୁ ପଡ଼ିବ ।

**ସିଡ଼ିଏ, କଟକ**
**ମୋ-୭୦୦୮୬୫୦୬୯୩**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୫ ବର୍ଷରେ...

କୌଣସି ଆମଦାନୀ ଲାଭ ଦିଆଯିବ ନାହିଁ । ଭାରତ କେତେକ ନିର୍ଦ୍ଦିଷ୍ଟ ସାମଗ୍ରୀ ଆଲମଣ୍ଡ, କାଜୁ ବିଭିନ୍ନ ପ୍ରକାର ବାଦାମ, ମଦ ଓ ସ୍ପିରିଟ୍ ପାଇଁ ଭାରତୀୟ ମାର୍କେଟ ଖୋଲିଛନ୍ତି । ଯେଉଁସବୁ ସାମଗ୍ରୀ ଉପରେ ଆମେ ଆତ୍ମନିର୍ଭର ତାକୁ ଚୁକ୍ତିରୁ ବାଦ୍ ଦିଆଯାଇଛି । ଭାରତ ରପ୍ତାନୀକାରିଙ୍କ ପାଇଁ ୩୦ ଟ୍ରିଲିଅନ ଡଲାରର ବଜାର ଖୋଲିବ । ଏଥିରେ ଏକାଧିକ କୃଷି ଦ୍ରବ୍ୟ ଉପରେ ଶୂନ୍ୟ ଶୁଳ୍କ ଲାଗିବ । ଚା' ମସଲା, କଫି ଓ ନଡ଼ିଆ ତେଲ ଉପରେ ଆମେରିକାର କୌଣସି ଶୁଳ୍କ ଲାଗିବ ନାହିଁ । ବିଭିନ୍ନ ପ୍ରକାର ଫଳ, ପନିପରିବା, କୃଷି ଉତ୍ପାଦ ଦ୍ରବ୍ୟ ଯଥା କଦଳୀ, ଆମ୍ବ, ପିଜୁଳି, ଆଭୋକାଡୋ, କିୱି, ଅମୃତଭଣ୍ଡା, ସପୁରୀ, ପଣସ, ଛତୁ, ଶସ୍ୟ, ଯଅ, ବେକେରୀ ଉତ୍ପାଦ, ଖୋକେ ଉତ୍ପାଦ ଆଦି ବିଭିନ୍ନ ପ୍ରକାର ସାମଗ୍ରୀ ଉପରେ ଶୁଳ୍କ ଲାଗିବ ନାହିଁ । ଏହି ଚୁକ୍ତିନାମା ଭାରତର ଚାଷୀ, ଏମଏସଏମଇ, ହସ୍ତତନ୍ତ, ହସ୍ତଶିଳ୍ପ କ୍ଷେତ୍ରରେ ସ୍ୱାର୍ଥକୁ କୌଣସି ପ୍ରକାର କ୍ଷତି ପହଞ୍ଚାଇବ ନାହିଁ । ଆମେରିକାକୁ ପ୍ରାୟ ରପ୍ତାନୀ ହେଉଥିବା ୧୩ ବିଲିୟନ ଡଲାରର ଔଷଧ, ରତ୍ନ ପଥର ଓ ହୀରା ଆଦି ରପ୍ତାନୀ ଉପରେ ଶୂନ୍ୟ ଶୁଳ୍କ ଲାଗିବ ନାହିଁ । ସ୍ମାର୍ଟ ଫୋନ, ଏୟାରକ୍ରାଫ୍ଟ ପାର୍ଟ, କାନ୍ଥ ଘଣ୍ଟା, ହାତଘଣ୍ଟା, ଅତ୍ୟାବଶ୍ୟକ ତେଲ ଓ କିଛି ନିର୍ଦ୍ଦିଷ୍ଟ ଘର ସଜ୍ଜା ସାମଗ୍ରୀ ଉପରେ ଶୂନ୍ୟ ଶୁଳ୍କ ରହିବ । ଭାରତ ଆଗାମୀ ୫ ବର୍ଷ ମଧ୍ୟରେ ୫ ଶହ ବିଲିୟନ ଡଲାରର ଆମେରିକା ସାମଗ୍ରୀ ବ୍ୟବସାୟ ଲାଗି ଚୁକ୍ତି କରିଛି । ଏଥିରେ ଶକ୍ତି ଉତ୍ପାଦ, ବିରଳ ଧାତୁ, କୋକିଙ୍ଗ କୋଲ, ଆଦି ରହିଛି ।ଉଭୟ ଦେଶ ଅଣଶୁଳ୍କ ପ୍ରତିବନ୍ଧକକୁ ମେଡିକାଲ ଯନ୍ତ୍ରାଂଶ ଉପରୁ ଉଚ୍ଛେଦ କରିବାକୁ ସହମତୀ ହୋଇଛନ୍ତି ।

### ମାଓମୁକ୍ତ...

କରିଥିବା ମାଓବାଦୀମାନେ ନିୟମଗିରି ପାଦଦେଶରେ ରହି ବାଘୁନା ଡିଭିଜନକୁ ପରିଚାଳନା କରୁଥିଲେ । ତେବେ ଆଗକୁ ଜଳ, ଜମି ଓ ଜଙ୍ଗଲ ସୁରକ୍ଷା ପାଇଁ କାମ କରିବେ ବୋଲି କହିଛନ୍ତି । ମାଓବାଦୀ ମାନେ ହିଂସାକାଣ୍ଡ ରେ ବ୍ୟବହାର କରୁଥିବା ୨ଟି ଏକେ-୪୭, ୫ଟି ଏସଏଲଆର, ଗୋଟିଏ ଷ୍ଟେନଗନ, ଇନ୍ସାସ୍- ୧, ରାଇଫଲ-୧ ସହ ଅଫୁଟା ଗୁଳି ପୁଲିସକୁ ହସ୍ତାନ୍ତର କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସିଆରପିଏଫ ଆଇଜି ଅମିତେନ୍ଦ୍ରନାଥ ସିଂହ , ଦକ୍ଷିଣ ପଶ୍ଚିମ ଡିଆଇଜି କନଭର ବିଶାଳ ସିଂ, ରାୟଗଡା ଏସପି ସ୍ୱାତି ଏସ କୁମାର, କଳାହାଣ୍ଡି ଏସପି ଦେବରାଜ ନାଗାର କୋଣ୍ଡା, କନ୍ଧମାଳ ଏସପି ହରିଶ ବିସି, ରାୟଗଡା ଅଶ୍ୱୋତାଷ କୁଲକର୍ଣ୍ଣି ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ ।

ସେହିପରି ମାଲକାନଗିରି ଜିଲ୍ଲାରେ ସକ୍ରିୟ ଥିବା ୨୧ ଜଣ ପଡୋଶୀ ଛତିଶଗଡ଼ର ସୁକମା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବସ୍ତର ଆଇଜି ସୁନ୍ଦରରାଜ ପି ଏବଂ ଏସପି କିରଣ ଚୌହାନଙ୍କ ସମ୍ମୁଖରେ ଅତ୍ୟାଧୁନିକ ବନ୍ଧୁକ ସହ ଆତ୍ମସମର୍ପଣ କରିଥିଲେ । ଆତ୍ମସମର୍ପଣ କରିଥିବା ୨୧ ଜଣ ମାଓବାଦୀଙ୍କ ମୁଣ୍ଡରେ ୭୬ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା । ଏମାନେ ହେଲେ ୮ ଲକ୍ଷ ଘୋଷିତ ଡିଭିସିଏମ ସଦସ୍ୟ ସୋଡି ମହେଶ(୩୫), ପଡିଆମ ରାଜୁ(୩୦) ଏବଂ କାରମ ମମତା, ୫ ଲକ୍ଷ ଘୋଷିତ ଏସିଏମ କୁଞ୍ଜାମ ଦେବେ, ମାଡବୀ ମଞ୍ଜୁ, କୁମାରୀ ରାମବତୀ, ପୋଡିଆମ କୋସି ଏବଂ ଲେକାମ ଲିଙ୍ଗେ, ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ମାଡକମ ବିରା, ରବା ଭୀମା, ପୋଟେମ ମୋଟୁ, କୁଞ୍ଜାମ ଲକ୍ଷ୍ମୀ, ନୁପୋ ହୁଙ୍ଗୀ, ସୋଡି ମାଙ୍ଗଡି, ମାଡବୀ ବିମଲା, ମୁଚାକି ବଣ୍ଡି, ମାଡକମ ଗୀତା, ସାମଲା ଓଡ଼ଙ୍ଗ ଗଠନା, ମାଡବୀ କବିତା, କାରମ ସ୍ୱାମୀ ଏବଂ ସାବମ୍ୟା କାବାସୀ । ଏହି ମାଓବାଦୀମାନେ ଆତ୍ମସମର୍ପଣ ବେଳେ ପୁଲିସ ନିକଟରେ ୩ଟି ଏକେ-୪୭, ମେଗାଜିନ-୮ଟି, ୧୭୦ ରାଉଣ୍ଡ ଜୀବନ୍ତ ଗୁଳି, ୨ଟି ଏସଏଲଆର ବନ୍ଧୁକ, ମେଗାଜିନ ୪ଟି ଏବଂ ୪୦ଟି ଜୀବନ୍ତ ଗୁଳି, ଗୋଟିଏ ଇନସାସ ବନ୍ଧୁକ ସହ ମେଗାଜିନ ଦୁଇଟି ଏବଂ ୫୦ ରାଉଣ୍ଡ ଜୀବନ୍ତ ଗୁଳି, ସିଙ୍ଗଲ ସଟ ବନ୍ଧୁକ ୫ଟି, ବିଜିଏଲ ଲଞ୍ଚର ତିନୋଟି, କୋଡେକ୍ସ ତାର ଗୋଟିଏ ବଣ୍ଡଲ, ଜିଲୋଟିନ ୧୦ଟି ଇତ୍ୟାଦି ପ୍ରଦାନ କରିଛନ୍ତି । ଏମାନଙ୍କ ମଧ୍ୟରେ ଡିଭିଜନାଲ କମିଟି ମେମ୍ବର ୩ ଜଣ, ଏରିଆ କମିଟି ମେମ୍ବର ୫ ଜଣ ଏବଂ ୧୩ ଜଣ ପାର୍ଟି ସଦସ୍ୟ ଅଛନ୍ତି । ଏମାନେ ଓଡିଶାର କେକେବିଏନ, ଦରଭା ଡିଭିଜନ, ବସ୍ତର ଡିଭିଜନର ସକ୍ରିୟ ମାଓବାଦୀ ବୋଲି ପୁଲିସ କହିଛି ।

ଡିଭିସିଏମ ରାଜୁ କୋଡିଙ୍ଗା ଏରିଆ କମିଟିର ସଦସ୍ୟା ହୋଇଥିବା ବେଳେ ମମତା କେକେବିଏନର ସଦସ୍ୟା ବୋଲି ଜଣାପଡିଛି । ଅନ୍ୟମାନେ ଦରଭା ଡିଭିଜନର ସଦସ୍ୟ ଓ ସଦସ୍ୟା । ପ୍ରଶାସନ ତରଫରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ ସହ ଆତ୍ମନିର୍ଭରଶୀଳ କରାଯିବ । ହାତ ଗଣତି ଆଉ ମାତ୍ର କିଛି ଦିନ ସରକାରଙ୍କ ଟାର୍ଗେଟ ପୂରଣ ହେବାକୁ ରହିଥିବା ବେଳେ ମାଓବାଦୀ ଜଙ୍ଗଲ ଛାଡି ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି । ଏବେ ବି ବଳକା ରହିଯାଇଥିବା ମାଓବାଦୀ ତୁରନ୍ତ ଆତ୍ମସମର୍ପଣ କରିବାକୁ ଆହ୍ୱାନ କରିଛି ପୁଲିସ ।

### ଆଭ୍ୟନ୍ତରୀଣକୁ...

ଯାଇଥିଲେ । ହଠାତ ପୁଣି ଶୀତ ଲେଉଟିବା ପରେ ଶୀତବସ୍ତ୍ର ପରିଧାନ କରି ଲୋକ ବାହାରକୁ ବାହାରୁ ଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ସହରରେ ଶୀତ ମହୋତ୍ସବ "ତୁଷାର' ଆରମ୍ଭ ହେବା ଦିନ ଠାରୁ ଥଣ୍ଡାର ପ୍ରକୋପ ବୃଦ୍ଧି ପାଇଥିବା ବେଳେ ଶୀତ ମହୋତ୍ସବରେ ଅଞ୍ଚଳବାସୀ ଏବଂ ବାହାର ପର୍ଯ୍ୟଟକ ମହୋତ୍ସବର ମଜା ଉଠେଇବା ସହ ଶୀତର ମଜା ଉଠାଉଛନ୍ତି ।

ଶନିବାର ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୭.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୮.୮ ଡିଗ୍ରୀ ଅର୍ଥାତ ସ୍ୱାଭାବିକ ଠାରୁ ୫.୮ ଡିଗ୍ରୀ ତାପମାତ୍ରା ବଢ଼ିଛି । ସେହିପରି ସେମିଳିଗୁଡ଼ାରେ ୯.୬ ଡିଗ୍ରୀ, କିରେଇରେ ୯.୭ ଡିଗ୍ରୀ, ସୁନ୍ଦରଗଡ଼ରେ ୧୦ ଡିଗ୍ରୀ, ହୀରାକୁଦରେ ୧୪.୨ ଡିଗ୍ରୀ, ସମ୍ବଲପୁରରେ ୧୩.୩ ଡିଗ୍ରୀ, ଅନୁଗୁଳରେ ୧୪ ଡିଗ୍ରୀ ଓ ଭୁବନେଶ୍ୱରରେ ୧୭.୭ ଡିଗ୍ରୀ କେରର୍ଡ କରାଯାଇଛି ।

### ମହାନଦୀ...

ଛତିଶଗଡ ମହାନଦୀ ଉପର ମୁଣ୍ଡରେ ଏକାଧିକ ବ୍ୟାରେଜ ନିର୍ମାଣ କରିବାରୁ ଓଡିଶାକୁ ଅଣମୌସୁମୀ ଋତୁରେ ଜଳ ଆସୁନାହିଁ । ଏ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମତେ ମହାନଦୀ ଟ୍ରିବୁନାଲ ଗଠନ କରାଯାଇଛି । ଟ୍ରିବୁନାଲରେ ୫୦ତମ ଶୁଣାଣି ହେଲାଣି । ତେବେ ଏପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରି ନାହିଁ । ମହାନଦୀ ଟ୍ରିବ୍ୟୁନାଲରେ ଆଜି ଶୁଣାଣି ବେଳେ ଆଡ୍‌ଭୋକେଟ୍ ଜେନେରାଲ ଅନୁପସ୍ଥିତ ରହିବା ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ମହାନଦୀ ସୁରକ୍ଷା ଠାରୁ କ'ଣ ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଲା ଯେ ଶୁଣାଣି ବେଳେ ଓଡ଼ିଶାର ପକ୍ଷ ରଖିବାକୁ ଉପସ୍ଥିତ ରହିଲେ ନାହିଁ । ମହାନଦୀ ଆମ ମା' । ଓଡ଼ିଶାର ଜୀବନରେଖା । ଏହାର ସୁରକ୍ଷା ସାଲିସକୁ ଓଡ଼ିଶାବାସୀ ଗ୍ରହଣ କରିବେ ନାହିଁ । ନବୀନଙ୍କୁ ପାଲଟା ଜବାବ ଦେଇ ଆଡ୍‌ଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ତାଙ୍କ ଉକ୍ତି ସମ୍ପୂର୍ଣ୍ଣ ନୈରାଶ୍ୟ ଜନକ । ହଠାତ୍ ନିଦରୁ ଉଠି ପ୍ରଳାପ କଲାଭଳି ମନେ ହେଉଛି । ମହାନଦୀ ମାମଲାରେ ବିଜେଡି ପ୍ରଥମେ ଆତ୍ମସମୀକ୍ଷା କରୁ । ୭ ବର୍ଷ ଧରି ଲିଗାଲ ଟିମ୍ ରାଜକୋଷରୁ କୋଟି କୋଟି ଟଙ୍କା ଶ୍ରାଦ୍ଧ କରିଥିଲେ ବି କୌଣସି ସୁଫଳ ମିଳିନଥିଲା । ଆଜିର ଶୁଣାଣି କେବଳ ଟ୍ରିବ୍ୟୁନାଲ ଅବଧି ବୃଦ୍ଧି ପାଇଁ ଉଦ୍ଦିଷ୍ଟ ଥିଲା । ତେଣୁ ସେଠାରେ ତାଙ୍କର ଉପସ୍ଥିତିର ଆଦୌ ଆବଶ୍ୟକତା ନଥିଲା ବୋଲି ସେ କହିଛନ୍ତି ।

### ୮୦ରୁ...

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୬-୨୭ ବଜେଟ୍‌ରେ କେନ୍ଦ୍ର ସରକାର ସିଟି ଇକୋନୋମିକ୍ ରିଜିଅନର ପରିକଳ୍ପନା କରିଛନ୍ତି । ଏଥିରେ ରିଜିଅନ୍ ମଧ୍ୟ ସ୍ଥାନ ପାଇଛି । ପ୍ରତ୍ୟେକର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ଏହି ଅଞ୍ଚଳର ଅର୍ଥନୀତି ସାରା ଓଡିଶାର ଅର୍ଥନୀତିର ୧୯ ପ୍ରତିଶତ । ୨୦୨୫ ସୁଦ୍ଧା ଏହି ଅଞ୍ଚଳର ଅର୍ଥନୀତିର ଆକାର ୨୨.୪ ବିଲିଅନ ଡଲାର ଅଛି । ୨୦୪୭ ସୁଦ୍ଧା ଏହାକୁ ୫୦୦ ବିଲିଅନ ଡଲାର କରିବାର ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାର ତଥା ନୀତି ଆୟୋଗର ସହଯୋଗରେ ରାଜ୍ୟର ଡବଲ ଇଞ୍ଜିନ ସରକାର ଏହି ଅଞ୍ଚଳକୁ ଅର୍ଥନୈତିକ କାୟାକଳ୍ପର ଏକ କେନ୍ଦ୍ରଭାବେ ବିକଶିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ ।

ଏହି ଇକୋନୋମିକ୍ ପ୍ଲାନ୍ ପ୍ରସ୍ତୁତ କରିଥିବାରୁ ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା ଓ ସିଇଓ ଶ୍ରୀ ସୁବ୍ରମଣ୍ୟମଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ ।

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଆଜିର ଏହି ଯୋଜନା ଓଡିଶାର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ । ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅତ୍ୟନ୍ତ ସହାୟକ ହେବ । ଆଗାମୀ ଦିନରେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ଥିବା ବଡ ବଡ ସହର ମାନଙ୍କ ପାଇଁ ଏଭଳି ଯୋଜନା ପ୍ରସ୍ତୁତ କରାଯିବ । ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରଠାରୁ ରାଜ୍ୟରେ ସହରୀକରଣର ଅଭିବୃଦ୍ଧିକୁ ପ୍ରାଧାନ୍ୟ ଦେଉଛନ୍ତି । ସହରୀକରଣ ବୃଦ୍ଧି କ୍ଷେତ୍ରରେ ୨୮ ଟି ନୂଆ ଏନ୍‌ଏସି, ୭ଟି ମୁନିସ୍‌ପାଲ୍‌ଟି ଏବଂ ଗୋଟିଏ ମହାନଗର ନିଗମ ସୃଷ୍ଟି ସହରୀକରଣ କ୍ଷେତ୍ରରେ ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି ।

ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା କହିଥିଲେ ଯେ, ବିକଶିତ ଓଡିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ ହେଉଛି ଏହି ପ୍ରୋଜେକ୍ଟ । ଦେଶର ୨୦ଟି ପ୍ରମୁଖ ସହରର ଉନ୍ନତି ପାଇଁ ପ୍ରସ୍ତାବ ରହିଥିବା ବେଳେ, ପ୍ରଥମ ୫ଟି ମଧ୍ୟରେ ସ୍ଥାନିତ ହୋଇଛି । ଏହି ରିଜିଅନର ଅଭିବୃଦ୍ଧି ହେଲେ ଏ ଅଞ୍ଚଳବାସୀଙ୍କର ମଧ୍ୟ ଅଭିବୃଦ୍ଧି ଘଟିବ । ଲୋକମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ । ଏହି ଯୋଜନାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ ।

ନୀତି ଆୟୋଗର ସିଇଓ ବି.ଭି.ଆର୍ ସୁବ୍ରମଣ୍ୟମ ରାଜ୍ୟ ସରକାରଙ୍କ ଉଦ୍ୟମ ପ୍ରତି ଧନ୍ୟବାଦ ଜଣାଇ କହିଥିଲେ ଯେ, ଆମର ୭୦ରୁ ୮୦ ପ୍ରତିଶତ ଜିଡିପି ସହରାଞ୍ଚଳରୁ ଆସିଥାଏ । ୨୦୪୭ ସୁଦ୍ଧା ଆମ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ସହରୀକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ମୁମ୍ବାଇ, ସୁରଟ, ବିଶାଖାପଟଣା, ବାରଣାସୀ ପରେ ନୀତି ଆୟୋଗର ଏହା ହେଉଛି ପଞ୍ଚମ ଯୋଜନା । ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ବିକଶିତ ଓଡିଶା ପାଇଁ ମଧ୍ୟ ନୀତି ଆୟୋଗ ଯୋଜନା ପ୍ରସ୍ତୁତ କରିଛି । ଆମର ଏହି ଯୋଜନା କେବଳ ଓଡିଶା ପାଇଁ ନୁହେଁ ବିକଶିତ ଭାରତ ପାଇଁ ମଧ୍ୟ ସହାୟକ ହେବ ବୋଲି ସେ କହିଥିଲେ ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ପ୍ରଦାନ କରିଥିଲେ । ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାତୀ ଆକ୍ରମଣରେ ଯୁବକଙ୍କ ଗଣ୍ଡିମୁଣ୍ଡ ଅଲଗା : ରାସ୍ତା ଅବରୋଧ

ନିରାକାରପୁର,(ସବ୍ୟୁ): ଜଙ୍ଗଲ ଓ ଖାଦ୍ୟ ଅଭାବ ଯୋଗୁଁ ହାତୀ ଏବେ ଗାଁ ଗହଳି ଜନବସତି ମଧ୍ୟରେ ପ୍ରବେଶ କରି ପ୍ରତି ଦିନ ଧନଜୀବନ ପ୍ରତି ବିପଦ ସୃଷ୍ଟି କଲେଣି । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଏଥିପ୍ରତି କୌଣସି ଗୁରତ୍ୱ ଦେଉ ନଥିବାରୁ ଚାପା ଉତ୍ତେଜନା ସୃଷ୍ଟି ହେଉଛି । ଶୁକ୍ରବାର ବିଳମ୍ବିତ ରାତିରେ ନିଜର କର୍ମ ସାରି ଘରକୁ ଫେରିଲା ବେଳକୁ ଦନ୍ତା ହାବୁଡ଼ରେ ପଡି ମୋବାଇଲ ମିସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ଜଣା ଯାଇଛି । ଯୁବକ ଜଣକ ହେଉଛନ୍ତି ସିକୋ ଫାଣ୍ଡି ଖଡ଼ିପଦର ଗ୍ରାମର ଶଙ୍କର ରାଉତରାୟ(୪୦ )ବୋଲି ସୂଚନା ମିଳୁଛି । ସ୍ଥାନୀୟବାସୀଙ୍କ କହିବା କଥା ମୃତ ହାବୁଲା ଜଣେ ଭଲ ବିଦ୍ୟୁତ କାରିଗର । ଏଣେ ତେଣେ କାର୍ଯ୍ୟକରି ନିଜର ଗୁଜୁରାଣ ମେଣ୍ଟାଉ ଥିଲା । ଏବେ ସେ କିଛି ଦିନ ହେବ ବଜାରରେ ଏକ ମୋବାଇଲ ମରାମତି ଦୋକାନ କରି ବ୍ୟବସାୟ କରୁଥିଲେ । ଶୁକ୍ରବାର ରାତିରେ ସେ ବଜାରରୁ ନିଜର ଦୋକାନ ବନ୍ଦ କରି ସାଇକେଲ ଯୋଗେ ଫେରୁଥିବା ବାଟରେ ହାତୀ ସହିତ ମୁହାଁ ମୁହିଁ ହୋଇଥିଲା ।ଘଟଣା ସ୍ଥଳରେ ହାତୀ ଆକ୍ରମଣରେ ବେକଠାରୁ ମୁଣ୍ଡ ଛିଡି ଯାଇ ଖଣ୍ଡେ ଦୂରରେ ପଡିଥିଲା ।ଖବର ପାଇ ଗ୍ରାମବାସୀମାନଙ୍କର ହୋ ହଲ୍ଲା ପରେ ହାତୀଟି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା । ଶନିବାର ସକାଳୁ କ୍ଷୟକ୍ଷତି ଦାବି କରି ସ୍ଥାନୀୟ ଉତ୍ୟକ୍ତ ଲୋକେ ନୂଆ ଜଗନ୍ନାଥ ସଡ଼କ ଉପରେ ଟାୟାର ଜାଳି ଅବରୋଧ କରିଥିଲେ । ଖବର ଘଟଣାସ୍ଥଳକୁ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ତହସିଲଦାର ଆଦିତ୍ୟ ଦିପାଙ୍କର ଷଡଙ୍ଗୀ, ଏ ସି ଏଫ ତଥା ଭାରପ୍ରାପ୍ତ ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇ, ଜଂକିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା ଓ ସ୍ଥାନୀୟ ସରପଞ୍ଚ ତୀର୍ଥବାସୀ ରାୟ ପ୍ରମୁଖ ଯାଇ ଉତ୍ୟକ୍ତ ଜନତାଙ୍କୁ ବୁଝାସୁଝା କରି ଦିନ ସାଢ଼େ ୧୨ ଟା ବେଳକୁ ରାସ୍ତା ଅବରୋଧ ପ୍ରତ୍ୟାହୃତ କରିଥିଲେ । ମୃତ ଶଙ୍କର ପରିବାର ଲୋକଙ୍କୁ ରେଡକ୍ରସ ତରଫରୁ ୩୦ ହଜାର, ରେଞ୍ଜରଙ୍କ ତରଫରୁ ୩ ହଜାର ଟଙ୍କାର ଶେଷ କୃତ୍ୟ ସଂପନ୍ନ ପାଇଁ ପ୍ରଦାନ କରାଯାଇଛି । ଆଉ ସୋମବାର ଦିନ ବନ ବିଭାଗ ତରଫରୁ ୧ ଲକ୍ଷ ଟଙ୍କା ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆଉ ୯ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି କୁହାଯାଇଛି । ଗ୍ରାମବାସୀଙ୍କ ଦାବି ଅନୁଯାୟୀ ଗ୍ରାମରେ ୪ ଟି ସାଇରନ ଲାଇଟ ଲାଗିବ ସହିତ ହାତୀ ଆସିବା ବେଳେ ବିଦ୍ୟୁତ କାଟ ନ କରିବାକୁ ମଧ୍ୟ କୁହାଯାଇଛି ।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

# ସହକାରୀ ପ୍ରଫେସର ନିଲମ୍ବିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏମ୍‌ବିଏ ବିଭାଗର ସହକାରୀ ପ୍ରଫେସର ଡ. ସରୋଜ କୁମାର ସାହୁ ନିଲମ୍ବିତ ହୋଇଛନ୍ତି। ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ପରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସୁପାରିଶ ଆଧାରରେ ନିଲମ୍ବନ କରାଯାଇଛି। ଏନେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ତାଙ୍କୁ ଶୈକ୍ଷିକ ଓ ପ୍ରଶାସନିକ ଦାୟିତ୍ୱରୁ ମୁକ୍ତ କରାଯାଇଛି। ତଦନ୍ତ ପ୍ରକ୍ରିୟା ଶେଷ ହୋଇନଥିବା ବେଳେ ଆଇସିସି ବା ଇଣ୍ଟରନାଲ କମ୍ପ୍ଲେନ କମିଟି କର୍ତ୍ତୃପକ୍ଷଙ୍କ ଠାରୁ ଆଉ କିଛି ଦିନ ଅନୁମତି ନେଇଛନ୍ତି। ତେବେ ନିଲମ୍ବନ ଅବଧି ମଧ୍ୟରେ ସେ ଅନ୍ୟ କୌଣସି ଅନୁଷ୍ଠାନ ସହ ଜଡିତ ହୋଇ ପାରିବେ ନାହିଁ। ସ୍ନାତକୋତ୍ତର ପରିଷଦ କାର୍ଯ୍ୟାଳୟରେ ତାଙ୍କ କାର୍ଯ୍ୟ ଧାର୍ଯ୍ୟ ହୋଇଛି। ଏହି ସମୟ ମଧ୍ୟରେ ସେ ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ଓ ସ୍ନାତକୋତ୍ତର ବିଭାଗର କୌଣସି ବିଭାଗକୁ ଯାଇପାରିବେ ନାହିଁ ଏପରିକି ପ୍ରାକ୍ ଅନୁମତି ବିନା କେନ୍ଦ୍ରୀୟ ପାଠାଗାରକୁ ମଧ୍ୟ ଯାଇପାରିବେ ନାହିଁ ଅନୁମତି ବିନା ମୁଖ୍ୟାଳୟରେ ଅନୁପସ୍ଥିତ ରହିପାରିବେ ନାହିଁ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ପୁଣି ଭାଙ୍ଗିଲା ରେଳ ସୁରକ୍ଷାବାଡ଼

ବାରଙ୍ଗ,(ସବ୍ୟୁ) :ଗୋଡିସାହି ଫାଣ୍ଡି ଅନ୍ତର୍ଗତ ଷ,,ପୁର ନିକଟରେ ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତାରେ ଥିବା ରେଳଓଭର ବ୍ରିଜର ସୁରକ୍ଷା ବାଡ଼ଟି କୌଣସି ଅଜଣା ଗାଡ଼ି ଧMIରେ ଭାଙ୍ଗିଯାଇଥିବାର ଶନିବାର ବଢ଼ି ଭୋର ସମୟରେ ଦେଖିବାକୁ ମିଳିଛି । ଶୁକ୍ରବାର ବିଳମ୍ବିତରାତିରେ ଷ,,ପୁର ଗ୍ରାମ ଢ଼ାବା ନିକଟରେ ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତା ଉପରେ ଅତିକ୍ରମ କରି ଯାଇଥିବା ରେଳ ଓଭରବ୍ରିଜର ସୁରକ୍ଷା ପାଇଁ ରେଳବିଭାଗ ତରଫରୁ ମୁଖ୍ୟ ରାସ୍ତାରେ ସୁରକ୍ଷା ବାଡ଼ା ଲଗାଯାଇଛି ।ଏହାଦ୍ୱାରା ମୁଖ୍ୟରାସ୍ତାରେ ଯାଉଥିବା ଦ୍ରୁତଗାମୀ ଗାଡିର ବେଗ ନିୟନ୍ତ୍ରଣ ହେବା ସହ ବହୁ ଉଚ୍ଚରେ ମାଲ ପରିବହନ କରିଥିବା ଗାଡି ଯାତାୟାତ କରିବାର ବାଧକ ସାଜିବ ।ତେବେ ଶୁକ୍ରବାର ବିଳମ୍ବିତ ରାତିରେ କୈ ।ଣସି ଏକ ଅଜଣା ଗାଡ଼ି ଧMI ଦେଇ ଥିବାରୁ ସୁରକ୍ଷା ବାଡଟି ଭାଙ୍ଗି ଯାଇଛି ।ସୁରକ୍ଷା ବାଡାଟି ଭାଙ୍ଗି ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତା ଉପରେ ପଡ଼ିଥିବାରୁ ମୁଖ୍ୟରାସ୍ତାରେ ଗାଡି ଯାତାୟାତ ଠପ ହୋଇଯାଇଥିଲା ।ଏହାଦେଖି ସ୍ଥାନୀୟ ଲୋକମାନେ ଗୋଡିସାହି ଫାଣ୍ଡି ପୋଲିସ ଓ ବାରଙ୍ଗ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ । ସୂଚନା ପାଇ ଉଭୟ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ମଝିରେ ଭାଙ୍ଗି ପଡିଥିବା ସୁରକ୍ଷା ବାଡ଼ାକୁ ହଟାଇବା ପରେ ଟ୍ରାଫିକ ସମସ୍ୟା ଦୂର ହେବା ସହ ଯାତାୟାତ ସାଭାବିକ ହୋଇଥିଲା । ଏହି ରେଳ ଓଭରବ୍ରିଜ ସୁରକ୍ଷା ବାଡ଼ାଟି ବହୁବାର ଭଙ୍ଗୁଥିବାର ଦେଖିବାକୁ ମିଳିଛି । କିନ୍ତୁ ଏହାର ସ୍ଥାୟୀ ମରାମତି କରାନଯାଇ ବ୍ୟବସାୟିକ ଉଦ୍ଦେଶ୍ୟରେ ଠିକାଦାର ତା ପକେଟ ଗରମ ପାଇ କାମ କରୁଥିବାରୁ ଏପରି ସମସ୍ୟା ଉପୁଜିବାର ମୁଖ୍ୟ କାରଣ ପାଲଟିଛି ବୋଲି ଚର୍ଚ୍ଚା ଜୋର୍ ଧରିଛି ।

# ନାବାଳିକା ଦୁଷ୍କର୍ମ ମାମଲା, ଦୋଷୀକୁ ୨୦ବର୍ଷ ଜେଲ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଅତିରିକ୍ତ ଦୌରା ଜଜ୍ ତଥା ପୋକସୋ ସ୍ୱତନ୍ତ୍ର କୋର୍ଟ ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା ରହିଛି। ଜରିମାନା ଅନାଦେୟ ହେଲେ ଅଧିକ ୧ବର୍ଷ ସଶ୍ରମ କାରାଦଣ୍ଡ ପାଇଁ ରାୟରେ ଉଲ୍ଲେଖ ରହିଛି। ସେହିପରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡିତାଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅନ୍ତର୍ଗତ କୁଦପଡାର ସୁକାନ୍ତ କିସାନ(୨୨) ଏକ ନାବାଳିକାକୁ ବିବାହର ପ୍ରତିଶ୍ରୁତି ଦେଇ ୯ ଫେବୃଆରୀ, ୨୦୨୩ରେ ଅପହରଣ କରି ନେଇଥିଲେ। ସେ ନାବାଳିକାକୁ ବଳପୂର୍ବକ ଦୁଷ୍କର୍ମ କରିବା ସହ ଶାରୀରିକ ନିର୍ଯାତନା ଦେଉଥିଲେ। କୌଣସି ମତେ ନାବାଳିକା ଜଣକ ଖସି ଆସି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ପରିବାର ଲୋକେ ୧ଜୁଲାଇ, ୨୦୨୩ରେ ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୭୩/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ମାମଲାରେ ୩ଜଣଙ୍କୁ ଗିରଫ କରାଯାଇଥିଲା। ସେଥିମଧ୍ୟରୁ ଜଣେ ମହିଳା ସମେତ ୨ଜଣଙ୍କୁ ଖଲାସ କରାଯାଇଛି। ମୋଟ ୨୬ଜଣଙ୍କ ସାକ୍ଷ୍ୟ ବୟାନ ଓ ୪୩ଟି ଦସ୍ତାବିଜ୍‌କୁ ଆଧାର କରି ବିଚାରପତି ଅଭିଳାଶ ସେନାପତି ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପ୍ରସନ୍ନ କୁମାର ସାହୁ ମାମଲା ପରିଚାଳନା କରିଥିଲେ।

# ଜମିଜମା ବିବାଦକୁ ନେଇ ବୋମାମାଡ଼

## ଦମ୍ପତି ଆହତ, ଜଣେ ଗିରଫ

ଗୋପ,(ସବ୍ୟୁ) :ଜମିଜମା ବିବାଦକୁ ନେଇ ଗୋପ ଥାନା ଅନ୍ତର୍ଗତ ବନ୍ତଲିଗ୍ରାମ ପଞ୍ଚାୟତ ତରଣା ଗ୍ରାମରେ ବୋମାମାଡ଼ ହୋଇଛି । ଏହି ବୋମାମାଡ଼ ଘଟଣାରେ ଦମ୍ପତି ଆହତ ହୋଇଥିବା ବେଳେ ଗୋପ ପୋଲିସ ଘଣ୍ଟାଏ ଜଣେ ଅଭିଯୁକ୍ତକୁ ଗିରଫ କରିଥିବା ବେଳେ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତ ହେଲା ତରଣା ଗ୍ରାମର ମଙ୍ଗରାଜ ପଲେଇ (୨୧) । ତଦନ୍ତକାରୀ ଅଧିକାରୀ ବୁଦ୍ଧରାୟ ମାଝୀ ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି । କିଛି ଦିନ ଧରି ଜମିଜମା ଘଟଣା କୁ ନେଇ ତରଣା ଗ୍ରାମର ସସ୍ମିତା ପଲେଇ ଓ ମଙ୍ଗରାଜ ପଲେଇ ଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗିରହିଥିଲା । ଏହି ଘଟଣାରେ ୪/୫ ଦିନ ତଳେ ମଧ୍ୟ ଥାନାରେ ବିବାଦୀୟ ଜମିରେ ଗୋଟିଏ କୁଟାଗଦାକୁ ନେଇ ପାଟିତୁଣ୍ଡ ହେବାରେ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଉଭୟ ପକ୍ଷଙ୍କୁ ଡାକିଥିଲା । ଶୁକ୍ରବାର ରାତ୍ର ସାଢ଼େ ନଅଟା ସମୟରେ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହେବାରୁ ମଙ୍ଗରାଜ ପଲେଇ ଓ ପପୁ ପଲେଇ ସସ୍ମିତା ପଲେଇଙ୍କ ଘର ଉପରକୁ ଦୁଇ ଗୋଟି ବୋମା ମାଡ଼ କରିଥିଲେ । ମାତ୍ର ଦୁଇ ବୋମା ସସ୍ମିତାଙ୍କ ପଡ଼ିଶା ଘର ସର୍ବେଶ୍ୱର ପଲେ ଙ୍କ କାନ୍ଥରେ ମାଡ଼ ହୋଇଥିଲା । ଦାଣ୍ଡ ପିଣ୍ଡାରେ ବସିଥିବା ସର୍ବେଶ୍ୱର ପଲେଇ (୫୮) ଓ ପନୀ ବାସନ୍ତୀ ପଲେଇ (୫୫) ଙ୍କ ନିକଟରେ ବିସ୍ଫୋରଣ ହୋଇଥିଲା । ଫଳରେ ଦମ୍ପତି ଆହତ ହୋଇଥିଲେ । ପରିବାର ସଦସ୍ୟ ସଙ୍ଗେ ଦୁଇ ଜଣଙ୍କୁ ପୁରୀ ସଦର ହସ୍ପିଟାଲରେ ଚିକିତ୍ସିତ କରିବା ନିମନ୍ତେ ଭର୍ତ୍ତି କରିଥିଲେ । ଘଟଣା ଘଟିବା ପରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରି ଓ ବୁଦ୍ଧରାୟ ମାଝୀ ଙ୍କ ଗୋଟିଏ ପୋଲିସ ଟିମ ସହ ତରଣା ଗ୍ରାମରେ ଚଢ଼ାଉ କରି ମଙ୍ଗରାଜ ପଲେଇ ଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇ ଯାଇଥିଲା । ଶନିବାର ଗୋପ ପୋଲିସ ଓ ଜିଲ୍ଲା ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ବେଳେ ପୋଲିସ ଅଭିଯୁକ୍ତ କୁ ଗିରଫ କରି ଥାନା ମୋକଦ୍ଦମା ନମ୍ବର ୪୫/୨୫ ରୁଜୁ କରିଛି । ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବା ପରେ କୋର୍ଟ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦେଇଥିବା ଜଣାପଡ଼ିଛି ।

# କଟକ ସଦର ବାରଙ୍ଗ ଠିକାଦାର ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

ଫୁଲନଖରା , (ସବ୍ୟୁ): :କଟକ ସଦର ଥାନା ଅନ୍ତର୍ଗତ ପବିତ୍ର ମା ଧାକୁଲେଇ ପୀଠ ପରିସରରେ କଟକ ସଦର ନିର୍ବାଚନ ମଣ୍ଡଳୀ ଓ ବାରଙ୍ଗ ବ୍ଲକ ଠିକାଦାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ସୁସଂଗଠିତ ଭାବେ ଅନୁଷ୍ଠିତ ହୋଇଥିଲା । ବୈଠକରେ ସଂଘର ସହ-ସମ୍ପାଦକ ପ୍ରଶାନ୍ତ ମାଝୀ, ସହ-କୋଷାଧ୍ୟକ୍ଷ ଶ୍ରୀକାନ୍ତ ସାହୁ, 1 ବାଇଧର ସାହୁ, ଅରୁଣ ସାହୁ, ଅକ୍ଷୟ ସେନାପତି, ନିରଞ୍ଜନ ରାଉତ ଓ ସଂଘର ଉପଦେଷ୍ଟା ପ୍ରମୋଦ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଠିକାଦାର ଭାଇମାନଙ୍କ ମଧ୍ୟରେ ଏକତା, ଶୃଙ୍ଖଳା ଓ କାର୍ଯ୍ୟଗୁଣବତ୍ତା ରକ୍ଷା କରିବା । ଏହି ପରିପ୍ରେକ୍ଷୀରେ ସମସ୍ତ ଠିକାଦାରଙ୍କୁ ସରକାରୀ ଧାର୍ଯ୍ୟ ମୂଲ୍ୟରୁ କମ ଦରରେ କୌଣସି ଟେଣ୍ଡର ପକାଇବାକୁ ନିଷେଧ କରାଯାଇଛି । ସେହିପରି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଭାଇମାନେ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ଶତକ ୧୦ ଅଧିକ ଦରରେ ଟେଣ୍ଡର ଦାଖଲ କରିବା ପାଇଁ ସମ୍ମତି ସୂଚକ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ କଟକ ସଦର ଓ ବାରଙ୍ଗ ଅଞ୍ଚଳର ଶତାଧିକ ଠିକାଦାର ଭାଇମାନେ ଯୋଗଦେଇ ସଂଘର ନିଷ୍ପତ୍ତିକୁ ସଓ୍ୱାଗତ କରିଥିଲେ । ଏହା ଦ୍ୱାରା ଅଞ୍ଚଳରେ ଏକ ସୁସ୍ଥ, ସଓ୍ୱଚ୍ଛ ଓ ଶୃଙ୍ଖଳିତ ଠିକାଦାରୀ ପରିବେଶ ଗଢ଼ିଉଠିବ ବୋଲି ଆଶା ପ୍ରକାଶ ପାଇଛି ।

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 13.01.2026 I,Kajal Dora W/o - Ashok Kumar Hazari Resident Of Village-Godipada P.O- Godipada P.S- Sarankul Dist- Nayagarh,PIN-752092 declare that I have changed my name from D Kajol to Kajal Dora Henceforth, I shall be known as Kajal Dora for all purposes.

Sd/- Kajal Dora

**AFFIDAVIT**

By virtue of an affidavit sworn before Executive Magistrate, Basudevpur Odisha on dated 19.01.2026 I, Ramakant Jena S/o -Durjyodhan Jena Resident Of Village-Govindapur P.O- Govindapur P.S- Naikanidihi Dist-Bhadrak,PIN-756164 declare that I have changed my name from Ramesh Jena to Ramakant Jena Henceforth, I shall be known as Ramakant Jena for all purposes.

Sd/- Ramakant Jena

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 06.02.2026 I Rubilata Sahoo D/o -Bansidhar Sahoo Resident Of Belapada - P.O- Siko P.S- Jankia Dist-Khordha,PIN-752038 declare that I have changed my minor daughter's name from Soumaya Srabani Parida to Soumya Srabani Parida Henceforth, She shall be known as Soumya Srabani Parida for all purposes.

Sd/- Rubilata Sahoo

**OFFICE OF THE PANCHAYAT SAMITI, LAHUNIPARA, SUNDARGARH**

**1st CORRIGENDUM**

19001/13/2526

**No. 292 Dated. 06.02.2026**

In partial modification of this office Notice no 243 dated. 03.02.2026, issued by the Block Development officer, Lahunipara for the work **"Construction of Additional classroom at lahunipara High School "** vide **BID Identification No. PSLHP_01/2025-26** is hereby cancelled due to unavoidable circumstances.

Sd/- Block Development Officer
Lahunipara

OIPR : 19001/19346/1/25-26/0013

8001/25/2526

**CORRIGENDUM**

"PUBLICATION OF REQUEST FOR PROPOSAL (RFP) NOTICE FOR ENGAGEMENT OF AGENCY FOR SWACHH SAMUDRA CORRIDOR : A SANITATION AND ZERO-WASTE MANAGEMENT PROJECT FOR MARINE DRIVE (KONARK-PURI), IN PURI DISTRICT OF ODISHA"

| Sl.No. | Existing Text | Revised Text |
| --- | --- | --- |
| 1 | RFP NOTICE : The last date for submission of bids is 07.02.2026 up to 05.30 PM. | The last date of submission of bids is 12.02.2026 up to 05.30 PM |
| 2 | Annexure-IX : Financial Bid Format B. Constituents of Service Charge in Financial Bid shall be inclusive of : a) **** b) EPF, ESI, etc. c) **** d) **** e) **** f) **** g) **** h) **** i) **** j) **** | Constituents of Service Charge in Financial Bid shall be exclusive of EPF, ESI, etc. |

All other terms & conditions mentioned in the original notice remain unchanged.

Sd/- Divisional Forest Officer
Puri (WL) Division, Puri

OIPR : 8001/8140/1/25-26/0010

**GOVERNMENT OF ODISHA**
**ST & SC DEVELOPMENT DEPARTMENT**
**PROJECT ADMINISTRATOR, ITDA, PHULBANI,**

19001/15/2526

**INVITATION FOR BIDS (IFB)**

**Tender Call Notice (TCN) N. 182/ Date. 30.01.2026**

**Bid Identification No. PAITDA PLB 04 of 2025-26**

The Project Administrator ITDA, Phulbani on behalf of Govt. of Odisha invites **Percentage rate** of bids in Duble cover system to be received in online mode only for the construction of 02 Nos. of Building works. The bidders have to participate in "online" bidding only. the website for online bidding is **www.tendersodisha.gov.in.** The details of bid documents will be available in abve website from 10.00 A.M. of 02.02.2026 to 16.02.2026 by 5.00 P.M. The bidders must possess compatible Digital Signature Certificate (DSC) of Class-II or Class-III. Bids received online shall be opened at **11.30 A.M. on 17.02.2026** in the office of the Project Administrator, ITDA, Phulbani. Further details can be seen from the Website **www.tendersodisha.gov.in.** The detailed terms and conditions of the tender are annexed herewith as **Annexure-'A'** and may also be referred to in the Detailed Tender Call Notice (DTCN).

Sd/- Project Administrator,
ITDA, Phulbani

OIPR : 19001/19069/1/25-26/0001

**OFFICE OF THE DIVISIONAL FOREST OFFICER, JEYPORE FOREST DIVISION**
E-mail-dfo.Jeypore@odisha.gov.in
Letter No. 620 Date. 31.1.2026
**INVITATION FOR BIDS (IFB)**

8001/21/2526

**e-Procurement Bid Identification No. DFO (JYP)-FE & CC - / 2025-26**

Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in

| | | |
| --- | --- | --- |
| 1. | Name of the Work | : Construction of Civil, EI & GPH and Sanitary Works as mentioned in DTCN |
| 2. | No. of Work | : 1 No. |
| 3. | Estimated Cost | : Rs. 20.97667/- Lakhs (1 No) |
| 4. | No. of Covers | : Single Cover |
| 5. | Class of Contractor | : 'C' & 'B' Class Contractor |
| 6. | Period of Completion | : 2 Calendar Months |
| 7. | Date & Time of Bidding | : 16.00 Hrs of 06.02.2026 to 16.00 Hrs. of 12.02.2026 |
| 8. | Last date & time for receipt of bids in portal | : 16.00 Hrs of 12.02.2026 |
| 9. | Bids received online shall be opened on | : 11.00 hours of 13.02.2026 |
| 10. | Name and address of the officer inviting Bid | : Divisional Forest Officer, Jeypore Forest Division, Jeypore |

Further details can be seen from the website : www.tendersodisha.gov.in

Sd/- Divisional Forest Officer,
Jeypore Forest Division

OIPR : 8001/8171/1/25-26/0021

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ପୁରୀରେ 'ଭାରତୀୟ ମଜଦୁର ସଂଘ'ର ଅଖିଳ ଭାରତୀୟ ଅଧିବେଶନ

# ଶ୍ରମିକ କଲ୍ୟାଣ ଏକ 'ବୈଚାରିକ ଆନ୍ଦୋଳନ' : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଶ୍ରମିକ କଲ୍ୟାଣ କେବଳ ଏକ ସାଂଗଠନିକ କାର୍ଯ୍ୟ ନୁହେଁ, ବରଂ ଏହା ଏକ ଦାୟିତ୍ୱବାନ ବୈଚାରିକ ଆନ୍ଦୋଳନ ଯାହା ରାଷ୍ଟ୍ର ନିର୍ମାଣର ମୂଳଦୁଆ ସଦୃଶ । ଶନିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାବନ ଧାମ ପୁରୀ ଠାରେ ଆୟୋଜିତ ଭାରତୀୟ ମଜଦୁର ସଂଘର ୨୧ତମ ଅଖିଳ ଭାରତୀୟ ତ୍ରୈବାର୍ଷିକ ଅଧିବେଶନରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରମିକମାନଙ୍କୁ ଦେଶ ଗଠନର ମୁଖ୍ୟ ଆଧାରଶିଳା ଭାବେ ଅଭିହିତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତୀୟ ସମ୍ବିଧାନର ଆଦର୍ଶରେ 'ଶ୍ରମର ସମ୍ମାନ' ପାଇଁ ଭାରତୀୟ ମଜଦୁର ସଂଘ ସର୍ବଦା ସମର୍ପିତ । ସଂଗଠନ ନିଜର ପ୍ରତିଷ୍ଠା କାଳରୁ ରାଷ୍ଟ୍ରହିତ, ଶ୍ରମିକ କଲ୍ୟାଣ ଏବଂ 'ଆତ୍ମନିର୍ଭର ଭାରତ'ର ସଂକଳ୍ପ ସହିତ କାର୍ଯ୍ୟ କରି ଶ୍ରମିକମାନଙ୍କ ଅଧିକାର, ମର୍ଯ୍ୟାଦା ଓ ସାମାଜିକ ନ୍ୟାୟକୁ




ସୁଦୃଢ଼ କରିବାରେ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଛି । ଶ୍ରମଶକ୍ତିକୁ ସସମ୍ମାନ ଜୀବନ ଦେଲେ ଅର୍ଥନୀତି ଦୁଇଗୁଣିତ ହେବ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଅନେକ ବର୍ଷ ପରେ ଶ୍ରମିକଙ୍କ ପାଇଁ 'ସର୍ବନିମ୍ନ ମଜୁରୀ' ବୃଦ୍ଧି କରିଛନ୍ତି। ମଧ୍ୟାହ୍ନ ଭୋଜନରେ କାର୍ଯ୍ୟରତ ଥିବା ୨୫ ଲକ୍ଷ ସହାୟିକା, ଅଙ୍ଗନବାଡି ତଥା ଆଶା ଦିଦିଙ୍କ କଲ୍ୟାଣ ଦିଗରେ ସରକାର ନିରନ୍ତର କାମ କରୁଛନ୍ତି । ନିଜର ବ୍ୟକ୍ତିଗତ ଅଭିଜ୍ଞତା ବାବଦରେ ସୂଚନା ଦେଇ ସେ କହିଛନ୍ତି, ମୋର ସାମାଜିକ ଜୀବନର ପ୍ରାରମ୍ଭରେ ମଜଦୁର ସଂଘର ଜଣେ କାର୍ଯ୍ୟକର୍ତ୍ତା ଭାବେ କାମ କରିବା ମୋ ପାଇଁ ସୌଭାଗ୍ୟର ବିଷୟ । ଭାରତୀୟ ମଜଦୁର ସଂଘ ଆଜି ଏକ ଦାୟିତ୍ୱବାନ ସାମାଜିକ ଆନ୍ଦୋଳନର ରୂପ ନେଇଛି। ଏହି ସଂଗଠନ ଶ୍ରମକୁ କେବଳ ଜୀବିକାର ମାଧ୍ୟମ ନୁହେଁ, ବରଂ ରାଷ୍ଟ୍ର ନିର୍ମାଣର ଆଧାରଶିଳା ଭାବେ ଗ୍ରହଣ କରି ସନ୍ତୁଳିତ ଓ ସମନ୍ୱିତ ବିକାଶର ମାର୍ଗ ପ୍ରଶସ୍ତ କରୁଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭାରତରେ 'ୱାର୍କିଂ ଏଜ୍ ଗ୍ରୁପ୍' ମଧ୍ୟରେ ପ୍ରାୟ ୯୦ କୋଟି ଲୋକ ଅଛନ୍ତି, ଯେଉଁଥିରୁ ପ୍ରାୟ ୫୦ ପ୍ରତିଶତ ବାସ୍ତବରେ କାର୍ଯ୍ୟରତ । ଏହି ୫୦ କୋଟି ଶ୍ରମଜୀବୀଙ୍କୁ ବୈଚାରିକ ସ୍ୱଷ୍ଟତା ପ୍ରଦାନ କରିବାରେ ବିଏମଏସ ଏକ 'କଷଟି ପଥର' ସଦୃଶ କାର୍ଯ୍ୟ କରିଛି । ବର୍ତ୍ତମାନର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଯୁଗରେ ଆମ ଶ୍ରମଶକ୍ତିର ଅଂଶଗ୍ରହଣକୁ ୫୦ ପ୍ରତିଶତରୁ ୭୫ ପ୍ରତିଶତକୁ ବୃଦ୍ଧି କଲେ ହିଁ ଦେଶ ବିକଶିତ ହେବାର ଲକ୍ଷ୍ୟ ପୂରଣ କରିପାରିବ ।

### ଅରୁନ୍ଧତୀ ଜୁଏଲର୍ସର ଭାଲେଣ୍ଟାଇନ୍ ଓ ବିବାହ ଋତୁ ପାଇଁ

# ନୂତନ "ଅଗ୍ନିକା" କଲେକ୍ସନର ଉନ୍ମୋଚନ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ସର୍ବବୃହତ୍ତ ଜୁଏଲାରୀ ବ୍ରାଣ୍ଡ 'ଅରୁନ୍ଧତୀ ଜୁଏଲର୍ସ', ସର୍ବଦା ଓଡିଶାବାସୀଙ୍କ ପସନ୍ଦ ଓ ଚାହିଦାକୁ ଗୁରୁତ୍ୱ ଦେଇ ମନପସନ୍ଦର ସୁନାଗହଣା ସୁଲଭ ଗଢା ମଜୁରୀ ସହ ଭେଟିଦେଇ ଆସିଛି । ଆଗକୁ ଭ୍ୟାଲେଣ୍ଟାଇନ ସପ୍ତାହ ଓ ବିବାହ ଋତୁକୁ ଦୃଷ୍ଟିରେ ରଖି ଅରୁନ୍ଧତୀ ଜୁଏଲର୍ସର କଟକ ସ୍ଥିତ କ୍ୟାଣ୍ଟନମେଣ୍ଟ ଶାଖାରେ ଏକ ନୂଆ କଲେକ୍ସନ"ଅଗ୍ନିକା" ଗହଣାର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅରୁନ୍ଧତୀ ଜୁଏଲର୍ସ ଦ୍ୱାରା ପ୍ରସ୍ତୁତ "ଅଗ୍ନିକା" ବିବାହର ପବିତ୍ର ବନ୍ଧନ ଦ୍ୱାରା ଅନୁପ୍ରାଣିତ । ଜୀବନର ପ୍ରତ୍ୟେକ ସୁନ୍ଦର ପ୍ରତିଶ୍ରୁତିକୁ ପାଳନ କରିବା ପାଇଁ ଏହି କଲେକ୍ସନଟି ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି ।ପାରମ୍ପରିକ ଧାରା ସହିତ ଆଧୁନିକ ଶୈଳୀର ଏକ ସୁନ୍ଦର ମିଶ୍ରଣ ସହ ଏଥିରେ ଉଭୟ ସୁନା ଏବଂ ହୀରା ଗହଣାର




ହଜାରରୁ ଉର୍ଦ୍ଧ୍ୱ କଲେକ୍ସନ ମଧ୍ୟ ରହିଛି । ଏହି ଉତ୍ସବ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଗ୍ରାହକମାନଙ୍କ ପାଇଁ ଅନେକ ଆକର୍ଷଣୀୟ ଓ ଅବିଶ୍ୱାସନୀୟ ଅଫର ମଧ୍ୟ ଘୋଷଣା କରାଯାଇଛି । ଏଥିରେ ସୁନା ଗହଣାର ଗଢା ମଜୁରୀ ଉପରେ ଫ୍ଲାଟ୍ ୫୦% ରିହାତି ମିଳୁଥିବା ବେଳେ ହୀରା ଗହଣାର ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ଭଳି ସର୍ବଶ୍ରେଷ୍ଠ ଅଫର ପ୍ରଦାନ କରାଯାଉଛି । ଡାଇମଣ୍ଡ ନୋକ୍ ପିନ୍ କଲେକ୍ସନ ମାତ୍ର ୫,୯୯୯ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଏହାର ହୀରା ମୂଲ୍ୟ ଉପରେ ମଧ୍ୟ ଫ୍ଲାଟ୍ ୧୦% ରିହାତି ଉପଲବ୍ଧ । ସେହିପରି ଆକର୍ଷଣୀୟ ଡାଇମଣ୍ଡ ନେକଲ୍ଲେସ୍ କଲେକ୍ସନର ପ୍ରାରମ୍ଭିକ ମୂଲ୍ୟ ମାତ୍ର ୧.୪୯ ଲକ୍ଷ ଟଙ୍କା ରଖାଯାଇଥିବା ବେଳେ, ବିଭିନ୍ନ ସୁନ୍ଦର ସୁନ୍ଦର କାନଫୁଲ ଓ ମୁଦି ମଧ୍ୟ ମାତ୍ର ୩୦,୦୦୦ ଟଙ୍କାରୁ ଆରମ୍ଭ ହେଉଛି। ଅରୁନ୍ଧତୀର ଅନ୍ୟାନ୍ୟ ଜୁଏଲାରୀ କଲେକ୍ସନ ପରି ସର୍ବୋତ୍ତମ କାରିଗରୀରେ ତିଆରି ଏହି "ଅଗ୍ନିକା" କଲେକ୍ସନ ଅରୁନ୍ଧତୀ ଜୁଏଲର୍ସର ସମସ୍ତ ୧୦ଟି ଶାଖାରେ ଉପଲବ୍ଧ ହେବ। ଯେଉଁଠାରେ ଗ୍ରାହକମାନେ ନିଜମନପସନ୍ଦର ଗହଣା କିଣିବା ସହ ଏହି ସର୍ବଶ୍ରେଷ୍ଠ ଅଫରର ସୁଯୋଗ ପାଇ ପାରିବେ ।

### ଭାରତର ଆତ୍ମଶକ୍ତିକୁ ଉଜ୍ଜୀବିତ କରିବାର ମୂଳମନ୍ତ୍ର 'ବନ୍ଦେ ମାତରମ୍'

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ 'ବିକଶିତ ଭାରତ ଯୁବ ସଂଯୋଗ' କାର୍ଯ୍ୟକ୍ରମ

କଟକ, (ସ୍ୱ.ପ୍ର)"ବନ୍ଦେ ମାତରମ୍ କେବଳ ଏକ ଗୀତ ନୁହେଁ, ଆମ ଆଧ୍ୟାତ୍ମିକ ଶକ୍ତିର ପ୍ରତୀକ । ଭାରତର ମୂଳ ଚେତନା ଓ ଏହାର ଆତ୍ମଶକ୍ତିକୁ ଉଜ୍ଜୀବିତ କରିବାର ମୂଳମନ୍ତ୍ର ହେଉଛି ବନ୍ଦେ ମାତରମ୍ ।"ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ 'ବିକଶିତ ଭାରତ ଯୁବ ସଂଯୋଗ' ଶୀର୍ଷକରେ ଶନିବାର ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଏହା କହିଛନ୍ତିୟୁଥ୍ ଆଇକନ୍ସିସ୍ ସ୍ୱପ୍ନଲିସା ରାଉତ ।ଏହି କାର୍ଯ୍ୟକ୍ରମଟି ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବିଭାଗର ଦୁଇଶହରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ । ସଂସଦରେ ଅନୁଷ୍ଠିତ ବିକଶିତ ଭାରତ ୟୁଥ୍ ପାର୍ଲାମେଣ୍ଟରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିବା ସ୍ୱପ୍ନଲିସା ୨୦୪୭ରେ ଏହି ବିକଶିତ ଭାରତର



ସ୍ୱପ୍ନକୁ ନେଇଭାରତ ସରକାରଙ୍କ ବିଭିନ୍ନ ଦୃଷ୍ଟିକୋଣ ଏବଂ ବନ୍ଦେ ମାତରମ୍ ସଂଗୀତର ପ୍ରାସଙ୍ଗିକତା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସେ ବକ୍ତବ୍ୟରେ ବନ୍ଦେ ମାତରମ୍ ରଚନାର ଦେଢ଼ଶହ ବର୍ଷର ଜୟଯାତ୍ରା ସମ୍ପର୍କରେ ବଖାଣିବାକୁ ଭୁଲି ନ ଥିଲେ । ୧୮୭୫ ମସିହାରେ ଏହାକୁ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ରଚନା କରିବାଠାରୁ ନେଇ ୧୯୦୫ ମସିହାରେ ବଙ୍ଗ ବିଭାଜନ ବିଭୀଷିକା, ୧୯୩୭ରେ ଏହାର ସମସ୍ତ ୬ଟି ପଙ୍କ୍ତିକୁ ନେଇ ମତଭେଦ ଓ ୨ଟି ପଂକ୍ତିର ଗ୍ରହଣୀୟତା, ୧୯୫୦ରେ ଜାତୀୟ ଗୀତ ମାନ୍ୟତା, ୧୯୭୫ରେ ଏହାର ଶହେ ବର୍ଷ ପୂର୍ତ୍ତି ସମୟରେ ଜରୁରିକାଳୀନ ପରିସ୍ଥିତିରେ ଏହାର ଭୂମିକାଠାରୁ ନେଇ ୨୦୨୫-୨୬ରେ ଏହାର ଦେଢ଼ଶହ ବର୍ଷ ପୂର୍ତ୍ତି ଅବସରରେ ବନ୍ଦେ ମାତରମ୍ କିଭଳି ଆମର ପ୍ରେରଣା ଓ ଆକାଂକ୍ଷା ପାଲଟି ଯାଇଛି, ସେ ସମ୍ପର୍କରେ ସୂଚନା ଦେଇଥିଲେ ।

ଏହି ଅବସରରେ ଜାତୀୟ ଗୀତକୁ ନେଇ ସଂସଦର ଉଭୟ ଗୃହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଦେଇଥିବା ଅଭିଭାଷଣକୁ ପ୍ରଦର୍ଶନ କରାଯାଇଥିଲା । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର (ଡ.) ତେଜପ୍ରତାପ ନିଜ ଅଭିଭାଷଣରେ ବିକଶିତ ଭାରତ ସ୍ୱପ୍ନ କିଭଳି ସାକାର ହୋଇପାରିବ, ସେ ସମ୍ପର୍କରେ କହିଥିଲେ । ଭାରତ ଓବନ୍ଦେ ମାତରମ୍ ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ କହିଥିଲେ, "ଭାରତ କେବଳ ଏକ ଦେଶ ବା ଭୁଖଣ୍ଡ ନୁହେଁ, ଏହା ଆମର ଚଳନ୍ତି ସଭ୍ୟତା । ଏହା ଆମକୁ ଆମ ଗୌରବମୟ ଇତିହାସ ସମ୍ପର୍କରେ ଅହରହ ଚେତାଇ ଦେଉଛି ।" କାର୍ଯ୍ୟକ୍ରମରେ ଉଦ୍ୟୋକ୍ତା କମିଟି ପକ୍ଷରୁ ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରଫେସର (ଡ.) ଜୟପ୍ରକାଶ ଭଟ୍ଟ, ଅଧ୍ୟାପକ ଡ. ସତ୍ୟଜିତ ଆର୍ଯ୍ୟ, ଡ. ନେହା, ଅକ୍ଷତ ଶୁଭମ୍, ଆର୍କିଟେକ୍ଟ ସପ୍ତର୍ଷି ମଜୁମଦାର, ଆସ୍ଥା ଶ୍ରୀବାସ୍ତବ, ବିଶ୍ୱବିଦ୍ୟାଳୟ ଜନସମ୍ପର୍କ ପରିଚାଳିକା ସୋନାଲି ଦାସ ଏବଂ ଗଣମାଧ୍ୟମ ଯୋଗାଯୋଗ ପରିଚାଳକ ହିତାଂଶୁ ଶେଖର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ମହାନଦୀ ପ୍ରସଙ୍ଗରେ ଆନ୍ତରିକତା ଓ ପ୍ରତିବଦ୍ଧତା ଦେଖାନ୍ତୁ ଆଡଭୋକେଟ ଜେନେରାଲ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଓଡିଶାର ଜୀବନରେଖା ମହାନଦୀର ଜଳ ସ୍ରୋତକୁ ଦୀର୍ଘ ବର୍ଷ ଧରି ଏକଚାଟିଆ ଭାବେ ଛତିଶଗଡ ଅଟକାଇ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରିଆସୁଛି । ଲଗାତାର ଭାବେ କେନ୍ଦ୍ର ସରକାର ଓ ଛତିଶଗଡ ସରକାରଙ୍କୁ ଅନୁରୋଧ କରି କୌଣସି ସୁଫଳ ନମିଳିବାରୁ ଓଡିଶା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା ଏବଂ ସୁପ୍ରିମକୋର୍ଟ ନିର୍ଦ୍ଦେଶରେ ଆନ୍ତରାଜ୍ୟ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଥିଲା । ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଏହି ବିବାଦ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ କହିଥିଲେ ମଧ୍ୟ ଏଥିରେ କୌଣସି ସୁଫଳ ମିଳିପାରିଲା ନାହିଁ । ଫଳରେ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ହିଁ ଏକମାତ୍ର ରାସ୍ତା ଓ ଏହି ଟ୍ରିବ୍ୟୁନାଲରେ ଓଡିଶାର ପକ୍ଷ ରଖିବା ପାଇଁ ଆଡଭୋକେଟ ଜେନେରାଲ ଆନ୍ତରିକତା ଓ ପ୍ରତିବଦ୍ଧତା ଦେଖାଇବା ଆବଶ୍ୟକ ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ, ଆଜି ଜଳ ବିବାଦ ଟ୍ରିବ୍ୟୁନାଲରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ ଆଡଭୋକେଟ ଜେନେରାଲଙ୍କ ଅନୁପସ୍ଥିତକୁ ନେଇ ମାନ୍ୟବର ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ପ୍ରଶ୍ନ ଉଠାଇଥିଲେ । ଏହାର ଜବାବରେ ଆଡଭୋକେଟ ଜେନେରାଲ ଅତ୍ୟନ୍ତ ଖାମଖିଆଲ ଭାବେ କିଛି ମନ୍ତବ୍ୟ ଦେଇଥିଲେ । ମାନ୍ୟବର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ମହାନଦୀ ଆମର ମାଆ, ଓଡିଶାର ଜୀବନ ରେଖା, ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ତଥା ଅଗଣିତ ଓଡିଆଙ୍କ ଜୀବନର ସ୍ରୋତ । ଏହାର ସୁରକ୍ଷାରେ ସାଲିସକୁ ଓଡିଶାବାସୀ କଦାପି ଗ୍ରହଣ କରିବେ ନାହିଁ ।

## ଛାତ୍ରଛାତ୍ରୀମାନେ ନିଜର ଉନ୍ନତି ସହ ଦେଶର ସମୃଦ୍ଧିରେ ସାମିଲ ହୁଅନ୍ତୁ : ଶିବ ଖେରା

ଭୁବନେଶ୍ୱର, (ସବ୍ୟୁ): ମଣିଷ ଜୀବନରେ ସଫଳତା ଓ ବିଫଳତା ଯୋଡ଼ି ହୋଇରହିଛି। ତେବେ ସଫଳ ମଣିଷ ଯେ ଭୁଲ କରିପାରିବ ନାହିଁ ଏବଂ ଗୋଟିଏ ଭୁଲ ମଣିଷକୁ ବିଫଳତା ଆଣିଦେବ ସେଭଳି ଚିନ୍ତାଧାରା ରଖିବା ଉଚିତ୍ ନୁହେଁ ବୋଲି କହିଛନ୍ତି ବିଶିଷ୍ଟ ଲେଖକ, ଅଭିନେତା, ସାମାଜିକକର୍ମୀ ଓ ପ୍ରେରଣାଦାୟୀ ବକ୍ତା ଶିବ ଖେରା। ସୋଆ ପରିଚାଳିତ ସୋଆ ନ୍ୟାସ୍ନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲପକ୍ଷରୁ ଶନିବାର ଆୟୋଜିତ 'ସୋଆ ଲେକ୍ସ କନ୍‌ସିଲିୟମ୍-୨୦୨୬'ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇନ୍ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏଭଳି ଉକ୍ତି ରଖିଛନ୍ତି ଶ୍ରୀ ଖେରା।

ଶ୍ରୀ ଖେରା ନିଜର ପ୍ରେରଣାଦାୟୀ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ ଜୀବନରେ ୬ଟି କ୍ଷେତ୍ରରେ ଦୃଢ଼ତା ଆବଶ୍ୟକ। ଏହି କ୍ଷେତ୍ରଗୁଡ଼ିକ ହେଉଛି ଶାରୀରିକ, ମାନସିକ, ଭାବନାତ୍ମକ, ପାରସ୍ପରିକ ସମ୍ପର୍କ, ଆର୍ଥିକ ଏବଂ ଆଧ୍ୟାତ୍ମିକ ଦୃଢ଼ତା। ଏହା ମଧ୍ୟରୁ କୌଣସି ଗୋଟିଏ ଦୃଢ଼ତା ବାଦ ପଡ଼ିଲେ ମଣିଷର ଜୀବନ ଦୁର୍ବିସହ ହୋଇଯିବ ବୋଲି ଶ୍ରୀ ଖେରା କହିଛନ୍ତି। ଶାରୀରିକ ଭାବେ ଦୃଢ଼ତା ମଣିଷକୁ ସୁସ୍ଥ ରଖିଥାଏ। ସେହିପରି ମାନସିକ ଦୃଢ଼ତା ସଫଳତା ଆଣିଥିବା ବେଳେ ଭାବନାତ୍ମକ ଦୃଢ଼ତା ଠିକ୍ ନିଷ୍ପତି ନେବାରେ ସହାୟକ ହୋଇଥାଏ। ପାରସ୍ପରିକ ସମ୍ପର୍କ ମଣିଷର ସବୁଠାରୁ ସମ୍ବଳ ହୋଇଥିବା ବେଳେ ପରସ୍ପର ମଧ୍ୟରେ ସମ୍ମାନ ରହିଲେ ହିଁ ସମ୍ପର୍କ ଦୃଢ଼ ହୁଏ ବୋଲି ସେ କହିଛନ୍ତି। ସେହିପରି ଆର୍ଥିକ ଦୃଢ଼ତାକୁ ପ୍ରାଧାନ୍ୟ ଦେଇ ଟଙ୍କା ମଣିଷ ଜୀବନରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ମାନସିକ ଶାନ୍ତି ପାଇଁ ଆଧ୍ୟାତ୍ମିକ ଦୃଢ଼ତା ମଧ୍ୟ ଆବଶ୍ୟକ ବୋଲି ଶ୍ରୀ ଖେରା ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଛନ୍ତି। ଶିକ୍ଷା ଗ୍ରହଣ କରିସାରିବା ପରେ କେବଳ ଅର୍ଥ ରୋଜଗାର ପଛରେ ନ ଗୋଡାଇ ଦେଶର ସମୃଦ୍ଧି ଓ ଉନ୍ନତି କ୍ଷେତ୍ରରେ ମଧ୍ୟ ଚିନ୍ତା କରିବା ଉଚିତ୍ ବୋଲି ଶ୍ରୀ ଖେରା ଛାତ୍ରଛାତ୍ରୀଙ୍କୁ କହିଛନ୍ତି। ଯୁବପିଢ଼ି ହିଁ ଦେଶକୁ ଆଗକୁ ନେଇପାରିବେ




ବୋଲି ସେ ନିଜ ପ୍ରେରଣାଦାୟୀ ବକ୍ତବ୍ୟରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ। ସେହିପରି ଏସ୍ଏନ୍ଆଇଏଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ ଆଜାଦ ଏବଂ ସୋଆର ନିର୍ଦ୍ଦେଶକ (କର୍ପୋରେଟ ରିଲେସନ୍ସ ଓ ଇଣ୍ଡଷ୍ଟ୍ରି ଏନ୍‌ଗେଜମେଂଟ) ରୀପ୍ତି ରଞ୍ଜନ ଦାଶ ମଧ୍ୟ ବକ୍ତବ୍ୟ ରଖିଥିଲେ।

### ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

# ୯ଶହ ୬ଲକ୍ଷ ଟଙ୍କା ବିନିଯୋଗ କରାଯାଇ ହେବ ସହରର ଉନ୍ନତିକରଣ

ଜଟଣୀ, (ସବ୍ୟୁ): ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ଶନିବାର ସନ୍ଧ୍ୟାରେ ଜଟଣୀ ପୌରପରିଷଦ ପରିସରରେ ୭୦ ଗୋଟି ବିଭିନ୍ନ ପ୍ରକଳ୍ପର




ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ,ସମ୍ମାନୀତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଖୋର୍ଦ୍ଧାଜିଲ୍ଲା ବିଜେପି ସଭାପତି ବିଶ୍ୱରଂଜନ ବଡ଼ଜେନା, ଡ଼ ଉମାକାନ୍ତ ପଟ୍ଟନାୟକ,ନଗରପାଳ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ ଏବଂ ସାଂସଦଙ୍କ ପ୍ରତିନିଧି ସତୀଶ ଶର୍ମା ପ୍ରମୁଖ ମଞ୍ଚାସିନ ହୋଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରିଣୀ ଆକ୍ରିତି ଗୋଏଙ୍କା, ପୌର ଯନ୍ତ୍ରୀ ଅନୁରାଧା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜଟଣୀ ସହର ବିକାଶ ପାଇଁ ଏହି ଯୋଜନାରେ ବିଭିନ୍ନ ୱାର୍ଡ଼ ରେ ୭୦ ଗୋଟି ପ୍ରକଳ୍ପ ପାଇଁ ୯୦୬.୮ ଲକ୍ଷ ଟଙ୍କା ଅଟକଳ କରାଯାଇଥିବା ସୂଚନା ଦିଆଯାଇଥିଲା । ଯେପରିକି ଟାଉନହଲ ଉର୍ନତିକରଣ, ଜଳାଶ୍ରୟ ଓ ପୁଷ୍କରିଣୀ ଉର୍ନତିକରଣ, ଗୋଷ୍ଠୀ କେନ୍ଦ୍ର, ଖୋଲାସ୍ଥାନ ଉର୍ନତିକରଣ, ବୈଦ୍ୟୁତିକ ଯାନ ଚାର୍ଜିଙ୍ଗ କେନ୍ଦ୍ର, ପଶୁ କଲ୍ୟାଣ, ଶ୍ମାଶାନ ଉର୍ନତିକରଣ, ମିନି ପାର୍କ, ପାଠାଗାର ଉର୍ନତିକରଣ ଆଦି ରହିଥିବା ଜଣାଯାଇଛି ।

## ବ୍ରାଉନ ସୁଗର ଜବତ, ୩ ନିଶା ବେପାରୀ ଗିରଫ

ପୁରୀ, (ସବ୍ୟୁ): ବେଆଇନ ବ୍ରାଉନ ସୁଗାର କାରବାର କରିବା ଅଭିଯୋଗରେ କୁମ୍ଭାରପଡା ଥାନା ପୁଲିସ ଶନିବାର ୩ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ପିପିଲି ଥାନା ଅଧୀନ ନରସିଂହପୁର କନେହି ସାହିର କାଲୁ ଓରଫ ରିହାନ ଖାନ (୩୪), ସଦର ଥାନା ଅଧୀନ ଖଣ୍ଡିଆବନ୍ଧର ଅଜୁ ଓରଫ ଅଜୟ ପ୍ରଧାନ (୨୫) ଓ କୁମ୍ଭାରପଡା ଥାନା ଅନ୍ତର୍ଗତ ବଳଗଣ୍ଡି ରାଏବହାଦୁର ଲେନର ଗାଗି ଓରଫ ଅଚ୍ୟୁତାନନ୍ଦ ନନ୍ଦ (୨୮) । ଅଭିଯୁକ୍ତ ମାନଙ୍କ ଠାରୁ ୧୩. ୫୮ ଗ୍ରାମ ବ୍ରାଉନ ସୁଗାର, ନଗଦ ଅର୍ଥ ୩୧୦୦, ୩ ମୋବାଇଲ ଜବତ କରାଯାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ ଥାନା ପକ୍ଷରୁ ପ୍ରତିଦିନ ଭଳି ଶନିବାର ସକାଳେ ନବକଳେବର ରୋଡରେ ପାଟ୍ରୋଲିଂ କରାଯାଉଥିଲା । ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା ଏକ ବାଇକରେ ୩ଜଣ ନିଶା ବେପାରୀ ସହରରେ ନିଶା କାରବାର କରିବା ପାଇଁ ବ୍ରାଉନ ସୁଗାର ଧରି ଆସୁଛନ୍ତି କ୍ଷ ପୁଲିସ ସନ୍ଦେହରେ ସେମାନଙ୍କୁ ଅଟକାଇ ଯାଞ୍ଚ କରିବାରୁ ତାଙ୍କ ନିକଟରୁ ଏକ ଜରି ପୁଡିଆରେ ବ୍ରାଉନସୁଗାର ମିଳିଥିଲା । ପୁଲିସ ଅଭିଯୁକ୍ତ ମାନଙ୍କୁ ଥାନାକୁ ଆଣି ଜେରା କରିବାରେ ସେମାନେ ଦୋଷ ସ୍ୱୀକାର କରିଥିଲେ। କୁମ୍ଭାରପଡା ଏସଆଇ କୁନାଲ କୁମାରଙ୍କ ଅଭିଯୋଗ କ୍ରମେ କେଶ ନମ୍ବର ୭୧/୨୬କ୍ରମେ ଏନଡିପିଏସ ୨୧ଖ ବଳରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଓଡ଼ିଶା ଅବସରପ୍ରାପ୍ତ ଆୟକର କର୍ମଚାରୀ ସଂଘର ସପ୍ତଦଶ ବାର୍ଷିକ ଅଧିବେଶନ

ଭୁବନେଶ୍ୱର (ସବ୍ୟୁ): ଶନିବାର ପୂର୍ବାହ୍ନରେ ଓଡ଼ିଶା ଅବସରପ୍ରାପ୍ତ ଆୟକର କର୍ମଚାରୀ ସଂଘର ସପ୍ତଦଶ ବାର୍ଷିକ ଅଧିବେଶନ ଭୁବନେଶ୍ୱରସ୍ଥିତ ଓଡ଼ିଶା ଆୟକର ମଣ୍ଡଳର




ମୁଖ୍ୟାଳୟ ଆୟକର ଭବନର ପ୍ରେକ୍ଷାଳୟରେ ବର୍ତ୍ତମାନର ସଭାପତି ସ୍ୱରାଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶତାଧିକ ସଭ୍ୟ ସଭ୍ୟା ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସି ଏହି ଅଧିବେଶନରେ ଯୋଗ ଦେଇଥିଲେ । ଓଡ଼ିଶା ଆୟକର କର୍ମଚାରୀ ଫେଡରେସନର ସଭାପତି ରାଧାଶ୍ୟାମ ଗିରି, ସମ୍ପାଦକ ଚିତ୍ତ ରଂଜନ ପଟ୍ଟନାୟକ, ଓଡ଼ିଶା ଆୟକର ଗେଜେଟଡ ଅଧିକାରୀ ସଂଘର ସଭାପତି ଚନ୍ଦନ ଘଡାଇ ଓ ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଏହି ଅଧିବେଶନରେ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ବରିଷ୍ଠ ସଭ୍ୟ ପ୍ରସନ୍ନ କୁମାର ମିଶ୍ର, ଶିବପ୍ରସାଦ ସ୍ୱାଇଁ ଓ ଅନ୍ୟ ବହୁ ସଦସ୍ୟ ଆଲୋଚନା କରିଥିଲେ । ସଂଘର ବାର୍ଷିକ ବିବରଣୀ ପାଠ ଓ ଆୟବ୍ୟୟର ସମୀକ୍ଷା କରିଥିଲେ ସମ୍ପାଦକ ରବୀନ୍ଦ୍ରନାଥ ମହାନ୍ତି। ଆଗାମୀ ଦୁଇବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ବରିଷ୍ଠ ସଦସ୍ୟ ଜୟନ୍ତ କୁମାର ହୋତାଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ଏଥିରେ ସଭାପତି: ବିଧୁଭୂଷଣ ମହାନ୍ତି, ଉପସଭାପତି : ଶରତ କୁମାର ଦାଶ ଓ ମନୋରଞ୍ଜନ ପାଣିଗ୍ରାହୀ, ସମ୍ପାଦକ: ରବୀନ୍ଦ୍ରନାଥ ମହାନ୍ତି, କଟକ ସମ୍ପାଦକ : ବସନ୍ତ କୁମାର ବେହେରା, ବ୍ରହ୍ମପୁର ସମ୍ପାଦକ : ମନମୋହନ ରାଓ, ସମ୍ବଲପୁର ସମ୍ପାଦକ : ରାମ ନାରାୟଣ ନାୟକ, କୋଷାଧ୍ୟକ୍ଷ : ମଙ୍ଗରାଜ ସେଠୀ, କାର୍ଯ୍ୟକାରିଣୀ ସଦସ୍ୟ : ସର୍ବଶ୍ରୀ ବ୍ରଜେନ୍ଦ୍ରନାଥ ମହାନ୍ତି, କେ ସି ସାହାଣୀ, ଲାଲମୋହନ ମାଝୀ, ନିର୍ମଳେନ୍ଦୁ ଗୁପ୍ତା, ଗୌରାଙ୍ଗ ସାହୁ, ଚିତ୍ତରଞ୍ଜନ ଦାଶ, କମ୍ବୁପାଣି ପଟ୍ଟନାୟକ, ଚିନ୍ତାମଣି ଦାସ, ମନୋରଞ୍ଜନ ପଟ୍ଟନାୟକ ଓ ଚିନ୍ତାମଣି ଦାସ । ସ୍ୱରାଜ ମହାନ୍ତି ପୂର୍ବତନ ସଭାପତି ଭାବେ କାର୍ଯ୍ୟକାରିଣୀର ସଦସ୍ୟ ରହିବେ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା ।

# ନନ୍ଦଘର ପିଲାମାନଙ୍କ ପାଇଁ ଏଆଇ-ସକ୍ଷମ ରକ୍ତହୀନତା ଯାଞ୍ଚ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ଅଧୀନରେ ବେଦାନ୍ତ ଗ୍ରୁପର ପ୍ରମୁଖ ସାମାଜିକ କାର୍ଯ୍ୟକ୍ରମ ପ୍ରଭାବ ନନ୍ଦଘର ଭାରତରେ ନନ୍ଦଘରଗୁଡ଼ିକରେ ଅଣ ଆକ୍ରମଣାତ୍ମକ ଏଆଇ-ସକ୍ଷମ ରକ୍ତହୀନତା ଯାଂଚ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ୨-୬ ବର୍ଷ ପିଲାମାନଙ୍କ ମଧ୍ୟରେ ରକ୍ତହୀନତାର ପ୍ରାରମ୍ଭିକ ଚିହ୍ନଟ ଓ ପ୍ରତିକାର ଉପରେ ଗୁରୁତ୍ୱ ଦିଆଯିବ। ଓଡ଼ିଶାରେ ୫୩୧ଟି ନନ୍ଦଘର ଓ ଛତିଶଗଡ଼ରେ ୨୬୨ଟି କାର୍ଯ୍ୟ କରୁଛି। ଏହାର ଲକ୍ଷ୍ୟ ହେଉଛି ସମାଜର ହଜାର ହଜାର ଛୋଟ ପିଲାଙ୍କ ନିକଟରେ ପହଂଚିବା ସହିତ ତୃଣମୂଳ ସ୍ତରରେ ପ୍ରତିରୋଧକ ମୂଳକ ସ୍ୱାସ୍ଥ୍ୟସେବାକୁ ବୃଦ୍ଧି କରିବା। ଏହି କାର୍ଯ୍ୟକ୍ରମ ନିରାପଦ, ଶିଶୁ ଅନୁକୂଳ ପରୀକ୍ଷଣ ପାଇଁ ରକ୍ତ ହୀନ, ପ୍ରିକ ମୁକ୍ତ ସ୍କ୍ରିନିଂ ପ୍ରଯୁକ୍ତିବିଦ୍ୟା ନିୟୋଜିତ କରିବ। ଏଆଇ ସକ୍ଷମ ଡାଟା ଉପକରଣଗୁଡ଼ିକ ପ୍ରକୃତ ସମୟ ଟ୍ରାକିଂ, ପ୍ରାରମ୍ଭିକ ବିପଦ ଚିହ୍ନଟ ଓ ସାର୍ବଜନୀନନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସମୟୋଚିତ କରିବ। ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ ଓ ପୋଷଣ ୨.୦ ଅଧୀନରେ ଜାତୀୟ ପ୍ରାଥମିକତା ସହ ସମନ୍ୱିତ ଏହି ପଦକ୍ଷେପ ଗୋଷ୍ଠୀ ସ୍ତରୀୟ ପୁଷ୍ଟିସାର ଓ ସ୍ୱାସ୍ଥ୍ୟ



ବ୍ୟବସ୍ଥାକୁ ସୁଦୃଢ କରିବାକୁ ଚେଷ୍ଟା କରେ। ସ୍କ୍ରିନିଂ ବ୍ୟତୀତ ଏହି ପଦକ୍ଷେପ ରକ୍ତହୀନତା ନିବାରଣ ପାଇଁ ସାମଗ୍ରିକ, ଗୋଷ୍ଠୀ ଉତ୍ପାଦିତ ପଦ୍ଧତି ଗ୍ରହଣ କରେ ଏବଂ ନିଶ୍ଚିତ କରେ ଯେ ଚିହ୍ନଟ କାର୍ଯ୍ୟକ୍ରମରେ ପିଲାମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିପାରିବ। ଶୁଭାରମ୍ଭରେ ନନ୍ଦଘରର ସିଇଓ ଶଶି ଆରୋରା କହିଛନ୍ତି ଯେ ପ୍ରାକ ଶୈଶବରେ ରକ୍ତହୀନତା ପ୍ରାୟତଃ ଅଣଦେଖା ହୋଇ ରହିଥାଏ ଏହା ପିଲାର ସାମଗ୍ରିକ ବିକାଶରେ ବାଧା ସୃଷ୍ଟି କରେ। ଏହି କାର୍ଯ୍ୟର୍କ୍ରମରେ ନନ୍ଦଘର ପାରଂପାରିକ ପରୀକ୍ଷଣ ସହ ଜଡ଼ିତ ଭୟ ଓ ଅସ୍ୱସ୍ତିକୁ ଦୂର କରି ସମାଜର ନିକଟତର ହେବ। ପ୍ରଯୁକ୍ତିବିଦ୍ୟା ସମର୍ଥନରେ ନନ୍ଦଘର ଶିଶୁ ଓ ଯତ୍ନ ନେଉଥିବା ବ୍ୟକ୍ତି ଉଭୟଙ୍କୁ ସମର୍ଥନ କରୁଥିବା ରକ୍ତହୀନତା ଚିହ୍ନଟ ପାଇଁ ଏକ ସ୍କେଲେବଲ ଏବଂ ପ୍ରମାଣ ଆଧାରିତ ମଡେଲ ନିର୍ମାଣ ଲକ୍ଷ୍ୟ ରଖିଛି।

ପଦକ୍ଷେପ ସଂପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ନନ୍ଦଘର ମାଧ୍ୟମରେ ଆମେ ଓଡ଼ିଶା ଓ ଛତିଶଗଡ଼ ଭଳି ଅଂଚଳର ପିଲାମାନଙ୍କୁ ପ୍ରଭାବିତ କରୁଥିବା ସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା ଲାଗି ପ୍ରସ୍ତୁତ। ବେଦାନ୍ତ ଆଲୁମିନିୟମରେ ଆମେ ଏହା ବିଶ୍ୱାସ କରୁଯେ ଶିଳ୍ପ ପ୍ରଗତି ଓ ଗୋଷ୍ଠୀ କଲ୍ୟାଣ ପରସ୍ପର ସହ ଜଡ଼ିତ ଏହି ପ୍ରୟାସ ପ୍ରତ୍ୟେକ ପିଲାର ଅଭିବୃଦ୍ଧିକୁ ବିକଶିତ କରିବ। ରକ୍ତହୀନତା ଭାରତର ସବୁଠାରୁ ସ୍ଥାୟୀ ସାର୍ବଜନୀନ ଆହ୍ୱାନ ମଧ୍ୟରୁ ଗୋଟିଏ, ଯାହା ପିଲା ଓ ମା ମାନଙ୍କୁ ପ୍ରଭାବିତ କରୁଛି। ଜାତୀୟ ସ୍ୱାସ୍ଥ୍ୟ ସର୍ଭେ-୫ ଅନୁସାରେ ଭା।ରତରେ ପାଂଚ ବର୍ଷରୁ କମ ବୟସର ୬୭.୧% ପିଲା, ୫୯.୧% କିଶୋରୀ ଝିଅ ଓ ୧୫-୪୯ ବର୍ଷ ବୟସର ୫୭% ମହିଳା ରକ୍ତହୀନତାର ଶିକାର।

# ପୁଟିନଙ୍କ ନୂଆ ଡ୍ରୋନ୍ ସେନା

**ମସ୍କୋ/ଲଣ୍ଡନ:** ୟୁକ୍ରେନ ଓ ୟୁରୋପ ସହିତ ଉତ୍ତେଜନା ମଧ୍ୟରେ ରୁଷ ନିଜର ବାୟୁ ଶକ୍ତି ବୃଦ୍ଧି କରିବାରେ ଏକ ବଡ଼ ସଫଳତା ହାସଲ କରିଛି। ରୁଷ ଏକ ନୂଆ ଡ୍ରୋନ୍ ଫୋର୍ସ ସୃଷ୍ଟି କରିଛି। ଯାହାକୁ ସମଗ୍ର ବ୍ରିଟିଶ୍ ସେନା ଅପେକ୍ଷା ବଡ଼ ବୋଲି ଦାବି କରାଯାଉଛି। ଭ୍ଲାଦିମିର ପୁଟିନଙ୍କ ଅଜ୍ଞାତ ସିଷ୍ଟମ୍ ଫୋର୍ସରେ ୮୭ ହଜାରସୈନିକ



ଅଛନ୍ତି। ଏହି ସମୟରେ ବ୍ରିଟେନର ସାମରିକ ବାହିନୀରେ ୭୦ ହଜାର ସୈନିକ ଅଛନ୍ତି। ବ୍ରିଟେନର ସେନା ସଂଖ୍ୟା ପୁଟିନଙ୍କ ନୂଆ ଡ୍ରୋନ୍ ସେନାଠାରୁ ୧୭ ହଜାର କମ୍। ୟୁକେ ଓ ୟୁରୋପର ପ୍ରତିରକ୍ଷା ବିଶେଷଜ୍ଞମାନେ ଏନେଇ ଚିନ୍ତା ପ୍ରକାଶ କରିଛନ୍ତି। କାରଣ ଏତେ ସଂଖ୍ୟକ ଡ୍ରୋନ୍-ଦକ୍ଷ ସୈନିକ ସମଗ୍ର ୟୁରୋପୀୟ ସଂଘ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିପାରନ୍ତି।

ଆମେରିକା-ସ୍ଥିତ ଇନଷ୍ଟିଚ୍ୟୁଟ୍ ଫର୍ ଦି ଷ୍ଟଡି ଅଫ୍ ୱାରରୁ ଉଦ୍ଧୃତ କରି ଦି ସନ୍ ରିପୋର୍ଟ କରିଛି ଯେ, ରୁଷର ମାନବବିହୀନ ସିଷ୍ଟମ୍ ଫୋର୍ସ ଏକ ରେଜିମେଣ୍ଟ, ୨୫ ବାଟାଲିଅନ୍, ଏକ ଡିଭିଜନ ଓ ତିନୋଟି ଦଳ ଗଠନ କରିଥିବା ଜଣାପଡ଼ିଛି। ମସ୍କୋର ରୁବିକନ୍ ଡ୍ରୋନ୍ ଫୋର୍ସ ବୁର୍ସା-ସାରମାଟ୍ ମାନବହୀନ ସିଷ୍ଟମ୍ ସ୍ପେଶାଲ୍ ସେଣ୍ଟରରେ ବହୁ ସଂଖ୍ୟକ ସୈନିକଙ୍କୁ ରଖିଛି। ଆଧୁନିକ ଯୁଦ୍ଧରେ ଡ୍ରୋନ୍ର ଗୁରୁତ୍ୱକୁ ବିଚାର କରି ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା।

ରୁଷର ନୂତନ ସେନାରେ ୮୭,୦୦୦ରୁ ଅଧିକ ସୈନିକ ଥିବା କୁହାଯାଉଛି। ଏହି ସମୟରେ, ବ୍ରିଟିଶ ସେନାର ସୈନିକ ସଂଖ୍ୟା ଗତ କିଛି ମାସ ମଧ୍ୟରେ ହ୍ରାସ ପାଇଛି, ଯାହା ଏବେ ୭୦,୩୦୦ ସୈନିକଙ୍କୁ ହ୍ରାସ ପାଇଛି। ବ୍ରିଟିଶ୍ ସେନାରେ ପ୍ରାୟ ୨୦୦ ବର୍ଷ ମଧ୍ୟରେ ଏତେ କମ୍ ସୈନିକ ସଂଖ୍ୟା କେବେ ନଥିଲେ। ୧୮୦୩ ପରଠାରୁ ଏହା ସବୁଠାରୁ କମ୍ ସୈନିକ ସଂଖ୍ୟା। ବ୍ରିଟିଶ ସୈନିକମାନଙ୍କର ମଧ୍ୟ ଡ୍ରୋନ୍ ଉଡ଼ାଇବାରେ ଭଲ ଅଭିଜ୍ଞତା ନାହିଁ। ପ୍ରତିରକ୍ଷା ସୂତ୍ରଗୁଡ଼ିକ ଦି ସନ୍କୁ କହିଛନ୍ତି ଯେ, ପାରାସୁଟ୍ ରେଜିମେଣ୍ଟ ଦାନ ପାଣ୍ଠିରୁ ଡ୍ରୋନ୍ ରେସିଂ ପାଇଁ ୧୦ ହଜାର ପାଉଣ୍ଡ ଖର୍ଚ୍ଚ କରିଛି ଯାହା ଦ୍ୱାରା ସୈନିକମାନେ ସେଗୁଡ଼ିକୁ ଉଡ଼ାଇପାରିବେ। ଏହାର ଅର୍ଥ ହେଉଛି ବ୍ରିଟିଶ ସୈନିକମାନେ ଦାନ କରାଯାଇଥିବା ଡ୍ରୋନ୍ରୁ ଅଭିଜ୍ଞତା ହାସଲ କରୁଛନ୍ତି। ଏହା ପ୍ରତିରକ୍ଷା ବିଶେଷଜ୍ଞଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି।

ଏଲିଟ୍ ଏୟାରବୋର୍ନ ଟ୍ରୁପ୍ ପ୍ରଥମ ବ୍ରିଟିଶ ୟୁନିଟ୍ ଥିଲା । ଏହା ଏକ ଉତ୍ସର୍ଗୀକୃତ ଡ୍ରୋନ୍ ପ୍ଲାଟୁନ୍ ଗଠନ କରିଥିଲା। ଏପର୍ଯ୍ୟନ୍ତ କେବଳ ୩,୦୦୦ ସୈନିକଙ୍କୁ ଡ୍ରୋନ୍ ଉଡ଼ାଇବା ପାଇଁ ତାଲିମ ଦିଆଯାଇଛି। ଆସନ୍ତା ବର୍ଷ ୬,୦୦୦ଜଣଙ୍କୁ ତାଲିମ ଦିଆଯିବ।ସଶସ୍ତ୍ର ବାହିନୀ ମନ୍ତ୍ରୀ ଏବଂ ପୂର୍ବତନ କମାଣ୍ଡୋ ଆଲ୍ କାର୍ନେସ୍ ଉନ୍ନତ ଡ୍ରୋନ୍ ତାଲିମ୍ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିରେ ନୂତନ ଅସ୍ତ୍ରଶସ୍ତ୍ର ବିକାଶ ଉପରେ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି।

# ପ୍ରବାସୀ ଭାରତୀୟ ଦୃଢ଼ ସେତୁ ଭଳି କାର୍ଯ୍ୟ କରୁଛନ୍ତି: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଲେସିଆର କ୍ୱାଲାଲମ୍ପୁରରେ ଏକ ଜନ ସଭାରେ ଉଦବୋଧନ ଦେଇଛନ୍ତି । ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ନେହପୂର୍ଣ୍ଣ ଅଭିବାଦନ ସାଧାରଣ ସଂସ୍କୃତିର ସୁନ୍ଦର ବିବିଧତାକୁ ପ୍ରତିଫଳିତ କରେ। ସେ ତାଙ୍କର ପ୍ରିୟ ବନ୍ଧୁ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କୁ ଏହି ଜନ ସଭାରେ ଯୋଗଦେବା ପାଇଁ ଧନ୍ୟବାଦ ଜଣାଇଥିଲେ। ଶ୍ରୀ ମୋଦୀ କହିଥିଲେ, ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ତାଙ୍କୁ ସ୍ୱାଗତ କରିବା ପାଇଁ ବିମାନବନ୍ଦରକୁ ଆସିଥିଲେ ଏବଂ ତାଙ୍କ କାରରେ ତାଙ୍କୁ କାର୍ଯ୍ୟକ୍ରମରେ ଆଣିଥିଲେ। ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ଏହି ବିଶେଷ ଭାବନା ଭାରତ ଏବଂ ଉପସ୍ଥିତ ଲୋକଙ୍କ ପ୍ରତି ସ୍ନେହ ଓ ସମ୍ମାନକୁ ପ୍ରତିଫଳିତ କରେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଗତ ବର୍ଷ ଆସିଆନ୍ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ସେ ମାଲେସିଆ ଯାଇପାରି ନଥିଲେ ବୋଲି ମନେ ପକାଇ ପ୍ରଧାନମନ୍ତ୍ରୀ କହିଥିଲେ, ସେତେବେଳେ ଶୀଘ୍ର ମାଲେସିଆ ଗସ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ସେହି ପ୍ରତିଶ୍ରୁତି ପୂରଣ କରିଛନ୍ତି। ଶ୍ରୀ ମୋଦୀ କହିଥିଲେ, 2026 ମସିହାରେ ତାଙ୍କର ପ୍ରଥମ ବିଦେଶ ଗସ୍ତ ଥିଲା ଏବଂ ଉତ୍ସବ ସମୟରେ ପ୍ରବାସୀ ଭାରତୀଙ୍କ ସହିତ ରହିବାରେ ଖୁସି ପ୍ରକାଶ କରିଥିଲେ। ସମସ୍ତେ ସଂକ୍ରାନ୍ତି, ପୋଙ୍ଗଲ ଏବଂ ଥାଇପୁସମ୍ ବହୁତ ଆନନ୍ଦର ସହିତ ପାଳନ କରିଛନ୍ତି ବୋଲି ସେ ଆଶାପ୍ରକଟ କରିଥିଲେ।

ଶ୍ରୀ ମୋଦୀ କହିଥିଲେ, ମାଲେସିଆରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଭାରତୀୟ



ବଂଶୋଦ୍ଭବ ସମ୍ପ୍ରଦାୟ ଅଛି । ଭାରତୀୟ ଏବଂ ମାଲେସିଆର ହୃଦୟକୁ ଯୋଡୁଥିବା ଅନେକ କାରଣ ଅଛି। କିଛି ସମୟ ପୂର୍ବରୁ ସେ ଦେଖିଥିବା ପ୍ରଦର୍ଶନୀ ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି, ଏହା ଏହି ସମ୍ପର୍କକୁ ସୁନ୍ଦର ଭାବରେ ପ୍ରତିଫଳିତ କରିଛି। ଭାରତୀୟ ବଂଶୋଦ୍ଭବ ସମ୍ପ୍ରଦାୟ ଦୁଇ ଦେଶକୁ ଯୋଡୁଥିବା ଏକ ଜୀବନ୍ତ ସେତୁ। ସାଂସ୍କୃତିକ ସମ୍ପର୍କକୁ ସମାନ ପରମ୍ପରା ଏବଂ ସ୍ୱାଦରେ ଦେଖାଯାଇପାରେ। ଏହା ରୋଟି କାନାଇକୁ ମାଲାବାର ପରୋଟା ଏବଂ ନଡ଼ିଆ, ମସଲା ଏବଂ ତେହ ତାରିକ ସହିତ ଯୋଡ଼ିଛି । ଏହି ସମ୍ପର୍କ କାରଣରୁ କୁଆଲାଲମ୍ପୁର ଏବଂ କୋଚି ଉଭୟରେ ପରିଚିତ ପରିବେଶର ଅନୁଭବ ହୁଏ। ଦୁଇ ଦେଶର ଲୋକମାନେ ପରସ୍ପରକୁ ଭଲ ଭାବରେ ବୁଝନ୍ତି, ସମ୍ଭବତଃ ସେମାନଙ୍କ ଭାଷା ଏବଂ ମାଲୟ ମଧ୍ୟରେ ବହୁ ସଂଖ୍ୟକ ସମାନ ଶବ୍ଦ ରହିଛି। ମାଲେସିଆରେ ଭାରତୀୟ ଚଳଚ୍ଚିତ୍ର ଏବଂ ସଙ୍ଗୀତ ଲୋକପ୍ରିୟ ବୋଲି ସେ ଶୁଣିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ କହିଥିଲେ, ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ବହୁତ ଭଲ ଗୀତ ଗାଇଥାନ୍ତି। ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ମଧ୍ୟ ମହାନ ଏମଜିଆରଙ୍କ ତାମିଲ ଗୀତକୁ ଭଲ ପାଆନ୍ତି।

ପ୍ରଧାନମନ୍ତ୍ରୀ କହିଥିଲେ, ମାଲେସିଆରେ ଭାରତୀୟ ବଂଶୋଦ୍ଭବଙ୍କ ହୃଦୟରେ ଭାରତର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ୨୦୦୧ର ଏକ ଉଦାହରଣକୁ ମନେ ପକାଇ ସେ କହିଥିଲେ, ଯେତେବେଳେ ତାଙ୍କ ଗୃହ ରାଜ୍ୟ ଗୁଜରାଟରେ ଭୂମିକମ୍ପ ହୋଇଥିଲା, ସେତେବେଳେ ଏହି ସମ୍ପ୍ରଦାୟର ଅନେକ ସଦସ୍ୟ ସାହାଯ୍ୟ ପ୍ରଦାନ କରିବାକୁ ଏକାଠି ହୋଇଥିଲେ। ପ୍ରଧାନମନ୍ତ୍ରୀ ଏହି ଅବସରରେ ସେମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଶ୍ରୀ ମୋଦୀ କହିଥିଲେ, ମାଲେସିଆରେ ଭାରତୀୟ ସମ୍ପ୍ରଦାୟ ଏବଂ ଅନ୍ୟ ଲୋକମାନଙ୍କର ହଜାର ହଜାର ପୂର୍ବପୁରୁଷ ଭାରତକୁ ଏକ ସ୍ୱାଧୀନ ଦେଶ କରିବା ପାଇଁ ମହାନ ବଳିଦାନ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଅନେକ କେବେ ଭାରତ ଦେଖି ନଥିଲେ କିନ୍ତୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ ହିନ୍ଦ ସେନା ଯୋଗ ଦେଇଥିବା ପ୍ରଥମ ଲୋକଙ୍କ ମଧ୍ୟରେ ଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ମାନାର୍ଥେ, ମାଲେସିଆରେ ଭାରତୀୟ ସାଂସ୍କୃତିକ କେନ୍ଦ୍ରକୁ ତାଙ୍କ ନାମରେ ନାମିତ କରାଯାଇଥିଲା। ମାଲେସିଆରେ ନେତାଜୀ ସେବା କେନ୍ଦ୍ର ଏବଂ ନେତାଜୀ କଲ୍ୟାଣ ଫାଉଣ୍ଡେସନର ପ୍ରୟାସକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ୧୪୦ କୋଟି ଭାରତୀୟ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି ଏବଂ ପ୍ରବାସୀ ଭାରତୀୟ ସମ୍ପ୍ରଦାୟ ଏହି ଯାତ୍ରାରେ ଏକ ମୂଲ୍ୟବାନ ସହଯୋଗୀ। କୁଆଲାଲମ୍ପୁରରେ ଜନ୍ମଗ୍ରହଣ କରନ୍ତୁ କିମ୍ବା କୋଲକାତାରେ, ଭାରତ ପ୍ରବାସୀମାନଙ୍କ ହୃଦୟରେ ବାସ କରେ। ଏମାନେ ମାଲେସିଆ ଏବଂ ଭାରତର ପ୍ରଗତିରେ ସକ୍ରିୟ ଅଂଶବିଶେଷ ଏବଂ ସମୃଦ୍ଧ ମାଲେସିଆ ଓ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରିବେ।

# ୨୦ ଟଙ୍କା ପାଇଁ ୩୦ ବର୍ଷ ଜେଲ

**ଅହମଦାବାଦ:** ବିଳମ୍ବିତ ନ୍ୟାୟ କିଭଳି ନିରୀହ ଲୋକଙ୍କ ଜୀବନକୁ କାଳକୋଠରୀ ମଧ୍ୟରେ ଶେଷ କରିଦେଉଛି ତା'ର ଏକ ଜ୍ୱଳନ୍ତ ଉଦାହରଣ ଏବେ ଦେଖିବାକୁ ମିଳିଛି ଗୁଜରାଟରେ। ଜଣେ ବ୍ୟକ୍ତି ୨୦ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ୩୦ ବର୍ଷ ଜେଲ୍ରେ ରହିଛନ୍ତି। କିନ୍ତୁ ପରିଶେଷରେ ସେ ନିର୍ଦ୍ଦୋଷ ପ୍ରମାଣିତ ହୋଇଛନ୍ତି। ତେବେ ସବୁଠାରୁ ଦୁଃଖର କଥା ହେଉଛି, ଏହି ବ୍ୟକ୍ତି ଜଣକ ଜେଲ୍ରୁ ବାହାରିଥିଲେ ବି ନିଜ ଜୀବନକୁ ଟିକେ ଭଲ ଭାବେ ଜିଇଁ ପାରିଲେନି। ଜେଲ୍ରୁ ମୁକୁଳିବାର ଦିନକ ପରେ ତାଙ୍କର ମୃତ୍ୟୁ ହୋଇଯାଇଛି।

ଉକ୍ତ ବ୍ୟକ୍ତି ଜଣକ ହେଉଛନ୍ତି ପୁଲିସ କନେଷ୍ଟବଳ ବାବୁଭାଇ ପ୍ରଜାପତି। ଅହମଦାବାଦରେ ପୋଷ୍ଟିଂ ସମୟରେ ସେ୨୦ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ଦୁର୍ନୀତି ନିବାରଣ ଆଇନ ଅଧୀନରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା ଏବଂ ୧୯୯୭ରେ ତାଙ୍କ ବିରୋଧରେ ସେସନ୍ସ କୋର୍ଟରେ ଚାର୍ଜସିଟ୍ ଦାଖଲ ହୋଇଥିଲା। ୨୦୦୨ରେ ତାଙ୍କ ବିରୋଧରେ ଚାର୍ଜଫ୍ରେମ୍ ହୋଇଥିଲା। ୨୦୦୪ରେ ସେସନ୍ସ କୋର୍ଟ ପ୍ରଜାପତିଙ୍କୁ ୪ ବର୍ଷ ଜେଲ୍ଦଣ୍ଡ ଦେଇଥିଲେ ଏବଂ ୩ ହଜାର ଟଙ୍କା ଜରିମାନା କରିଥିଲେ। ପ୍ରଜାପତି ସେସନ୍ସ କୋର୍ଟଙ୍କ ନିଷ୍ପତ୍ତିକୁ ଗୁଜରାଟ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହାପରେ ତାଙ୍କ ଆବେଦନ ହାଇକୋର୍ଟରେ ୨୨ ବର୍ଷ ଧରି ପଡ଼ି ରହିଥିଲା। ଗୁଜରାଟ ହାଇକୋର୍ଟ ଫେବ୍ରୁଆରି ୪ ତାରିଖରେ ପ୍ରଜାପତିଙ୍କୁ ଏହି ମାମଲାରେ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। କୋର୍ଟ କହିଛନ୍ତି, ବିଚାରଣ ପ୍ରକ୍ରିୟାରେ ପ୍ରଜାପତିଙ୍କ ବିରୋଧରେ ଥିବା ଅଭିଯୋଗ ପ୍ରମାଣିତ ହୋଇପାରିନି। ପ୍ରଜାପତିଙ୍କୁ ପ୍ରତିନିଧିତ୍ୱ କରିଥିବା ଆଇନଜୀବୀ ନୀତିନ ଗାନ୍ଧୀ ହାଇକୋର୍ଟଙ୍କୁ କହିଥିଲେ ଯେ, ଏହା କେବଳ ସନ୍ଦେହ ଆଧାରିତ। ଦୀର୍ଘ ଦିନର ଅପେକ୍ଷା ପରେ ନିଜ ସପକ୍ଷରେ ରାୟ ଆସିବା ପରେ ପ୍ରଜାପତି କହିଛନ୍ତି, ମୋ ଜୀବନରୁ କଳଙ୍କ ହଟିଗଲା। ଭଗବାନ ମୋତେ ନେଇଗଲେ ବି କିଛି ଦୁଃଖ ନାହିଁ। ଜେଲ୍ରୁ ମୁକୁଳିବାର ଦିନକ ପରେ ତାଙ୍କର ମୃତ୍ୟୁ ହୋଇଯାଇଛି।

# ସୂରଜକୁଣ୍ଡ ମେଳାରେ ଦୁର୍ଘଟଣା, ଭାଙ୍ଗିପଡିଲା ଝୁଲା

**ଫରିଦାବାଦ:** ହରିୟାଣାର ଫରିଦାବାଦରେ ଚାଲିଥିବା ପ୍ରସିଦ୍ଧ ସୂରଜକୁଣ୍ଡ ମେଳାରେ ଶନିବାର ଭୀଷଣ ଦୁର୍ଘଟଣା ଘଟିଛି। ଏଠାରେ ଏକ ଝୁଲା ଅଚାନକ ଭାଙ୍ଗିପଡିଛି। ଫଳରେ ଅନେକ ଲୋକ ଆହତ ହୋଇଥିବାର ଖବର ଆସୁଛି। ଏହି ଦୁର୍ଘଟଣା ପରେ ମେଳାରେ ଲୋକେ ଜୀବନ ବଞ୍ଚାଇବା ପାଇଁ ଏଣେ ତେଣେ ଦୌଡୁଥିବା ଦେଖାଯାଇଥିବା ବେଳେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ସୂରଜ କୁଣ୍ଡ ମେଳାରେ ଏକ ଡ୍ରାଗନ ଝୁଲା ଲାଗିଥିଲା। ଏଥିରେ ବୈଷୟିକ ତ୍ରୁଟି ଯୋଗୁ ଏହା ଭାଙ୍ଗିପଡିଥିବା ପ୍ରାଥମିକ ସୂଚନାରୁ ଜଣାପଡିଛି।

ଏହି ଦୁର୍ଘଟଣା ପରେ ଆହତଙ୍କୁ ଉଦ୍ଧାର କରି ମେଟ୍ରୋ ହସ୍ପିଟାଲକୁ ପଠାଯାଇଛି। ଆହତଙ୍କ ମଧ୍ୟରେ ଅଧିକାଂଶ ଯୁବକ ଥିବା ବେଳେ ଏମାନଙ୍କ ମଧ୍ୟରେ କେତେକ ଦିଲ୍ଲୀର ଲୋକ ମଧ୍ୟ ଅଛନ୍ତି। ଏଣୁ ଆହତଙ୍କ ମଧ୍ୟରେ ଥିବା ଗୁରୁତରଙ୍କୁ ଦିଲ୍ଲୀ ସଫଦରଜଙ୍ଗ ହସ୍ପିଟାଲ ରେଫର କରାଯାଇଛି। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଉଦବେଗଜନକ କୁହାଯାଉଛି। ଏହା ଛଡା ଆହତଙ୍କ



ମଧ୍ୟରେ ମହିଳା ଓ ପିଲା ମଧ୍ୟ ଅଛନ୍ତି। ଏହି ଦୁର୍ଘଟଣାରେ ଜଣେ ଦୋକାନୀ ମଧ୍ୟ ଆହତ ହୋଇଛନ୍ତି। ରାଘବ ନାମକ ଏହି ବ୍ୟକ୍ତି ଝୁଲା ଭାଙ୍ଗିପଡିବାରୁ ଲୋକଙ୍କୁ ଉଦ୍ଧାର କରୁଥିବା ବେଳେ ତାଙ୍କ କାନ୍ଧରେ ଝୁଲାର ଗ୍ରିଲ ଭାଙ୍ଗିପଡିଛି।

ଦୁର୍ଘଟଣା ସୂଚନା ମିଳିବାମାତ୍ରେ ସୂରଜକୁଣ୍ଡ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଯାଞ୍ଚ ଆରମ୍ଭ କରିଛି। ଏହି ଦୁର୍ଘଟଣା ପରେ ମେଳା ପ୍ରବନ୍ଧନ ପରିସରରେ ଲାଗିଥିବା ସମସ୍ତ ଝୁଲା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂରଜକୁଣ୍ଡ ଥାନା ଅଧିକାରୀ ସନ୍ଦୀପ ମୋର କହିଛନ୍ତି ଯେ ବୈଷୟିକ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ଘଟିଛି। ଏଥିରେ ୬ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟପଟେ ପୋଲିସ ଝୁଲା ସଞ୍ଚାଳକ ତଥା ମାଲିକଙ୍କବିରୋଧରେ ଏତଲା ରୁଜୁ କରିଥିବା ବେଳେ ସବୁ ଝୁଲାର ସୁରକ୍ଷା ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ ୨ ଫେବୃଆରୀରୁ ଆରମ୍ଭ ହୋଇଥିବା ସୂରଜକୁଣ୍ଡ ମେଳା ୧୮ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ।

# ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କଲେ ରୁଷ, ୟୁକ୍ରେନ୍

**ନୂଆଦିଲ୍ଲୀ:** ୟୁକ୍ରେନ ଏବଂ ରୁଷ ପରସ୍ପରର ଯୁଦ୍ଧବନ୍ଦୀ ଏବଂ ସାଧାରଣ ନାଗରିକଙ୍କୁ ଅଦଳବଦଳ କରିଛନ୍ତି । ଏହି ଅଦଳବଦଳରେ ୭ଜଣ ସାଧାରଣ ନାଗରିକଙ୍କ ସମେତ ୧୫୭ ୟୁକ୍ରେନୀୟ ଏବଂ ୧୫୭ ରୁଷୀୟ ସୈନିକଙ୍କୁ ଘରକୁ ଫେରାଇ ନିଆଯାଇଛି । ଚାରି ମାସ ମଧ୍ୟରେ ପ୍ରଥମ ଥର ପାଇଁ ଏହି ଅଦଳ ବଦଳ କରାଯାଇଛି । ରୁଷ ୨୦୨୨ ଫେବୃଆରୀରେ ୟୁକ୍ରେନ ଉପରେ ଆକ୍ରମଣ ଆରମ୍ଭ କରିଥିଲା । ପରେ ଉଭୟ ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା । ଯୁଦ୍ଧରେ ଉଭୟ ପକ୍ଷରୁ ଅନେକ ସାଧାରଣ ନାଗରିକ ଓ ସୈନ୍ୟ ପରସ୍ପର ଦ୍ୱାରା ବନ୍ଦୀ ହୋଇଥିଲେ । ତେବେ ଆବୁଧାବିରେ ଆମେରିକା ମଧ୍ୟସ୍ଥତାରେ ଦୁଇ ଦିନ ଧରି ଚାଲିଥିବା ଚାଲିଥିବା ଶାନ୍ତି ଆଲୋଚନା ପରେ ୟୁକ୍ରେନ ଏବଂ ରୁଷ ଏହି ନିଷ୍ପତ୍ତି ନେଇଛନ୍ତି । ଏହାକୁ ନେଇ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସକି କହିଛନ୍ତି ଯେ ଆଲୋଚନା ସହଜ ନଥିଲା ଏବଂ ସେ ଦ୍ରୁତ ଫଳାଫଳ ଚାହୁଁଥିଲେ ।



# ୨୮ ରେ ବିରଳ ଦୃଶ୍ୟ: ଗୋଟିଏ ଧାଡ଼ିରେ ଦେଖା ଯିବେ ୬ ଗ୍ରହ

**ନୂଆଦିଲ୍ଲୀ:** ଗ୍ରହମାନଙ୍କ ରାଶି ଓ ନକ୍ଷତ୍ର ପରିବର୍ତ୍ତନ ଦୃଷ୍ଟିରୁ ୨୦୨୬ ମସିହା ଏକ ଖାସ ବର୍ଷ ହେବାକୁ ଯାଉଛି। ବର୍ଷ ତମାମ କେତେକ ପ୍ରମୁଖ ଗ୍ରହ ସେମାନଙ୍କ ଚାଲ ବଦଳେଇବେ। ଏଥିରେ କିଛି ଏପରି ସଂଯୋଗ ସୃଷ୍ଟି ହେବ ଯାହା ଅତ୍ୟନ୍ତ ଦୁର୍ଲଭ ଓ ଏପରି ଦୃଶ୍ୟ ଖୁବ୍ ବିରଳ। ଏହିପରି ଏକ ବିରଳ ସଂଯୋଗ ୨୮ ଫେବୃଆରୀ ସନ୍ଧ୍ୟାରେ ଦେଖିବାକୁ ମିଳିବ ଯେତେବେଳେ ସାନ୍ଧ୍ୟ ଆକାଶରେ ଗୋଟିଏ କି ଦୁଇଟି ନୁହେଁ ଏକକାଳୀନ ୬ଟି ଗ୍ରହ ଗୋଟିଏ ଧାଡିରେ ଦେଖାଯିବେ। ୨୮ ଫେବୃଆରୀ ୨୦୨୬ ସନ୍ଧ୍ୟାରେ ସୂର୍ଯ୍ୟାସ୍ତର ୩୦ ମିନିଟ୍ ପରେ ପଶ୍ଚିମ ଦିଗବଳୟରେ ୬ ଗ୍ରହଙ୍କୁ ଗୋଟିଏ ଧାଡିରେ ଦେଖା ଯାଇ ପାରିବ। ଏହି ଗ୍ରହଙ୍କ ମଧ୍ୟରେ ବୁଧ, ଶୁକ୍ର, ଶନି, ନେପଚୁନ, ୟୁରାନସ୍ ଓ ବୃହସ୍ପତି ଦେଖା ଯିବେ। ଏଥିରେ ଶୁକ୍ର ଅଧିକ ଉଜ୍ଜ୍ୱଳ ଦେଖାଯିବାକୁ ଥିବା ବେଳେ ବୃହସ୍ପତି ଟିକେ ଉଚ୍ଚାରେ ଦେଖାଯିବେ। ଏଥିରୁ ୪ଟି ଗ୍ରହଙ୍କୁ ଖାଲି ଆଖିରେ ଦେଖା ଯାଇ ପାରିବ। ତେବେ ନେପଚୁନ ଓ ୟୁରାନସ୍ ଗ୍ରହଙ୍କୁ ଦେଖିବା ପାଇଁ ଦୂରବିକ୍ଷଣର ଆବଶ୍ୟକତା ପଡିବ। ହେଲେ ଗ୍ରହଙ୍କ ଏପରି ସ୍ଥିତିରୁ କଣ ହେବ ଆସନ୍ତୁ ଜାଣିବା। ଖଗୋଳିୟ ଘଟଣା ପ୍ରତି ଆଗ୍ରହୀ ଲୋକଙ୍କ ନିମନ୍ତେ ୨୮ ଫେବୃଆରୀ ସନ୍ଧ୍ୟା ଖାସ ହେବାକୁ ଯାଉଛି। ଏହି ଦିନ ସୂର୍ଯ୍ୟାସ୍ତ ହେବାର କିଛି ସମୟ ପରେ ଆକାଶରେ ବିରଳ ଦୃଶ୍ୟ ଦେଖିବାକୁ ମିଳିବ। ନାସା ଓ ଖଗୋଳ ବିଶେଷଜ୍ଞଙ୍କ ଅନୁସାରେ ଏହି ବିରଳ ପ୍ଲାନେଟାରୀ ଆଲାଇନମେଣ୍ଟ ଫେବୃଆରୀ ମାସ ଶେଷ ଦିନରୁ ମାର୍ଚ୍ଚ ପ୍ରାରମ୍ଭ ପର୍ଯ୍ୟନ୍ତ ଦେଖାଯିବ। ଏଥିରେ ଫେବୃଆରୀ ୨୮ ତାରିଖ ଦିନ ଏହି ଦୃଶ୍ୟ ଅତ୍ୟନ୍ତ ସ୍ପଷ୍ଟ ଦେଖାଯିବ। ଏହା ଏକ ଖାସ ସୁଯୋଗ, କାରଣ ଏପରି ନୈସର୍ଗିକ ଦୃଶ୍ୟ ଖୁବ୍ କ୍ୱଚିତ ଦେଖାଯାଏ। ଏହି ୬ ଗ୍ରହ ସୂର୍ଯ୍ୟଙ୍କ ପରିକ୍ରମା ପଥ (ଏକ୍ଲିପ୍ଟିକ୍)ରେ ଏକ ଧାଡିରେ ରହିବେ। ଏହି ଦୃଶ୍ୟ ଦେଖିବା ପାଇଁ ଫେବୃଆରୀ ୨୮ ତାରିଖ ସୂର୍ଯ୍ୟାସ୍ତର ୩୦ରୁ ୪୫ ମିନିଟ୍ ପରେ ପଶ୍ଚିମ ଦିଗବଳୟ ଉପରେ ନଜର ପକାଇବାକୁ ହେବ। ଏଥିରେ ଶୁକ୍ର ଦିଗବଳୟର ଖୁବ୍ ତଳେ ଉଜ୍ଜ୍ୱଳ ଭାବେ ଦେଖାଯିବେ। ଶୁକ୍ରଙ୍କୁ ସନ୍ଧ୍ୟା ତାରା ମଧ୍ୟ କୁହାଯାଏ। ଶୁକ୍ରଙ୍କ ପାଖକୁ ଟିକେ ଉପରକୁ ପଶ୍ଚିମ ଦିଗବଳୟରେ ବୁଧ ଗ୍ରହ ମଧ୍ୟ ଦେଖାଯିବେ, ତେବେ ଏହାର ଚମକ୍ କମ୍ ରହିବ। ବୁଧ ଗ୍ରହ ଉପରକୁ ଶନି ଗ୍ରହ ରହିବେ ଓ ଏହାର ସ୍ଥିର ଚମକ୍ ଦେଖାଯିବ। ଏହା ଉପରକୁ ବୃହସ୍ପତି ଦେଖାଯିବେ। ଏହା ବେଶ୍ ଉଚ୍ଚାରେ ଝଟକୁଥିବାର ଦେଖାଯିବେ। ୟୁରାନସ୍ ନେପଚୁନ ଟିକେ ଉପରେ ରହୁଥିବା ବେଳେ ଝାପସା ଦେଖାଯିବେ। ଏହି ଦୃଶ୍ୟ ସାରା ଭାରତରେ ଦେଖିବାକୁ ମିଳିବ। ଫେବୃଆରୀ ୨୮ ତାରିଖ ବେଳକୁ ଚନ୍ଦ୍ର ପୂର୍ଣ୍ଣିମା ପାଖାପାଖି ହୋଇଥିବେ।

# ବାହାରିନରେ ଚମକିଲା ଓଡିଶା

**ମାନାମା:** ବାହାରିନ ର ରାଜଧାନୀ ମାନାମା ଠାରେ ଭାରତୀୟ ଦୂତାବାସ ତରଫରୁ 'ଇଣ୍ଡିଆ ଇନ୍ ବାହାରିନ' ମହୋତ୍ସବର ଆୟୋଜନ କରାଯାଇଥିଲା। ଭାରତୀୟ କଳା ସଂସ୍କୃତି ଓ ବାଣିଜ୍ୟକୁ ଉତ୍ସାହିତ କରିବାକୁ ବାହାରିନରେ ଥିବା ଭାରତୀୟ ଦୂତାବାସ ତରଫରୁ ଏହି ପଦକ୍ଷେପ ନିଆଯାଇଥିଲା। ଏଥିରେ ଭାରତର ବିଭିନ୍ନ ରାଜ୍ୟର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଭାରତୀୟ ଦୂତାବାସର ନିମନ୍ତ୍ରଣ କ୍ରମେ ଯୋଗଦେଇଥିଲେ ୨୧ଟି ଭାରତୀୟ ସଂଗଠନ। ଏହି କାର୍ଯ୍ୟକ୍ରମରେ ବାହାରିନରେ ଅବସ୍ଥିତ ବାହାରିନ ଓଡ଼ିଆ ସମାଜକୁ ସ୍ୱତନ୍ତ୍ର ଭାବେ ଆମନ୍ତ୍ରଣ କରାଯାଇଥିଲା। ଓଡିଆ ସମାଜ ଓଡିଶାର ଷ୍ଟଲ ଗୁଡିକୁ ପ୍ରତିନିଧିତ୍ୱ କରିବା ସହ ସାଂସ୍କୃତିକ କାର୍ଯ୍ୟକର୍ମ ରେ ମଧ୍ୟ ଅଂଶ ଗ୍ରହଣ କରିଥିଲେ। ସହି ସାଂସ୍କୃତିକ କାର୍ଯ୍ୟକମରେ ମୁଖ୍ୟ ଆକର୍ଷଣ ଥିଲା ବାହାରିନ ଓଡିଆ ସମାଜ ର ପିଲା ମାନଙ୍କ ଦ୍ୱାରାପ୍ରସ୍ତୁତ ସମ୍ବଲପୁରୀ ନୃତ୍ୟ। ଏହି ନୃତ୍ୟର ନିର୍ଦ୍ଦେଶନା ପ୍ରିୟମ୍ବଦା ସାହୁ କରିଥିଲେ ଏବଂ ଏହି ନୃତ୍ୟ ପରିବେଷଣ କରିଥିଲେ -ଆରାଇନା ମହାନ୍ତି,ଆରାଧ୍ୟା





ଜେନା,କ୍ଷ୍ୟାତି ମହାପାତ୍ର,ବୈଭବ କୁମାର ସାହୁ,ନିଶାନ୍ତ ପୃଷ୍ଟି,ପ୍ରବୀଣ କୁମାର ବେହେରା,ସାଇ ସାନ୍ତ୍ୱନା ସେନାପତି,ପରିସିନ୍ତି ଚାହେଲ ସୁବୁଦ୍ଧି। ଏହି ପ୍ରଦର୍ଶନ କେବଳ ଭାରତୀୟ ପ୍ରବାସୀ ସମାଜଙ୍କୁ ନୁହେଁ, ବିଦେଶୀ ଦର୍ଶକମାନଙ୍କ ମନକୁ ମଧ୍ୟ ମୋହିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହ, ଆୟୋଜନର ମୁଖ୍ୟ ଆକର୍ଷଣ ଭାବେ ଦୁଇଟି ସୁନ୍ଦର ଓ ସୁସଜ୍ଜିତ ଓଡ଼ିଶା ଷ୍ଟଲ୍ ପ୍ରବନ୍ଧ କରାଯାଇଥିଲା। ଦୀପ୍ତି ସାହୁ ,ସରୋଜିନୀ ଜେନା ,ସୁଜାତା ରାଉତରେ,ମନସ୍ୱିନୀ ପାଣି ,ସାଗରିକା ମହାନ୍ତି ,ଶିବାଶ୍ରୀ ଦାଶ୍, ମଧୁସ୍ମିତା ପୃଷ୍ଟି ,ସୁପ୍ରିୟା ସୁବୁଧି , ଶୁଚିସ୍ମିତା ସାହୁ ମାନଙ୍କ ଦ୍ୱାରା ପାରମ୍ପରିକ ଓ ରୁଚିକର ଚଟପଟା ଓଡ଼ିଆ ବିଶେଷ ଖାଦ୍ୟପେୟ ପ୍ରସ୍ତୁତ କରାଯାଇ ଅତି ଆଦର ସହ ପରିବେଷଣ କରାଯାଇଥିଲା। ଷ୍ଟଲ୍ ଚାରିପଟେ ଦର୍ଶକମାନଙ୍କର ବିଶାଳ ଭିଡ଼ ଜମିଥିବା ଦେଖାଯାଇଥିଲା । ବାହାରିନ ଓଡିଆ ସମାଜର ସାଧାରଣ ସମ୍ପାଦକ ଶାନ୍ତନୁ ସେନାପତି , ଯୁଗ୍ମ ସମ୍ପାଦକ ଶାରଦା ପ୍ରସାଦ ପଟ୍ଟନାୟକ ,ସାଂସ୍କୃତିକ ସମ୍ପାଦିକା ଅଙ୍କିତା ନାୟକ, କ୍ରୀଡା ସମ୍ପାଦକ ଅମରେଶ ପଣ୍ଡା , ଜନ ସମ୍ପର୍କ ସମ୍ପାଦକ ଅମରନାଥ ସୁବୁଧି ଏହି ଷ୍ଟଲ ର ମୁଖ୍ୟ ଆୟୋଜକ ଥିଲେ। ବାହାରିନ ଓଡିଆ ସମାଜ ର ଅନେକ ସଭ୍ୟ ଏକତ୍ରିତ ହୋଇ କାର୍ଯ୍ୟକ୍ରମ ର ଆନନ୍ଦ ନେବା ସହିତ ପ୍ରତିଯୋଗି ମାନଙ୍କ ମନୋବଳ ବଢାଇଥିଲେ। ବାହାରିନ ଓଡିଆ ସମାଜର ଏହି ଛୋଟ ପ୍ରୟାସ ବିଦେଶ ମାଟିରେ ଓଡ଼ିଆ ର କଳା, ସଂସ୍କୃତି ଓ ପରମ୍ପରା ର ପ୍ରସାର ଓ ପ୍ରଚାର ପାଇଁ ନିଶ୍ଚୟ ସହାୟକ ହେବ ବୋଲି ବାହାରିନ ଓଡିଆ ସମାଜ ର ସମସ୍ତ ସଭ୍ୟ ମାନଙ୍କର ଆଶା ଓ ବିଶ୍ୱାସ। ପରିଶେଷ ରେ ଓଡ଼ିଆ ସମାଜର ସଭାପତି ରାମଚନ୍ଦ୍ର ସାହୁ, ବରିଷ୍ଠ ସଦସ୍ୟ କିଶୋର ଦାଶ୍, ବିଷ୍ଣୁ ପ୍ରସାଦ ମହାନ୍ତି , ଦୀନେଶ ମହାନ୍ତି ସମସ୍ତ ସଦସ୍ୟ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥଲେ। ବାହାରିନରେ ଗତ ୨୨ ବର୍ଷ ଧରି ବାହାରିନ ଓଡ଼ିଆ ସମାଜ ଓଡ଼ିଶାର ସମୃଦ୍ଧ ଶ୍ରୀଜଗନ୍ନାଥ ସଂସ୍କୃତି , ଐତିହ ଓ ହସ୍ତତନ୍ତ୍ର ର ପ୍ରଚାର ପ୍ରସାର କରିଆସୁଅଛି ।

# ସାଧାରଣ ଲୋକଙ୍କ ଉପରେ ବୋମାମାଡ଼: ଚାଲିଗଲା ୨୪ ଜୀବନ

**ଖାର୍ତୁମ:** ସୁଦାନରେ ଚାଲିଥିବା ଭୟଙ୍କର ଗୃହଯୁଦ୍ଧ ମଧ୍ୟରେ, ମାନବତାକୁ ଲଜ୍ଜିତ କରୁଥିବା ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଅର୍ଦ୍ଧସାମରିକ ସଂଗଠନ ରାପିଡ୍ ସପୋର୍ଟ ଫୋର୍ସ (ଆର୍‌ଏସ୍‌ଏଫ୍) କେନ୍ଦ୍ରୀୟ ସୁଦାନରେ ଏକ ବଡ଼ ଡ୍ରୋନ୍ ଆକ୍ରମଣ କରିଛି। ସେଥିରେ ଆଠ ଜଣ ଶିଶୁଙ୍କ ସମେତ ୨୪ ଜଣ ନିରୀହ ଲୋକଙ୍କ ମୃତ୍ୟୁ ଘଟିଛି। ବିସ୍ଥାପିତ ପରିବାରଗୁଡ଼ିକ ଏକ ଗାଡ଼ିରେ ଜୀବନ ବିକଳରେନିରାପଦ ସ୍ଥାନକୁ ପଳାୟନ କରୁଥିବା ସମୟରେ ଏହି ଆକ୍ରମଣ ଘଟିଥିଲା।

ସୂଚନା ଅନୁଯାୟୀ, ଆକ୍ରମଣ ଉତ୍ତର କୋର୍ଡୋଫାନ ପ୍ରଦେଶର ରାହାଦ ସହର ନିକଟରେ ଘଟିଥିଲା। ଟାର୍ଗେଟ କରାଯାଇଥିବା ଗାଡ଼ିଟି ଉତ୍ତର କୋର୍ଡୋଫାନର ଦୁବେଇକର ଅଞ୍ଚଳରୁ ଲୋକଙ୍କୁ ନେଇଯାଉଥିଲା। ସେମାନେ ଯୁଦ୍ଧ ଯୋଗୁ ଭିଟାମାଟି ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ମୃତକଙ୍କ ମଧ୍ୟରେ ମହିଳା, ପୁରୁଷ, ଦୁଇ ନବଜାତ ଶିଶୁଙ୍କ ସମେତ ଆଠ ଜଣ ଛୋଟ ପିଲା ଅଛନ୍ତି। ଯୁଦ୍ଧ ପର୍ଯ୍ୟବେକ୍ଷଣ ଗୋଷ୍ଠୀ ଏହି ଆକ୍ରମଣକୁ ଅତ୍ୟନ୍ତ ନିର୍ମମ ଓ ଅନ୍ତର୍ଜାତୀୟ ମାନଦଣ୍ଡର ଉଲ୍ଲଂଘନ ବୋଲି କହିଛି।

ହତ୍ୟାକାଣ୍ଡ ପରେ, ସୁଦାନ ଡକ୍ଟରର୍ସ ନେଟୱାର୍କ ଆନ୍ତର୍ଜାତୀୟ ସମ୍ପ୍ରଦାୟ ଓ ମାନବାଧିକାର ସଂଗଠନଗୁଡ଼ିକୁ ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ତୁରନ୍ତ ହସ୍ତକ୍ଷେପ କରିବାକୁ ଆହ୍ୱାନ କରିଛି। ଏହି ଉଲ୍ଲଂଘନ ପାଇଁ ଆର୍‌ଏସ୍‌ଏଫ୍ ନେତୃତ୍ୱକୁ ସିଧାସଳଖ ଦାୟୀ କରାଯିବାକୁ ନେଟୱାର୍କ ନିବେଦନ କରିଛି। ତେବେ ଆକ୍ରମଣ ଓ ମୃତ୍ୟୁ ଅଭିଯୋଗ ସମ୍ପର୍କରେ ଆର୍‌ଏସ୍‌ଏଫ୍ ପକ୍ଷରୁ କୌଣସି ସରକାରୀ ବିବୃତି କିମ୍ବା ପ୍ରତିକ୍ରିୟା ଦିଆଯାଇ ନାହିଁ।

ସୁଦାନରେ ସଂଘର୍ଷ ଏପ୍ରିଲ ୨୦୨୩ରେ ଆରମ୍ଭ ହୋଇଥିଲା ଯେତେବେଳେ ରାଜଧାନୀ ଖାର୍ତୁମରେ ସୁଦାନୀ ସେନା ଏବଂ ଆର୍‌ଏସ୍‌ଏଫ୍ ମଧ୍ୟରେ ଏକ କ୍ଷମତା ସଂଘର୍ଷ ସଶସ୍ତ୍ର ସଂଘର୍ଷରେ ପରିଣତ ହୋଇଥିଲା। ସେବେଠାରୁ ଦେଶରେ ଅରାଜକତା ଜାରି ରହିଛି। ମିଳିତ ଜାତିସଂଘ ଅନୁଯାୟୀ, ଏହି ବିନାଶକାରୀ ଯୁଦ୍ଧରେ ୪୦ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଯଦିଓ ସହାୟତା ସଂଗଠନଗୁଡ଼ିକ ଦାବି କରୁଛନ୍ତି ଯେ, ପ୍ରକୃତ ମୃତ୍ୟୁ ସଂଖ୍ୟା ବହୁଗୁଣା ଅଧିକ ହୋଇପାରେ।

ଗୃହଯୁଦ୍ଧ ଲୋକଙ୍କ ଜୀବନ ନେବା ସହିତ ବିଶ୍ୱର ସବୁଠାରୁ ବଡ଼ ବିସ୍ଥାପନ ସଙ୍କଟ ସୃଷ୍ଟି କରିଛି। ରିପୋର୍ଟ ଅନୁସାରେ ୧୪ ନିୟୁତରୁ ଅଧିକ ଲୋକ ସେମାନଙ୍କ ଭିଟାମାଟି ଛାଡ଼ି ବିସ୍ଥାପିତ ହୋଇଛନ୍ତି । ଦେଶର ଅନେକ ସ୍ଥାନରେ ଦୁର୍ଭିକ୍ଷ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରୋଗର ପ୍ରକୋପ ବୃଦ୍ଧି ପାଉଛି। ଖାଦ୍ୟ ଓ ଔଷଧର ଅଭାବ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଛି।

# ଶେଷ ଓଭରରେ ଜିତିଲା ପାକିସ୍ତାନ



କଲମ୍ବୋ,୭।୨(ଏଜେନ୍ସି): ଟି-୨୦ ବିଶ୍ୱକପ ଆରମ୍ଭ ହୋଇଛି। ଉଦଘାଟନୀ ମ୍ୟାଚରେ ପାକିସ୍ତାନ କଡା ସଂଘର୍ଷ କରି ଜିତିଛି। କଲମ୍ବୋର ସିଂହଳୀ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ନେଦରଲାଣ୍ଡସକୁ ୩ ୱିକେଟରେ ହରାଇଛି ପାକିସ୍ତାନ। ଏହି ଜମାଣିଆ ବିଜୟ ସହ ପାକିସ୍ତାନର ବିଶ୍ୱକପ ଅଭିଯାନ ଆରମ୍ଭ ହୋଇଛି।

ଏହି ମ୍ୟାଚରେ ଟସ ଜିତି ପାକିସ୍ତାନ ବୋଲିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ନେଦରଲାଣ୍ଡସ ୧୯.୫ ଓଭରରେ ୧୪୭ ରନ୍ କରି ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ ସ୍କଟଏଡୱାର୍ଡସ ୩୭, ବାସ ଡି ଲିଡ୍ ୩୦, ମିଚେଲ ଲେଭିଟ୍ ୨୪, କୋଲିନ ଆକରମ୍ୟାନ ୨୦, ଆରିୟନ ଦତ ୧୩ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ସଲମାନ ମିର୍ଜା ୩ଟି ୱିକେଟ୍ ନେଇଥିବା ବେଳେ ଆବ୍ରାର ଅହମ୍ମଦ ନୱାଜ, ସଇମ ଆଇବ ପ୍ରତ୍ୟେକ ଦୁଇଟି ଲେଖାଏଁ ତଥା ସହିନ ସାହା ଆଫ୍ରିଦଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା। ଜବାବରେ ପାକିସ୍ତାନ ୧୪୮ ରନର ବିଜୟଲକ୍ଷ ହାସଲ କରିବାକୁ ପଡ଼ିଆକୁ ଓହ୍ଲାଇଥିଲା। ଆରମ୍ଭରୁ ପାକିସ୍ତାନ ଦ୍ରୁତ ରନ୍ ସଂଗ୍ରହ କରି ସହଜ ବିଜୟ ଆଡକୁ ଅଗ୍ରସର ହୋଇଥିଲା। ଦଳ ପକ୍ଷରୁ ଓପନର ସହେବ ଜାଦ ଫରହାନ ଓ ସଇମ ଆୟବଙ୍କ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୨୭ ରନର ପାଟନର ହୋଇଥିଲା। ସହିନ ୨୪ ରନ୍ କରି ପାଭିଲିୟନ୍ ଫେରିଥିଲେ। ସହିବଜାଦ ଫରହାନ ୪୭ ରନ୍ କରିଥିଲେ। ଅଧିନାୟକ ସଲମାନ ଆଘା ୧୨ ରନ୍, ବାବର ଆଜମ ୧୫ ରନ କରିଥିଲେ। କିନ୍ତୁ ମ୍ୟାଚ ଜିତିବା ପାଇଁ ପାକିସ୍ତାନକୁ କଡ଼ା ସଂଘର୍ଷ କରିବାକୁ ପଡିଥିଲା। ମଧ୍ୟଭାଗର ବ୍ୟାଟର ରନ୍ ଯୋଡିବାରେ ସଫଳ ହୋଇନଥିଲେ। ସ୍ଥିତି ଏପରି ହୋଇଥିଲା ଯେ, ୧୧୪ ରନରେ ପାକିସ୍ତାନ ୭ ୱିକେଟ୍ ହରାଇ ଏକ ନିଶ୍ଚିତ ପରାଜୟ ଆଡକୁ ମୁହାଁଇଥିଲା। କିନ୍ତୁ ଶେଷ ଦୁଇ ଓଭରରେ ଫହିମ ଅସ୍ରଫ ୧୧ ବଲରେ ୩ ଛକା ଓ ୨ ଚୌକା ମାରି ୨୯ ରନ କରିବା ସହ ଦଳକୁ ବିଜୟୀ କରିଥିଲେ।

ଟି-୨୦ ବିଶ୍ୱକପ

# ସୂର୍ଯ୍ୟଙ୍କ ପରାକ୍ରମରେ ୟୁଏସଏ ଧରାଶାୟୀ

ମୁମ୍ବାଇ,୭।୨(ଏଜେନ୍ସି): ଟି-୨୦ ବିଶ୍ୱକପ ଆରମ୍ଭ ଭାରତ ପାଇଁ ସ୍ମରଣୀୟ ହୋଇରହିବ। ୟୁଏସ୍ ବୋଲରଙ୍କ ଘାତକ ବୋଲିଂକୁ ସାମ୍ନା କରିବା ଭାରତୀୟ ବ୍ୟାଟରଙ୍କ ପାଇଁ ଅସମ୍ଭବ ଭଳି ଥିଲା। ଏଭଳି ସମୟରେ ଦଳର ତ୍ରାଣକର୍ତ୍ତା ସାଜିଥିଲେ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ। ଆରମ୍ଭରୁ ଶେଷ ଯାଏଁ ଅପରାଜିତ ରହି ୮୪ ରନର ଇନିଂସ ଖେଳିଥିଲେ ସୂର୍ଯ୍ୟ। ତାଙ୍କ ଯୋଗୁଁ ଭାରତର ଦଳୀୟ ସ୍କୋର ୧୬୧ରେ ପହଞ୍ଚି ପାରିଥିଲା। ଆମେରିକା ଭଳି ଅନଭିଜ୍ଞ ଦଳ ବିପକ୍ଷରେ ଭାରତକୁ ନିଶ୍ଚିତ ପରାଜୟରୁ ରକ୍ଷା କରିଥିଲେ ସୂର୍ଯ୍ୟ କୁମାର। ଏହି ମ୍ୟାଚରେ ଭାରତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୬୧ ରନ କରିଥିଲା। ଜବାବରେ ଆମେରିକା ୨୦ ଓଭରରେ ୮ ୱିକେଟ୍ ହରାଇ ୧୩୨ ରନ କରିବାକୁ ସକ୍ଷମ ହୋଇଥିଲା। ଏହି ବିଜୟ ସହ ଭାରତ ପୂର୍ଣ୍ଣସଂଖ୍ୟକ ଦୁଇ ପଏଣ୍ଟ ହାସଲ କରିଛି। ଅଧିନାୟକ ସୂର୍ଯ୍ୟ କୁମାର ଯାଦବଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା।

ଟସ ଜିତି ଆମେରିକା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆମନ୍ତ୍ରଣ ପାଇଥିବା ଭାରତର ଦଳୀୟ ସ୍କୋର ୮ ରନ ବେଳେ ଓପନର ଅଭିଶେକ ଶର୍ମା ବିନା ସ୍କୋରରେ ପାଭିଲିୟନ୍ ଫେରିଯାଇଥିଲେ। ଏପରିକି ଦଳୀୟ ସ୍କୋର ୭୭ ରନ ବେଳେ ୬ ଜଣ ବ୍ୟାଟର ଆଉଟ୍ ହେବାରୁ ଭାରତ ସମ୍ପୂର୍ଣ୍ଣ ଭାବେ ପଛକୁ ଚାଲିଯାଇଥିଲା। ଆମେରିକା ନିୟନ୍ତ୍ରଣରେ ଥିବା ଏହି ମ୍ୟାଚକୁ ଏକାକୀ ସୂର୍ଯ୍ୟ କୁମାର ଯାଦବ ସଂଘର୍ଷ କରି ଭାରତ ସପକ୍ଷକୁ ଆଣିବାରେ ସଫଳ ହୋଇଥିଲେ। ସେ ୪୯ ବଲରୁ ୧୦ଟି ଚୌକା ଓ ୪ଟି ଛକା ମାରି ଅପରାଜିତ ୮୪ ରନ କରିଥିଲେ। ତେଣୁ ଭାରତର ସ୍କୋର ୨୦ ଓଭରରେ ୧୬୧/୯ ରନରେ ପହଞ୍ଚିଥିଲା। ସୂର୍ଯ୍ୟଙ୍କ ବ୍ୟତୀତ ଇଶାନ କିଷାନ ୨୦, ତିଲକ ବର୍ମା ୨୫, ରିଙ୍କୁ ସିଂ ୬, ହାର୍ଦ୍ଦିକ ପାଣ୍ଡ୍ୟା ୫, ଅକ୍ଷର ପଟେଲ ୧୪ ଓ ଅର୍ଶଦୀପ ସିଂ ୪ ରନ୍ କରିଥିଲେ। ଅଭିଶେକ ଶର୍ମା, ଶିବମ ଦୁବେ ଓ ବରୁଣ ଚକ୍ରବର୍ତ୍ତୀ ରନ ଖାତା ଖୋଲିପାରିନଥିଲେ। ବୋଲିଂରେ ଆମେରିକାର ସାଡଲିଭାନ ୪ଟି, ହର୍ମିତ ସିଂ ୨ଟି, ଅଲ୍ଲୀ ଖାନ ଓ ମହମ୍ମଦ ମୋହସିନ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।



୧୬୨ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଆମେରିକା ୧୩ ରନ ସ୍କୋରରେ ଓପନର ଆନ୍ଦ୍ରିଆସ ଗସ ୬, ସାଇତେଜା ମୁକମଲ ୨, ଅଧିନାୟକ ମନଙ୍କ ପଟେଲ ୦ ରନ କରିଥିଲେ। ମିଲିନ୍ଦ କୁମାର ୩୪, ସଞ୍ଜୀୟ କ୍ରିଷ୍ଣମୂର୍ତ୍ତୀ, ଶୁଭମ ରଞ୍ଜନେ ୩୭ ରନ କରିଥିଲେ। ତେଣୁ ଆମେରିକା ୨୦ ଓଭରରେ ୮ ୱିକେଟ୍ ହରାଇ ୧୩୨ ରନ କରିବାକୁ ସକ୍ଷମ ହୋଇଥିଲା। ମହମ୍ମଦ ସିରାଜ ୩ଟି, ଅର୍ସଦୀପ ସିଂ ଓ ଅକ୍ଷର ପ୍ଟେଲ ଦୁଇଟି ଲେଖାଏଁ ତଥା ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା।

# ସେଫର୍ଡଙ୍କ ହ୍ୟାଟ୍ରିକ୍: ଇଣ୍ଡିଜର ବିଜୟ ଅଭିଯାନ

କୋଲକାତା,୭।୨(ଏଜେନ୍ସି): ଟି-୨୦ ବିଶ୍ୱକପର ଦ୍ୱିତୀୟ ମ୍ୟାଚରେ ୱେଷ୍ଟଇଣ୍ଡିଜର ରୋମାରିଓ ସେଫର୍ଡ ହ୍ୟାଟ୍ରିକ ୱିକେଟ୍ ହାସଲ କରି ଦଳକୁ ଜମାଣିଆ ଆରମ୍ଭ ଦେଇଛନ୍ତି। ବିଶ୍ୱକପର ପ୍ରଥମ ଦିନ ସେଫର୍ଡଙ୍କ ୫ ୱିକେଟ୍ ସଫଳତା ଯୋଗୁଁ ୱେଷ୍ଟଇଣ୍ଡିଜ୍ ୩୫ ରନ୍ ବ୍ୟବଧାନରେ ସ୍କଟଲାଣ୍ଡକୁ ଧରାଶାୟୀ କରିଛି। କୋଲକାତାର ଐତିହାସିକ ଇଡେନ ଗାର୍ଡେନରେ ଖେଳାଯାଇଥିବା ଏହି ମ୍ୟାଚରେ ଇଣ୍ଡିଜ୍ ୨୦ ଓଭରରେ ୫ ୱିକେଟ୍ ହରାଇ ୧୮୨ ରନ୍ କରିଥିଲା। ଜବାବରେ ସ୍କଟଲାଣ୍ଡ ୧୮୩ ରନର ବିଜୟଲକ୍ଷ୍ୟକୁ ପିଛା କରି ୧୮.୫ ଓଭରରେ ୧୪୭ ରନରେ ଅଲଆଉଟ୍ ହୋଇଥିଲା। ୫ ୱିକେଟ୍ ଅକ୍ତିଆର କରିଥିବା ସିମରନ ହେଟମେୟାରଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।

ସ୍କଟଲାଣ୍ଡ ଟସ୍ ଜିତି ଇଣ୍ଡିଜ ପାଇଁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲା। ଇଡେନରେ ଇଣ୍ଡିଜର ଆରମ୍ଭ ଜମାଣିଆ ଥିଲା। ପ୍ରଥମ ୱିକେଟ୍ ପାଇଁ ବ୍ରାଣ୍ଡନକିଙ୍ଗ ଓ ସାଇ ହୋପଙ୍କ ମଧ୍ୟରେ ୫୪ ରନର ପାଟନରସିପ ହୋଇଥିଲା। ବ୍ରାଣ୍ଡନ କିଙ୍ଗ ୩୦ ବଲରୁ ୩୫ ରନ ଏବଂ ସାଇ ହୋପ ୧୯ ରନ କରି ପାଭିଲିୟନ୍ ଫେରିଥିଲେ। କିନ୍ତୁ ସିମରନ ହେଟମେୟାର ୩୬ ବଲରୁ ୬ଟି ଛକା ଓ ଦୁଇଟି ଚୌକା ସହାୟତାରେ ୬୪ ରନ୍ କରିଥିଲେ। ରୋଭମ୍ୟାନ ପାୱେଲ ୨୪, ସେରଫାନେ ରଦରଫୋର୍ଡ ୨୬ ରନ୍ କରିବାରୁ ଇଣ୍ଡିଜ୍ ୨୦ ଓଭରରେ ୫ ୱିକେଟ୍ ହରାଇ ୧୮୨ ରନ୍ କରିଥିଲା। ସ୍କଟଲାଣ୍ଡର ବ୍ରାଡ କୁରି ଦୁଇଟି, ସାଫୟାନ ସରିଫ୍, ଓଲିଭର ଡେଭିଡସନ, ମିଚେଲ ଲିସକ ପ୍ରତ୍ୟେକ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।



୧୪୩ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ସ୍କଟଲାଣ୍ଡ ଦଳୀୟ ସ୍କୋର ୭ ରନ ବେଳେ ପ୍ରଥମ ୱିକେଟ୍ ହରାଇଥିଲା। ମିଚେଲ ଜନସନ ମାତ୍ର ୧ ରନ୍ କରି ଆଉଟ୍ ହୋଇଥିଲେ। ଓପନର ଜର୍ଜ ମୁନସି ୧୯ ରନ୍ କରିଥିଲେ। ବ୍ରାଣ୍ଡନ ମ୍ୟାକଲୁମ୍ ୧୪, ରିଚି ବେରିଂଟନ ୪୨, ଟମ୍ ବ୍ରୁସି ୩୫ ରନ୍ ଓ ମାଥ୍ୟୁକ୍ରସ ୧୧ ତଥା ମାର୍କ ୱାର୍ଡ ୧୫ ରନ୍ କରିବାରୁ ସ୍କଟଲାଣ୍ଡ ୧୮.୫ ଓଭରରେ ୧୪୭ ରନ କରିବାକୁ ସକ୍ଷମ ହୋଇଥିଲା। ବୋଲିଂରେ ଇଣ୍ଡିଜର ରୋମାରିଓ ସେଫର୍ଡ ୩ ଓଭରରେ ୨୦ ରନ ଦେଇ ୫ ୱିକେଟ୍ ଅକ୍ତିଆର କରିଥିଲେ। ଜାସନ ହୋଲ୍ଡର ୩ଟି, ସମର ଜୋଫେସ ଓ ଗୁଡାକେସ ମୋତି ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।

# ରଣଜୀ ଟ୍ରଫି କ୍ୱାର୍ଟରଫାଇନାଲ ଆରମ୍ଭ

ମୁମ୍ବାଇ,୭।୨(ଏଜେନ୍ସି): ବିସିସିଆଇର ଘରୋଇ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ନକଆଉଟ୍ ପର୍ଯ୍ୟାୟ ଜାରି ରହିଛି। ଝାଡ଼ଖଣ୍ଡ-ଉତ୍ତରାଖଣ୍ଡ ମଧ୍ୟରେ ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ ଜାମସେଦପୁରରେ ଖେଳାଯାଉଛି। ସେହିଭଳି ଦ୍ୱିତୀୟ କ୍ୱାର୍ଟରଫାଇନାଲରେ ଇନ୍ଦୋରରେ ଜମ୍ମୁ-କାଶ୍ମୀର- ମଧ୍ୟପ୍ରଦେଶ ମଧ୍ୟରେ, କଲ୍ୟାଣୀରେ ତୃତୀୟ କ୍ୱାର୍ଟରଫାଇନାଲ ଆନ୍ଧ୍ର ଓ ବେଙ୍ଗଲ ମଧ୍ୟରେ ଏବଂ ମୁମ୍ବାଇରେ ଓ କର୍ଣ୍ଣାଟକ ମଧ୍ୟରେ ଚତୁର୍ଥ କ୍ୱାର୍ଟରଫାଇନାଲ ମ୍ୟାଚ ଜାରି ରହିଛି।



ମୁମ୍ବାଇରେ ଖେଳାଯାଉଥିବା କ୍ୱାର୍ଟରରେ ଘରୋଇ ମୁମ୍ବାଇ ଦଳ କର୍ଣ୍ଣାଟକ ମଧ୍ୟରେ ମ୍ୟାଚର ସଂଘର୍ଷପୂର୍ଣ୍ଣ ହୋଇଛି। ଦ୍ୱିତୀୟ ଦିବସ ସୁଧା ମୁମ୍ବାଇ ପ୍ରଥମ ପାଳିରେ ୧୨୦ ଓ ଦ୍ୱିତୀୟ ପାଳିରେ ୫୨ ଓଭରରେ ୨ ୱିକେଟ୍ ହରାଇ ୧୮୯ ରନ୍ କରିଛି। କର୍ଣ୍ଣାଟକ ପ୍ରଥମ ପାଳିରେ ୧୭୩ ରନ କରି ଇନିଂସ ଅଗ୍ରଣୀ ହାସଲ କରିଛି। ତେବେ ମୁମ୍ବାଇ ୧୩୬ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। କଲ୍ୟାଣୀରେ ଖେଳାଯାଉଥିବା ମ୍ୟାଚରେ ଆନ୍ଧ୍ରପ୍ରଦେଶ ପ୍ରଥମ ପାଳିରେ ୨୯୫ ରନ କରି ଅଲଆଉଟ୍ ହୋଇଛି। ଦ୍ୱିତୀୟ ଦିବସ ଷ୍ଟମ୍ପଅପସାରଣ ବେଳକୁ ବେଙ୍ଗଲ ୬୩ ଓଭରରେ ୫ ୱିକେଟ୍ ହରାଇ ୧୯୯ ରନ୍ କରିଛି। ବେଙ୍ଗଲ ଏବେ ବି ୯୬ ରନ ପଛରେ ରହିଛି।

ସେହିଭଳି ଜାମସେଦପୁରରେ ଚାଲିଥିବା ମ୍ୟାଚରେ ଘରୋଇ ଝାଡ଼ଖଣ୍ଡ ପ୍ରଥମ ପାଳିରେ ୨୩୫ ରନ କରି ଅଲଆଉଟ୍ ହୋଇଛି। ଉତ୍ତରାଖଣ୍ଡ ୮୭ ଓଭରରେ ୫ ୱିକେଟ୍ ହରାଇ ୨୮୨ ରନ କରିଛି। ତେବେ ଉତ୍ତରାଖଣ୍ଡ ଇନିଂସ ଅଗ୍ରଣୀ ସହ ୪୭ ରନ ଆଗରେ ରହିଛି। ଇନ୍ଦୋରରେ ଚାଲିଥିବା ମ୍ୟାଚରେ ଜମ୍ମୁ-କାଶ୍ମୀର ଇନିଂସ ଅଗ୍ରଣୀ ହାସଲ କରିଛି। ଜମ୍ମୁ-କାଶ୍ମୀର ପ୍ରଥମ ପାଳିରେ ୧୯୪ ରନ୍ କରିଥିବା ବେଳେ ମଧ୍ୟପ୍ରଦେଶ ୧୫୨ ରନ କରି ଇନିଂସ ପଛୁଆ ରହିଥିଲା। ଜମ୍ମୁ-କାଶ୍ମୀର ଦ୍ୱିତୀୟ ପାଳିରେ ୫ ୱିକେଟ୍ ହରାଇ ୮୪ ରନ୍ କରିଛି। ତେଣୁ ଦଳ ୧୨୬ ରନର ଅଗ୍ରଣୀ ହାସଲ କରିଛି।

## ଦିବାରାତ୍ର ଭଲିବଲ ପ୍ରତିଯୋଗିତା : କରଞ୍ଜିଆ ଚାମ୍ପିଅନ

ପାଟଣା,୭।୨(ସବ୍ୟୁ): କେନ୍ଦୁଝର ଜିଲ୍ଲା ବଡ ପାଟଣା ପଞ୍ଚାୟତ ସୁଆମ ବୀରଜୟ ଗୋବିନ୍ଦପୁର ଶାସନ ରେ ଶୁକ୍ରବାର ଦିନ ଭଲିବଲ ପ୍ରତିଯୋଗିତା ଉଦଯାପିତ ହୋଇଛି ।ଏହି ଭଲିବଲ ଉଦଯାପିତ ଦିବସରେ ମୁଖ୍ୟଅତିଥି ଭାବେ ଜଣାଶୁଣା ସମାଜସେବୀ ବିବେକାନନ୍ଦ ଦାଶ ଯୋଗଦାନ କରିବା ବେଳେ ସମ୍ମାନୀୟ ଅତିଥି ଭାବେ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଖେଳ ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁ, ପାଟଣା ଥାନାର କାର୍ଯ୍ୟା ରତ ଅଫିସର ଧନେଶ୍ୱର ପାତ୍ର ଏବଂ ଭଲିବଲ ଖେଳକୁ ପରିଚାଳନା କରିଥିବା ବାରିପଦା ରୁ ଆସିଥିବା ଦୁଇ ଅମ୍ପେୟାର ରାଜେଶ କୁମାର ସାହୁ, କିସାନ କୁମାର ମହାନ୍ତ ଖେଳକୁ ସୁନ୍ଦର ଭାବରେ ତାଙ୍କର ଦାଇ ବହନ କରିଥିଲେ ।ଏହି ଭଲିବଲ ପ୍ରତିଯୋଗିତାରେ ମୋଟ ୬ଟି ଦଳ ଭାଗ ନେଇଥିଲେ ।ଏହି ୬ଟି ଦଳ ମଧ୍ୟରେ କଡା ଟMର ହୋଇଥିଲା । ସେଥିମଧ୍ୟରୁ ଫାଇନାଲରେ ସୁଆମ ବନାମ କରଞ୍ଜିଆ ଖେଳ ହୋଇଥିଲା ।କରଞ୍ଜିଆ ଟିମି ଟି ସୁଆମ ଟିମି କୁ ୨/୦ ରେ ପରାସ୍ତ କରି ବିଜେତା ହୋଇଥିଲା । ଏହି ଭଲିବଲ ଖେଳରେ ବିଜେତା କରଞ୍ଜିଆ ଟିମି କୁ ୫୦୦୦ ଟଙ୍କା ସହ ଟ୍ରଫି ଦିଆଯିବା ସହ ଦିତୀୟ ସ୍ଥାନରେ ସୁଆମ ଟିମି କୁ ୩୦୦୦ ଟଙ୍କା ସହ ଟ୍ରଫି ମଧ୍ୟ ପ୍ରଦାନ କରାଯାଇଥିଲା ।

## ୧୧ ଦଳରେ ୬୯ ଏସୀୟ ବଂଶୋଦ୍ଭବ

ନୂଆଦିଲ୍ଲୀ,୭।୨(ଏଜେନ୍ସି): ଟି-୨୦ ବିଶ୍ୱକପରେ ଏଥର ୨୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ମହାକୁମ୍ଭରେ ବିଭିନ୍ନ ଦେଶ ପକ୍ଷରୁ ୪୦ ଜଣ ଭାରତୀୟ ଖେଳୁଛନ୍ତି। ସେହିପରି ୧୧ ଦେଶ ପକ୍ଷରୁ ମୋଟ୍ ଉପରେ ୬୯ ଜଣ ଏସୀୟ ବଂଶୋଦ୍ଭବ ଅଂଶଗ୍ରହଣ କରିଛନ୍ତି। କାନାଡା ଓ ଆମେରିକା ଦଳରେ ସର୍ବାଧିକ ଏସୀୟ ଖେଳାଳି ଅଛନ୍ତି। ଉତ୍ତର ଆମେରିକାର ଟିମ ଗୁଡିକରେ ୧୯ ଭାରତୀୟ ଏବଂ ମୋଟ୍ ଉପରେ ୨୬ ଏସୀୟ ଖେଳାଳି ସାମିଲ ଅଛନ୍ତି। ଆମେରିକା ଓ ଓମାନରେ ଭାରତ ଏବଂ ପାକିସ୍ତାନର ଖେଳାଳିଙ୍କ ପ୍ରଭାବ ଅଧିକ ରହିଛି। ୟୁଏଇରେ ୭ ଜଣ ଭାରତୀୟ ଏବଂ ୫ ଜଣ ପାକିସ୍ତାନ ଖେଳାଳି ଅଛନ୍ତି। ଓମାନ ଦଳରେ ଭାରତ ଓ ପାକିସ୍ତାନର ୭ ଜଣ ଖେଳାଳି ଅଛନ୍ତି। ସେହିପରି ନ୍ୟୁଜିଲାଣ୍ଡ ପକ୍ଷରୁ ଭାରତୀୟ ବଂଶୋଦ୍ଭବ ରଚିନ ରବିନ୍ଦ୍ର, ଇସ ସୋଧି, ଦଆଫ୍ରିକାରୁ କେଶବ ମହାରାଜ, ନେଦରଲାଣ୍ଡସରୁ ଆର୍ଯ୍ୟନ ଦତ୍ତ ଖେଳୁଛନ୍ତି। ଏସୀୟ ଖେଳାଳିମାନଙ୍କୁ ନେଇ ୬ଟି ନୂଆ ଏକାଦଶ ଗଠନ କରାଯାଇପାରିବ।

## ବିସିସିଆଇର ଟଙ୍କା ବର୍ଷା

ନୂଆଦିଲ୍ଲୀ,୭।୨(ଏଜେନ୍ସି): ଭାରତୀୟ ଦଳ ଷଷ୍ଠଥର ପାଇଁ ୧୯ ବର୍ଷରୁ କମ ବିଶ୍ୱକପ ଟାଇଟଲ ଜିତିଛି। ଅଧିନାୟକ ଆୟୁଷ ମହାତ୍ରେଙ୍କ ନେତୃତ୍ୱରେ ଭାରତୀୟ ଦଳ ହରାରେରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଇଂଲଣ୍ଡକୁ ୧୦୦ ରନରେ ପରାସ୍ତ କରି ଟ୍ରଫି ହାତେଇଛି। ୧୯ ବର୍ଷରୁ କମ ବିଶ୍ୱକପ ଚାମ୍ପିଅନଙ୍କ ଖୁସିକୁ ଆହୁରି ବଢ଼ାଇଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)। କାରଣ ବିସିସିଆଇ ୭.୫ କୋଟି ଟଙ୍କା ପୁରସ୍କାର ଘୋଷଣା କରିଛି। ଭାରତର ଟାଇଟଲ ବିଜୟ ପରେ ସାଇକିଆ କହିଛନ୍ତି ୨୦୨୬ ମସିହାରେ ୧୯ ବର୍ଷରୁ କମ୍ ବିଶ୍ୱକପ ଜିତିବା ପରେ ଏବଂ ବିସିସିଆଇ ଦଳ ଉପରେ ଗର୍ବିତ। ଫାଇନାଲରେ ଇଂଲଣ୍ଡକୁ ପରାସ୍ତ କରିବା ତଥା ଟୁର୍ଣ୍ଣାମେଣ୍ଟରେ ଅପରାଜିତ ରହିଥିବାରୁ ଆମେ ସମସ୍ତେ ଗର୍ବିତ। ବିସିସିଆଇ ପକ୍ଷରୁ ଦଳକୁ ୭.୫ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯିବ।

# ବିକ୍ରି ହେବ ଆରସିବି

ନୂଆଦିଲ୍ଲୀ,୭।୨(ଏଜେନ୍ସି): ଆଇପିଏଲର ଅନ୍ୟତମ ଫ୍ରାଞ୍ଚାଇଜ୍ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିକ୍ରି ହୋଇଯିବ। ମାଞ୍ଚେଷ୍ଟର ୟୁନାଇଟେଡ ଏକ୍ସିକ୍ୟୁଟିଭ କୋଚ-ଚେୟାରମ୍ୟାନ ଅଭରାମ ଗ୍ଲେଜର ବେଙ୍ଗାଲୁରୁକୁ କିଣିବା ପାଇଁ ୧.୮ ବିଲିୟନ ଡଲାର ନିଲାମ ଡାକିଛନ୍ତି। ଗ୍ଲେଜର ନିଲାମ ଡାକିବା ଅର୍ଥ ଏପର୍ଯ୍ୟନ୍ତ ବେଙ୍ଗାଲୁରୁ ଫ୍ରାଞ୍ଚାଇଜ୍ ପାଇଁ ମିଳିଥିବା ନିଲାମୀ ଠାରୁ ଅଧିକ। ଆଇପିଏଲ୍ ଏବଂ ଏହାର ଫ୍ରାଞ୍ଚାଇଜ୍ ବିଶ୍ୱସ୍ତରରେ ଲୋକପ୍ରିୟତା ବଢ଼ିବାରେ ଲାଗିଛି। ଆରସିବି ବର୍ତ୍ତମାନର ମାଲିକ ଡିଆଜିଓ ଏହି ଫ୍ରାଞ୍ଚାଇଜକୁ ବିକ୍ରି କରିବାକୁ ଯୋଜନା କରୁଛନ୍ତି। ଏହି ପ୍ରକ୍ରିୟାରେ ଏପର୍ଯ୍ୟନ୍ତ ୯ ଜଣ ନିଲାମୀ ଡାକୁଛନ୍ତି। ଯେଉଁଥିରେ ଏକ ବିଲିୟନ ଡଲାରକୁ ଗ୍ଲେଜରଙ୍କ ୧.୮ ବିଲିୟନ ଡଲାର ରହିଛି। ଏହି ଡିଲ ପୂରା ହେଲେ ଭାରତୀୟ କ୍ରୀଡା ଇତିହାସରେ ସବୁଠୁ ବଡ଼ ଫ୍ରାଞ୍ଚାଇଜ୍ ଟ୍ରାଞ୍ଜାକସନ ହେବ।

ଗ୍ଲେଜର ପରିବାର କ୍ରିକେଟରେ ନିବେଶ କରିବାରେ ନୂଆ ନୁହେଁ। ଗ୍ଲେଜର ପରିବାର ୟୁଏଇର ଆଇଏଲ ଟି-୨୦ ଲିଗର ଟିମ ଡେଜର୍ଟ ଭାଇପର୍ସର ମାଲିକ। ଏହା ପୂର୍ବରୁ ୨୦୨୧ରେ ଆଇପିଏଲର ସମ୍ପ୍ରସାରଣ ସମୟରେ ଗ୍ଲେଜର ପରିବାର ଆଗ୍ରହ ଦେଖିବାକୁ ମିଳିଥିଲା। ସେତେବେଳେ କୌଣସି ଡିଲ ହୋଇପାରିନଥିଲା।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

# ରାଜ୍ୟ ଅବକାରୀ କ୍ରୀଡା ସମାରୋହ ଉଦ୍‌ଘାଟିତ

କଟକ,,୭।୨(ସବ୍ୟୁ): ରାଜ୍ୟ ସରକାର ବେଆଇନ ନିଶା ଓ ମାଦକ ଦ୍ରବ୍ୟ କାରବାରକୁ ରୋକିବା ଦିଗରେ ଦୃଢ ସଂକଳ୍ପ ବଦ୍ଧ ଅଛନ୍ତି । ଏଥିନେଇ ଅବକାରୀ ବିଭାଗ ପକ୍ଷରୁ "ନିଶା ନୁହେଁ ଜୀବନ" ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଅବକାରୀ ବିଭାଗର ଦକ୍ଷ ଅଧିକାରୀଙ୍କ ଦ୍ୱାରା ନିୟମିତ ଚଢ଼ାଉ ଫଳରେ ବହୁ ବେଆଇନ ନିଶା ଓ ମାଦକ ଦ୍ରବ୍ୟ କାରବାର ଅଞ୍ଚଳକୁ ଧ୍ୱଂସ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତି ବିଶେଷ ଗିରଫ ହୋଇଛନ୍ତି । ଆଗାମୀ ଦିନରେ ଏହି ଧରଣର ଚଢ଼ାଉ ପ୍ରକ୍ରିୟାକୁ ଜୋରଦାର କରାଯିବା ସହ ବିଭାଗରେ ଅନେକ ସଂସ୍କାର ଆସିବାକୁ ଯାଉଛି । ଏଥିଲାଗି ସବୁ ଅଧିକାରୀ ଓ କର୍ମଚାରୀଙ୍କୁ ଯୁଗପଯୋଗୀ ହେବାକୁ ପଡିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।

କଟକ ସ୍ଥିତ ସତ୍ୟବ୍ରତ ଷ୍ଟାଡିୟମ ଠାରେ ଅବକାରୀ ବିଭାଗର ୫୧ ତମ ବାର୍ଷିକ କ୍ରୀଡ଼ା ଉତ୍ସବକୁ ଉଦଘାଟନ କରି କହିଲେଯେ କାର୍ଯ୍ୟକ୍ଷେତ୍ରରେ ସଫଳ ହେବାକୁ ହେଲେ ନିଷ୍ଠାବାନ ହେବା ସହ ଉଭୟ ଶାରୀରିକ ଓ ମାନସିକ ଭାବେ



ସୁସ୍ଥ ରହିବାକୁ ପଡିବ । ଉଦଘାଟିତ ଏହି କ୍ରୀଡ଼ା ଉତ୍ସବ ବିଭାଗର ଅଧିକାରୀ ଓ କର୍ମଚାରଙ୍କ ମଧ୍ୟରେ ଖେଳୁଆଡ଼ ଭାବନା ସୃଷ୍ଟି କରିବା ସହ ଭବିଷ୍ୟତରେ ସେମାନଙ୍କୁ ଅଧିକ ଦକ୍ଷ କରି ଗଢ଼ିତୋଳିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ । ସମ୍ମାନିତ ଅତିଥି ଭାବେ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, ଅବକାରୀ ଆୟୁକ୍ତ ପି. ଅନ୍ୱେଷା ରେଡ୍ଡି, ପୂର୍ବତନ ଅଲିମ୍ପିକ କ୍ରୀଡ଼ାବିତ ଡ଼. ଅନୁରାଧା ବିଶ୍ୱାଳ ଏବଂ କଳାକାର ତଥା ସମାଜସେବୀ ପିଙ୍କି ପ୍ରଧାନ ଉପସ୍ଥିତ ରହି ଉଦ୍‌ଘଟନୀ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ ଥିଲେ । ଉତ୍ସବରେ ଅବକାରୀ ବିଭାଗ, ଅବକାରୀ ନିର୍ଦ୍ଦେଶାଳୟ ଓ ଓଏସବିସିର ଅଧିକାରୀ ଓ କର୍ମଚାରୀବୃନ୍ଦ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଉଦଘାଟନୀ କାର୍ଯ୍ୟକ୍ରମର ଏକ ଆକର୍ଷଣୀୟ ଅଂଶ ଭାବେ ଧନେଶ୍ୱର ବରାଦ, ଡିଏସଇଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଏକ ସୁସଂଗଠିତ ପରେଡ଼ ଆୟୋଜିତ ହୋଇଥିଲା । ଏହାପରେ ମୁଖ୍ୟ ଅତିଥି ତଥା ମନ୍ତ୍ରୀ ହରିଚନ୍ଦନ ଅବକାରୀ ବିଭାଗର ସଫଳତା ସମ୍ବଳିତ ଏକ ପୁସ୍ତିକା ଏବଂ ନିଶାଦ୍ରବ୍ୟ ଦ୍ରବ୍ୟ ବିରୁଦ୍ଧରେ ଜନସଚେତନତା ବୃଦ୍ଧି ନିମନ୍ତେ ପ୍ରସ୍ତୁତ ଆଇଇସି ଭିଡିଓକୁ ଉନ୍ମୋଚନ କରିଥିଲେ ।

ଦୁଇଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡା ଉତ୍ସବରେ ଓଡିଶାର ସମସ୍ତ ୩୩ଟି ଅବକାରୀ ଜିଲ୍ଲା ଓ ୪ଟି ଇଆଇ ଆଣ୍ଡ ଏଫବି ୟୁନିଟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତାରେ ସର୍ବମୋଟ ୧୬ଟି ବିଭାଗରେ ୮୦୯ ଜଣ ପୁରୁଷ ପ୍ରତିଯୋଗୀ ଏବଂ ୧୧ଟି ବିଭାଗରେ ୧୮୧ ଜଣ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାରେ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ୧୦୦ ମି ଦୌଡ଼, ୨୦୦ ମି ଦୌଡ଼, ୪୦୦ମି ଦୌଡ଼, ୮୦୦ ମି ଦୌଡ଼, ୧୫୦୦ ମି ଦୌଡ଼, ୩୦୦୦ ମି ଦୌଡ଼, ଲମ୍ବା ଡିଆଁ, ଉଚ୍ଚ ଡ଼ିଆଁ, ଟ୍ରିପଲ ଜମ୍ପ, ସଟ ଫୁଟ ଥ୍ରୋ, ଦିସ୍କସ ଥ୍ରୋ, ଜାଭେଲିନ ଥ୍ରୋ, ଭୋଲି ବଲ୍, ବ୍ୟାଡମିଣ୍ଟନ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି । ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉଦଘାଟନୀ ଦିବସରେ ଅବକାରୀ ବିଭାଗର କର୍ମଚାରୀମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପ୍ରଦର୍ଶିତ ହୋଇଥିଲା । କ୍ରୀଡା ଉତ୍ସବଟି ୮ ତାରିଖ ଅପରାହ୍ନ ତିନି ଘଟିକା ସମୟରେ ଉଦଯାପନ ହେବାର କାର୍ଯ୍ୟକ୍ରମ ରହିଅଛି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି